ଆଜି - ରବିବାର
ତାରିଖ - ୧୨ ଅପ୍ରେଲ ୨୦୨୬
ମାସ - ମୀନ, ଦିନ - ୨୯
ତିଥି - ଦଶମୀ, ପକ୍ଷ-କୃଷ୍ଣ
ନକ୍ଷତ୍ର - ଶ୍ରବଣା, ମକର, ଚନ୍ଦ୍ର
ସୂର୍ଯ୍ୟୋଦୟ - ୫: ୩୫: ୦୦
ସୂର୍ଯ୍ୟାସ୍ତ - ୬ : ୦୦ : ୦୦

E-mail: ajikalibls@gmail.com

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition AJIKALI ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି


"ଶକ୍ତି ବିଜୟରୁ ପ୍ରାପ୍ତ ହୋଇ ନଥାଏ । କଠିନ ପରିସ୍ଥିତି ଦେଇ ଗତି କରୁଥିବା ସମୟରେ ପରିସ୍ଥିତି ସାମ୍ନାରେ ମୁଣ୍ଡ ନ ନୁଆଁଇବା ନିଷ୍ପତି ନେବା ହିଁ ଶକ୍ତି ।"

- ରମହାତ୍ମା ଗାନ୍ଧୀ


E-News : www.Ajikali epaper.com

Vol.- 40 ISSUE- 358 R.N.I. REGD. No. 44026/86 ବାଲେଶ୍ୱର ୧୨ ଅପ୍ରେଲ ୨୦୨୬ ରବିବାର BALASORE 12 APRIL 2026 SUNDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ – ଟ.୨.୦୦


## ପଶ୍ଚିମବଙ୍ଗ କଟଓ୍ୱାରେ ନିର୍ବାଚନୀ ସଭାକୁ ସମ୍ବୋଧିତ କଲେ ପ୍ରଧାନମନ୍ତ୍ରୀ

କୋଲକାତା: ପଶ୍ଚିମବଙ୍ଗରେ ନିର୍ବାଚନୀ ପ୍ରଚାର ଜୋରଦାର ଚାଲିଛି । ଆଜି ପ୍ରଧାନମନ୍ତ୍ରୀ ମୋଦି କଟଓ୍ୱାରୁ ଏକ ଭିଡିଓ ସେୟାର କରିଛନ୍ତି, ଯେଉଁଥିରେ ବଙ୍ଗଳାର ମନୋଭାବ ବର୍ଣ୍ଣନା କରାଯାଇଛି । ତାଙ୍କ ପଛରେ ଥିବା ଭିଡ଼କୁ ଇଙ୍ଗିତ କରି ସେ କହିଛନ୍ତି, "ମୋର ପ୍ରିୟ ଦେଶବାସୀ, ଆପଣମାନେ ବଙ୍ଗଳାର ମନୋଭାବ ଦେଖିପାରୁଛନ୍ତି ।" ସେ କହିଛନ୍ତି, "ଏହା ଆଜିର ମୋର ପ୍ରଥମ ସଭା । ହଜାର ହଜାର ଲୋକ, ଯୁବକ, ମା' ଏବଂ ଭଉଣୀମାନେ କେବଳ ହେଲିପ୍ୟାଡରେ ଏକାଠି ହୋଇଛନ୍ତି । ଏହି ଦୃଶ୍ୟ ଆଶ୍ଚର୍ଯ୍ୟଜନକ । ବର୍ତମାନ, ଲୋକମାନେ ଏକ ସାଧାରଣ ସଭାରେ ମୋ ପାଇଁ ଅପେକ୍ଷା କରିଛନ୍ତି, ତେଣୁ ମୋତେ ଯିବାକୁ ପଡିବ ।" ଏହି ବିଧାନସଭା ନିର୍ବାଚନ ପାଇଁ ଭୋଟ୍ ୨୩ ଏବଂ ୨୯ ଏପ୍ରିଲରେ ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବ । ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପଶ୍ଚିମବଙ୍ଗର ପୂର୍ବ ବର୍ଦ୍ଧମାନ ଜିଲ୍ଲାର କଟଓ୍ୱାରେ ଏକ ସାଧାରଣ ସଭାକୁ ସମ୍ବୋଧିତ



କରିଛନ୍ତି । ସେ କହିଛନ୍ତି, "ଅନୁପ୍ରବେଶକାରୀମାନେ ସେମାନଙ୍କର ବ୍ୟାଗ ପ୍ୟାକ୍ କରିବା ଆରମ୍ଭ କରିବା ଉଚିତ; ଏବେ ଚାଲିଯିବାର ସମୟ । ଯେଉଁମାନେ ଅବୈଧ ପ୍ରବାସୀଙ୍କୁ ସାହାଯ୍ୟ କରନ୍ତି ସେମାନଙ୍କୁ ଛଡ଼ାଯିବ ନାହିଁ ।" ଶନିବାର ପ୍ରଧାନମନ୍ତ୍ରୀ ମୋଦି ଏବଂ ଗୃହମନ୍ତ୍ରୀ ଅମିତ ଶାହ ପଶ୍ଚିମବଙ୍ଗ ଗସ୍ତରେ ଅଛନ୍ତି । ପୂର୍ବ ବର୍ଦ୍ଧମାନରେ ଏକ ରାଲିକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ମୋଦି ମମତା ସରକାରଙ୍କ ଉପରେ ବର୍ଷିଛନ୍ତି ଓ ଏପରି କହିଛନ୍ତି । ସାରାଦେଶରେ ନିର୍ବାଚନୀ ମାହୋଲ ରହିଛି । ୩ ରାଜ୍ୟରେ ବିଧାନସଭା ନିର୍ବାଚନ ପରେ ପଶ୍ଚିମବଙ୍ଗ ଏବଂ ତାମିଲନାଡୁରେ ନିର୍ବାଚନ ଏବେ ପାଖେଇ ଆସୁଛି । ରାଜନୈତିକ ଦଳଗୁଡ଼ିକ ପୂର୍ଣ୍ଣ ଶକ୍ତିର ସହିତ ପ୍ରଚାର କରୁଛନ୍ତି । ପ୍ରଚାର ସମୟରେ ପଶ୍ଚିମବଙ୍ଗରେ "ବଡ଼ ଖେଳ" ଆରମ୍ଭ ହେବାକୁ ଯାଉଛି ବୋଲି କହିଛନ୍ତି ମୋଦି । ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ପଶ୍ଚିମବଙ୍ଗରେ ଏକ ବଡ଼ ରାଜନୈତିକ ମୁକାବିଲା ହେବାକୁ ଯାଉଛି । ବିଜେପି ଟିଏମସିର ସରକାର ଦ୍ୱାରା ସୃଷ୍ଟି ହୋଇଥିବା ଭୟର ବାତାବରଣକୁ ଆତ୍ମବିଶ୍ୱାସର ବାତାବରଣରେ ପରିଣତ କରିବାକୁ ଗ୍ୟାରେଂଟି ଦେଉଛି । ଏଥିପାଇଁ ବ୍ୟାପକ ଯୋଜନା ବିଜେପିର ଘୋଷଣାପତ୍ରରେ ଉଲ୍ଲେଖ କରାଯାଇଛି । ବିଜେପି ଦୁର୍ନୀତି ଏବଂ ଆଇନ ଶୃଙ୍ଖଳା ସ୍ଥିତି ଉପରେ ଏକ ଶ୍ୱେତପତ୍ର ପ୍ରକାଶ କରିବାକୁ ଚାହୁଁଛି, ଯାହା ନିଶ୍ଚିତ କରିବ ଯେ ପ୍ରତ୍ୟେକ ସିଣ୍ଡିକେଟ୍, ପ୍ରତ୍ୟେକ ଦୁର୍ନୀତିଗ୍ରସ୍ତ ବିଧାୟକ ଏବଂ ପ୍ରତ୍ୟେକ ମନ୍ତ୍ରୀ ଆଇନଗତ ଭାବରେ ଦାୟୀ ।

## କେନ୍ଦୁଝର ଚନ୍ଦ୍ରଶେଖର ସରକାରୀ ଉଚ୍ଚ ବିଦ୍ୟାଳୟର ଶତବାର୍ଷିକୀ ଉତ୍ସବରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ



କେନ୍ଦୁଝର (ନି.ପ୍ର.) : ଶିକ୍ଷକମାନେ କେବଳ ପାଠ ପଢ଼ାନ୍ତି ନୁହେଁ, ସେମାନେ ଛାତ୍ରଛାତ୍ରୀଙ୍କ ଚରିତ୍ର ଗଢ଼ନ୍ତି ଓ ସଠିକ୍ ଜୀବନମାର୍ଗ ଦେଖାନ୍ତି, ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୋଦାପଳସା ସ୍ଥିତ ଚନ୍ଦ୍ରଶେଖର ସରକାରୀ ଉଚ୍ଚ ବିଦ୍ୟାଳୟର ଶତବାର୍ଷିକୀ ଉତ୍ସବ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିଦ୍ୟାଳୟର ଭିତିଭୂମି ବିକାଶ ପାଇଁ ୩ କୋଟି ଟଙ୍କା ଅନୁଦାନ ଘୋଷଣା କରିଥିଲେ ଓ ବିଦ୍ୟାଳୟକୁ ୭ ଏକର ଜମି ଯୋଗାଇ ଦେବାପାଇଁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ । କାର୍ଯ୍ୟକ୍ରମରେ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ନୂତନ ସରକାର ଗଠନ ପରେ ଶିକ୍ଷା କ୍ଷେତ୍ରରେ ବ୍ୟାପକ ପରିବର୍ତନ ଆଣିବାକୁ ଅନେକ ଯୋଜନା ଓ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି । ଗତ ଦେଢ଼ ବର୍ଷରେ ପ୍ରାୟ ୨୦ ହଜାର ଶିକ୍ଷକ ନିଯୁକ୍ତି ହୋଇଥିବା ବେଳେ ଆଗାମୀଦିନରେ ଆହୁରି ୪୫ ହଜାର ନୂତନ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ଜାରି ରହିଛି ଏଥିସହିତ ୧୩ ହଜାର ସ୍କିମାଟିକ୍ ଶିକ୍ଷକଙ୍କୁ ମଧ ନିୟମିତ କରାଯାଇଛି । ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ, ୨୦୨୬-୨୭ ଆର୍ଥିକ ବର୍ଷରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପାଇଁ ୩୧,୯୯୭ କୋଟି ଟଙ୍କାରୁ ଅଧିକ ପ୍ରାବଧାନ ରଖାଯାଇଛି, ଯାହା ମୋଟ ବଜେଟର ୧୦.୩ ପ୍ରତିଶତ । ରାଜ୍ୟର ପ୍ରତ୍ୟେକ ପଂଚାୟତରେ ଗୋଟିଏ କରି ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ ପାଇଁ ପଦକ୍ଷେପ ନିଆଯାଇଛି ଏବଂ ପ୍ରଥମ ପର୍ଯ୍ୟାୟରେ ୨,୨୦୦ ପଂଚାୟତରେ ଏହାର କାମ ଆରମ୍ଭ ହୋଇଛି । ସେହିପରି ପିଏମ୍ ଶ୍ରୀ ଯୋଜନାରେ ରାଜ୍ୟର ୮୦୦ ବିଦ୍ୟାଳୟକୁ ଉତ୍କର୍ଷ କେନ୍ଦ୍ରରେ ପରିଣତ କରାଯାଉଥିବା ସହ ନିପୁଣ ଓଡ଼ିଶା ମିଶନ ମାଧମରେ ଛାତ୍ରଛାତ୍ରୀଙ୍କ ମୌଳିକ ସ୍ୱାକ୍ଷରତା ଓ ସଂଖ୍ୟାଜ୍ଞାନ ବିକାଶ ଉପରେ ଜୋର ଦିଆଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଏହି କାର୍ଯ୍ୟକ୍ରମରେ ତେଲକୋଇ ବିଧାୟକ ଶ୍ରୀ ଫକିର ମୋହନ ନାୟକ, ପାଟଣା ବିଧାୟକ ଶ୍ରୀ ଅଖିଳ ଚନ୍ଦ୍ର ନାୟକ, କେନ୍ଦୁଝର ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷା ଶ୍ରୀମତୀ ମମିତା ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରଧାନଶିକ୍ଷକ ଶ୍ରୀ ନିଳାମ୍ବର ମହାନ୍ତ ସ୍ୱାଗତ ଭାଷଣ ଦେଇଥିବା ବେଳେ ସମାଜସେବୀ ଶ୍ରୀ ଜଗନ୍ନାଥ ସିଂହ ଧନ୍ୟବାଦ ଜଣାଇଥିଲେ ।

## ଅଳ୍ପରେ ଖବର

» ବିଦ୍ୟାଳୟ ସ୍ତରରେ ପିଲାମାନଙ୍କର କ୍ରୀଡ଼ା ପ୍ରତି ଆଗ୍ରହ ସୃଷ୍ଟି ସହ ପ୍ରତିଭା ଅନ୍ୱେଷଣ ଉଦ୍ଦେଶ୍ୟରେ ଖୋର୍ଦ୍ଧା ଜିଲ୍ଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଟ୍ରଫି ୨.୦ର ଶୁଭାରମ୍ଭ ହୋଇଛି । ଭୁବନେଶ୍ୱର ଆଥଲେଟିକ୍ ଆସୋସିଏସନ୍ ପକ୍ଷରୁ ୟୁନିଟ୍-୧ ସ୍ଥିତ ଫୁଟବଲ୍ ଏକାଡେମୀ ପରିସରରେ ଏହି ପ୍ରତିଯୋଗିତାର ଶୁଭାରମ୍ଭ ହୋଇଛି ।

» ମହାନଦୀ ଜଳ ବିବାଦ ନେଇ ଟ୍ରିବ୍ୟୁନାଲଙ୍କ ଅବଧି ବୃଦ୍ଧିକୁ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କହିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ।

» ରାଜ୍ୟରେ ପାନୀୟ ଜଳ ନିଗମ ଗଠନ ହେବ ବୋଲି ପଂଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ଏସମ୍ପର୍କରେ ଓଡ଼ିଶାର ଏକ ଟିମ୍ ଖୁବ୍ ଶୀଘ୍ର ମଧ୍ୟପ୍ରଦେଶ ଓ କର୍ଣ୍ଣାଟକକୁ ଯିବ ।

» 'ଛେନାପୋଡ଼ ଦିବସ'ରେ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ରାଜ୍ୟପାଳ ଡ.ହରିବାବୁ କମ୍ଭମପତି । ଏନେଇ ସୋସିଆଲ ମିଡିଆ ଏକ୍ସରେ ରାଜ୍ୟପାଳ କହିଛନ୍ତି ଯେ, ଓଡ଼ିଶାର ସମୃଦ୍ଧ ସଂସ୍କୃତି ଓ ପରମ୍ପରାର ଅନନ୍ୟ ପରିଚୟ 'ଛେନାପୋଡ଼' ।

## ୟୁଏଇରେ ଶୀର୍ଷ ନେତୃତ୍ୱଙ୍କ ସହ ଆଲୋଚନା କଲେ କେନ୍ଦ୍ରମନ୍ତ୍ରୀ ଏସ୍. ଜୟଶଙ୍କର

ନୂଆଦିଲ୍ଲୀ : ମଧ୍ୟପ୍ରାଚ୍ୟରେ ଲାଗି ରହିଥିବା ଉତେଜନା ଏବଂ ଯୁଦ୍ଧ ପରିସ୍ଥିତି ମଧରେ ନିଜର ଶକ୍ତି, ପ୍ରତିରକ୍ଷା ଏବଂ ବାଣିଜ୍ୟିକ ସ୍ୱାର୍ଥ ରକ୍ଷା ପାଇଁ ଭାରତ ନିଜର କୂଟନୈତିକ ସକ୍ରିୟତାକୁ ବୃଦ୍ଧି କରିଛି । ଗୋଟିଏ ପଟେ ବିଦେଶ ମନ୍ତ୍ରୀ ଏସ୍. ଜୟଶଙ୍କର ୟୁଏଇ ଗସ୍ତରେ ଥିବାବେଳେ, ଅନ୍ୟପଟେ ବିଦେଶ ସଚିବ ବିକ୍ରମ ମିସ୍ରି ଆମେରିକା ପରେ ଏବେ ୟୁରୋପର ଦୁଇ ପ୍ରମୁଖ ଦେଶ ଫ୍ରାନ୍ସ ଓ ଜର୍ମାନୀ ଗସ୍ତରେ ଯାଉଛନ୍ତି । ଆମେରିକାରେ



ଟ୍ରମ୍ପ ପ୍ରଶାସନର ବରିଷ୍ଠ ଅଧିକାରୀ ଓ ବିଦେଶ ମନ୍ତ୍ରୀ ମାର୍କୋ ରୁବିଓଙ୍କୁ ଭେଟିବା ପରେ ବିଦେଶ ସଚିବ ବିକ୍ରମ ମିସ୍ରି ରବିବାରଠାରୁ ପ୍ୟାରିସ୍ ଏବଂ ବର୍ଲିନ୍ର ତିନି ଦିନିଆ ଗସ୍ତ ଆରମ୍ଭ କରୁଛନ୍ତି । ମଧ୍ୟପ୍ରାଚ୍ୟ ସଙ୍କଟ ଯୋଗୁଁ ଭାରତର ଶକ୍ତି ସୁରକ୍ଷା ଯେପରି ପ୍ରଭାବିତ ନହୁଏ, ସେଥିପାଇଁ ୟୁରୋପୀୟ ଦେଶଗୁଡ଼ିକ ସହ ମିଶି ବିକଳ୍ପ ରଣନୀତି ପ୍ରସ୍ତୁତ କରିବା ଏହି ଗସ୍ତର ମୂଳ ଲକ୍ଷ୍ୟ । ପ୍ୟାରିସରେ ବିଦେଶ ସଚିବ ଭାରତ-ଫ୍ରାନ୍ସ ବିଦେଶ କାର୍ଯ୍ୟାଳୟ ପରାମର୍ଶର ସହ-ଅଧକ୍ଷତା କରିବେ । ଏଠାରେ ପ୍ରତିରକ୍ଷା, ପରମାଣୁ ଶକ୍ତି, ମହାକାଶ ଗବେଷଣା, ସାଇବର ସୁରକ୍ଷା ଏବଂ ଆର୍ଟିଫିସିଆଲ୍ ଇଂଟେଲିଜେନ୍ସ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ହେବ । ବର୍ଲିନରେ ଜର୍ମାନ ପ୍ରତିପକ୍ଷଙ୍କ ସହ ବାଣିଜ୍ୟ, ନିବେଶ, ସ୍ୱଚ୍ଛ ଶକ୍ତି ଏବଂ ବୈଷୟିକ ଜ୍ଞାନକୌଶଳର ଆଦାନପ୍ରଦାନ ଉପରେ ଗୁରୁତ୍ୱ ଦିଆଯିବ । ସେହିପରି ବିଦେଶ ମନ୍ତ୍ରୀ ଏସ୍. ଜୟଶଙ୍କର ବର୍ତମାନ ୟୁଏଇରେ ଅଛନ୍ତି । ସେଠାରେ ସେ ଶକ୍ତି ସୁରକ୍ଷା ଏବଂ ରଣନୈତିକ ଭାଗିଦାରୀକୁ ନେଇ ଶୀର୍ଷ ନେତୃତ୍ୱଙ୍କ ସହ ଆଲୋଚନା କରୁଛନ୍ତି । ଇରାନ-ଆମେରିକା ମଧରେ ଶାନ୍ତି ଆଲୋଚନା ଚାଲିଥିବା ବେଳେ ଭାରତ ନିଜର ତୈଳ ଓ ଗ୍ୟାସ୍ ଆବଶ୍ୟକତା ପାଇଁ ମଧ୍ୟପ୍ରାଚ୍ୟ ଉପରେ ନିର୍ଭରଶୀଳ । ତେଣୁ ଯୁଦ୍ଧ ପରିସ୍ଥିତିରେ ଯେପରି ଶକ୍ତି ସମ୍ପଦର ଦର ବୃଦ୍ଧି ନହୁଏ, ସେଥିପାଇଁ ଭାରତ ପୂର୍ବ ପ୍ରସ୍ତୁତି ଚଳାଇଛି । ମଧ୍ୟପ୍ରାଚ୍ୟରେ ଯଦି ଯୁଦ୍ଧ ଲମ୍ବା ସମୟ ଧରି ଚାଲେ, ତେବେ ଭାରତକୁ ମହଙ୍ଗା ଦରରେ ଶକ୍ତି ସମ୍ପଦ କିଣିବାକୁ ପଡ଼ିପାରେ । ଏହାକୁ ଦୃଷ୍ଟିରେ ରଖି ଭାରତ ଏବେଠାରୁ ବିଶ୍ୱର ପ୍ରଭାବଶାଳୀ ଦେଶମାନଙ୍କ ସହ ସମ୍ପର୍କ ସୁଦୃଢ଼ କରିବାରେ ଲାଗିଛି । ନିକଟରେ ଫ୍ରାନ୍ସ ରାଷ୍ଟ୍ରପତି ଏବଂ ଜର୍ମାନ ଚାନ୍ସଲର ଭାରତ ଗସ୍ତ କରିଥିବା ବେଳେ, ଏହି ଗସ୍ତ ସେହି ସମ୍ପର୍କକୁ ଆଉ ଏକ ପାଦ ଆଗକୁ ନେବ ବୋଲି ଆଶା କରାଯାଉଛି ।

## ରାଜ୍ୟରେ ଖୁବଶୀଘ୍ର ଗଠନ ହେବ ପାନୀୟ ଜଳ ନିଗମ : ପଂଚାୟତିରାଜ ମନ୍ତ୍ରୀ

ଭୁବନେଶ୍ୱର : ରାଜ୍ୟରେ ଖୁବଶୀଘ୍ର ଗଠନ ହେବ ପାନୀୟ ଜଳ ନିଗମ । ଗ୍ରାମ୍ୟ ପାନୀୟ ଜଳ ପରିଚାଳନା ଏବଂ ରକ୍ଷଣାବେକ୍ଷଣ ନୀତି ୨୦୨୬ କାର୍ଯ୍ୟକାରୀ କରିବାରେ ରହିବ ବଡ଼ ଭୂମିକା । ନିଗମ ଗଠନ ନେଇ ଖୁବ୍ ଶୀଘ୍ର ଦୁଇଟି ରାଜ୍ୟକୁ ଓଡିଶା ଟିମ ଯିବ । ଏ ନେଇ ପଂଚାୟତରାଜ ମନ୍ତ୍ରୀ ରବି ନାୟକ ସୂଚନା ଦେଇଛନ୍ତି । ମଧ ପ୍ରଦେଶ ଏବଂ କର୍ଣ୍ଣାଟକକୁ ଟିମ ଯାଇ ନିଗମର ରୂପରେଖ କେମିତି ହେବ ସେ ବାବଦରେ ଅନୁଧ୍ୟାନ କରିବେ । ଆଇଟି ଏବଂ ଡିଜିଟାଲ ପ୍ଲାଟଫର୍ମ ସହ ନିଗମ କାମ କରିବ । ୨୦୭ ମେଗା ପ୍ରକଳ୍ପ, ୧୮୭୦୦ ସିଙ୍ଗଲ ଭାଲଭ, ୬୫୫୧ ସୋଲାର ସିଷ୍ଟମ ପ୍ରକଳ୍ପକୁ ପରିଚାଳନା ନିଗମ ନିରୀକ୍ଷଣ କରିବ । ନୂଆ ନୀତିରେ ମେଗା ପ୍ରକଳ୍ପର ପରିଚାଳନା ଏବଂ



ରକ୍ଷଣାବେକ୍ଷଣ ଦାୟିତ୍ୱ ୫ ବର୍ଷ ପାଇଁ ଗୋଟିଏ ଏଜେନ୍ସୀକୁ ଦିଆଯିବ । ପାଂଚ ବର୍ଷ ପରେ ଦାୟିତ୍ୱ ପଂଚାୟତର ସରପଂଚକୁ ହସ୍ତାନ୍ତର କରିବୁ । ଭିଲେଜ ଓ୍ୱାଟର ସାନିଟେସନ କମିଟିର ଭାଗିଦାରୀରେ ହେବ । ପାଣି ପହଂଚିଲାଣି କି ନାହିଁ, କେଉଁଠି ବିଶୋଧନ ହେବ । ଏହା ଗାଁ କମିଟି ବ୍ଲକକୁ ଅବଗତ କରିବ । ବ୍ଲକ ଜିଲ୍ଲା ତଥା ଭିଲେଜ ଓ୍ୱାଟର ସାନିଟେସନ କମିଟିରେ ଥିବା ମ୍ୟାନେଜରଙ୍କୁ ଜଣାଇବାକୁ ମଧ ଦାୟିତ୍ୱ ଦିଆଯିବ । ୧୯ ଟି ପଏଂଟ ଭାରତ ସରକାର ଦେଇଛନ୍ତି ତାକୁ ଆଧାର କରିକି ସରକାର ନୀତି ପ୍ରଣୟନ କରିଛନ୍ତି ବୋଲି ପଂଚାୟତିରାଜ ମନ୍ତ୍ରୀ କହିଛନ୍ତି ।

## ଆଜିଠାରୁ ବଢ଼ିବ ତାତି: ୧୧ ଜିଲ୍ଲାକୁ ୟେଲୋ ଓ୍ୱାର୍ଣ୍ଣିଂ ଜାରି

ଭୁବନେଶ୍ୱର: ଏପ୍ରିଲ୍ ଦ୍ୱିତୀୟ ସପ୍ତାହ ଆରମ୍ଭ ହେବା ସହିତ ପାଗ ସମ୍ପୂର୍ଣ୍ଣ ପରିବର୍ତନ ହୋଇଯାଇଛି । ସୂର୍ଯ୍ୟ ଏବେ ଉତର ଭାରତରେ ସିଧାସଳଖ ଉପର ମୁଣ୍ଡରେ ଅଛି ଏବଂ ଅପରାହ୍ନର ଗରମ ଲୋକଙ୍କୁ ଜ୍ୱଳାଉଛନ୍ତି । ଆଜିଠୁ କଲବଲ କରିବ ତାତି । ପଶ୍ଚିମରେ ତାତି, ଉପକୂଳରେ ଗୁଳୁଗୁଳିରେ ସନ୍ତୁଳି ହେବ ଓଡିଶା । ସମ୍ବଲପୁର, ବଲାଙ୍ଗୀର, ବରଗଡ଼ ଓ ଝାରସୁଗୁଡାରେ ୪୦ ଡିଗ୍ରୀ ଛୁଇପାରେ ପାରଦ । ୧୧ ଜିଲ୍ଲାକୁ ୟେଲୋ ଓ୍ୱାର୍ଣ୍ଣିଂ ।



୧୫ରୁ ଭୟଙ୍କର ହେବ ଖରା । ୧୧ରୁ ୧୬ ତାରିଖ ପର୍ଯ୍ୟନ୍ତ ଉପକୂଳ ଓ ପାଖ ଜିଲ୍ଲାଗୁଡ଼ିକରେ ଗୁଳୁଗୁଳି ଏବଂ ୧୩ ଓ ୧୪ ତାରିଖରେ ପଶ୍ଚିମ ଓଡ଼ିଶାରେ ଗ୍ରୀଷ୍ମ ପ୍ରବାହ ବା ହିଟ୍ ଓ୍ୱେଭ ନେଇ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ସତର୍କ କରାଯାଇଛି । ଏ ନେଇ ସମସ୍ତ ଜିଲ୍ଲାପାଳଙ୍କୁ ସତର୍କତା ବ୍ୟବସ୍ଥା ଗ୍ରହଣ କରିବାକୁ କୁହାଯାଇଛି । ଦିନ ୧୧ଟାରୁ ଅପରାହ୍ନ ୩ଟା ମଧରେ ବାହାରକୁ ଯିବାବେଳେ ଲୋକେ ସତର୍କ ରହିବା ନେଇ ପରାମର୍ଶ ଦେଇଛନ୍ତି ଏସଆରସି । ୧୩ ତାରିଖବେଳକୁ ଆଭ୍ୟନ୍ତରୀଣ ଜିଲ୍ଲାଗୁଡ଼ିକରେ ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ୍ ଛୁଇଁପାରେ । ଉପକୂଳ ଓଡ଼ିଶାରେ ପାରଦ ୩୫-୩୭ ଡିଗ୍ରୀ ରହିପାରେ । ଭୁବନେଶ୍ୱର ଓ କଟକରେ ପାରଦ ୧୪ ତାରିଖ ବେଳକୁ ୩୭ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ । ଉପକୂଳରେ ଆର୍ଦ୍ରତା ପରିମାଣ ପ୍ରାୟ ୭୫% ରହିବ । ତେଣୁ ଅସହ୍ୟ ଗୁଳୁଗୁଳି ହେବ । ଆଭ୍ୟନ୍ତରୀଣ ଓଡ଼ିଶାରେ ତତଲା ପବନ ପ୍ରବାହିତ ହେବ । ଦିନ ଓ ରାତି ତାପମାତ୍ରାରେ ଫରକ ବହୁ ଅଧିକ ରହିବ । ଆଗାମୀ ୨୪ ଘଂଟା ପରେ କାଳବୈଶାଖୀ ସମ୍ଭାବନା କମିଯିବ ।

## ଆସନ୍ତାକାଲିଠୁ ଭିତର ରତ୍ନଭଣ୍ଡାର ଅଳଙ୍କାର ଗଣତିମଣତି

ପୁରୀ : ଶେଷ ହୋଇଛି ଶ୍ରୀମନ୍ଦିର ବାହାର ରତ୍ନଭଣ୍ଡାରର ଗଣତି ମଣତି କାର୍ଯ୍ୟ । ୪ଦିନ ଧରି ଚାଲିଥିଲା ବାହାର ରତ୍ନଭଣ୍ଡାର ଅଳଙ୍କାର ଗଣତି ମଣତି । ଆସନ୍ତା ୧୩ ତାରିଖରୁ ଆରମ୍ଭ ହେବ ଶ୍ରୀମନ୍ଦିର ଭିତର ରତ୍ନଭଣ୍ଡାରରେ ଥିବା ରତ୍ନ ଅଳଙ୍କାରର ଗଣତି ମଣତି କାର୍ଯ୍ୟ । ଆଜି ରତ୍ନଭଣ୍ଡାର ଗଣତି ମଣତି ଟିମ୍ ର ସଦସ୍ୟ ମାନେ ମହାପ୍ରଭୁଙ୍କ ସକାଳ ଧୂପ ନୀତି ସରିବା ପରେ ଶ୍ରୀମନ୍ଦିର ବାହାର ରତ୍ନଭଣ୍ଡାରରେ ପ୍ରବେଶ କରିଥିଲେ । ପ୍ରତ୍ୟେକ ରତ୍ନ ଅଳଙ୍କାର କୁ ଚିହ୍ନଟ କରିବା, ଓଜନ ନିର୍ଣ୍ଣୟ କରିବା ଏବଂ କେଉଁ ରତ୍ନରେ ଅଳଙ୍କାର ତିଆରି ହୋଇଛି ତାହାର ଚିହ୍ନଟ ପାଇଁ ରତ୍ନ ଅଳଙ୍କାର ବିଶେଷଜ୍ଞ ମାନେ ଅତ୍ୟାଧୁନିକ ମେସିନ ମାଧମରେ ସମସ୍ତ ରତ୍ନ ଅଳଙ୍କାର କୁ ଚିହ୍ନଟ କରିଛନ୍ତି । ସମସ୍ତ ରତ୍ନ ଅଳଙ୍କାରର ଥ୍ରୀଡି ସ୍କାନିଙ୍ଗ କରାଯାଇଥିବା ବେଳେ ଏହାକୁ ଏକ ଡିଜିଟାଲ କ୍ୟାଟଲକ କରାଯିବ । ଯାହାଫଳରେ ଆଗାମୀ ଦିନରେ ରତ୍ନ ଅଳଙ୍କାର ଗଣତି ମଣତି କାର୍ଯ୍ୟ ବେଳେ ପ୍ରଶାସନକୁ ଅଧିକ ସହଜ ହେବା ସହ ଖୁବ୍ କମ୍



ସମୟରେ ଗଣତି ମଣତି କାର୍ଯ୍ୟ ହୋଇପାରିବ । ଡିଜିଟାଲ ଫଟୋଗ୍ରାଫି ମାଧମରେ ସମସ୍ତ ରତ୍ନ ଅଳଙ୍କାର ସମ୍ପୂର୍ଣ୍ଣ ସୁରକ୍ଷିତ ରହିବ । ଶ୍ରୀମନ୍ଦିର ବାହାର ରତ୍ନଭଣ୍ଡାରରେ ମହାପ୍ରଭୁଙ୍କ ବିଭିନ୍ନ ପର୍ବପର୍ବାଣୀରେ ବ୍ୟବହୃତ ହେଉଥିବା ବିଭିନ୍ନ ଅଳଙ୍କାର ରହିଛି । ତେବେ ଆଜି ବାହାର ରତ୍ନଭଣ୍ଡାରର ଗଣତି ମଣତି କାର୍ଯ୍ୟ ସୁରୁଖୁରୁରେ ସମ୍ପୂର୍ଣ୍ଣ ହୋଇଥିବାବେଳେ ମହାପ୍ରଭୁଙ୍କ କୃପାରୁ ଆଗାମୀ ଦିନରେ ହେବାକୁ ଥିବା ଭିତର ରତ୍ନଭଣ୍ଡାରର ଗଣତି ମଣତି କାର୍ଯ୍ୟ ସୁରୁଖୁରୁରେ ସମ୍ପୂର୍ଣ୍ଣ ହେବ ବୋଲି ଆଶା ରଖିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀ । ଗତ ମାର୍ଚ୍ଚ ୨୫ ତାରିଖରେ ପ୍ରଥମେ ଚଳନ୍ତି ରତ୍ନଭଣ୍ଡାରରେ ଥିବା ରତ୍ନ ଅଳଙ୍କାରର ଗଣତି ମଣତି କାର୍ଯ୍ୟ କରାଯାଇଥିଲା । ପରେ ଗତ ଏପ୍ରିଲ୍ ୮ ତାରିଖରୁ ଚାରିଦିନ ଧରି ବାହାର ରତ୍ନଭଣ୍ଡାରରେ ଥିବା ରତ୍ନ ଅଳଙ୍କାରର ଗଣତି ମଣତି କାର୍ଯ୍ୟ କରାଯାଇଥିଲା । ଗଣତି ମଣତି କାର୍ଯ୍ୟରେ ରତ୍ନଭଣ୍ଡାର ଉଚ୍ଚସ୍ତରୀୟ କମିଟିର ଅଧକ୍ଷ ଜଷ୍ଟିସ ବିଶ୍ୱନାଥ ରଥ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀ, ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଏସପି ପ୍ରତୀକ ସିଂଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗଣତି ମଣତି କାର୍ଯ୍ୟ କରାଯାଉଛି । ଗଣତି ମଣତି ଟିମ୍ ରେ ଶ୍ରୀମନ୍ଦିର ବଣିଆ ସେବକ, ବ୍ୟାଙ୍କ ରୁ ଆସିଥିବା ସ୍ୱର୍ଣ୍ଣକାର, ଆରବିଆଇ ଅଧିକାରୀ, ରତ୍ନ ପଥର ବିଶେଷଜ୍ଞ, ପ୍ରାଧିକୃତ ସେବାୟତ ଏବଂ ଶ୍ରୀମନ୍ଦିର ପ୍ରଶାସନର ଅଧିକାରୀ ଏହି ଗଣତି ମଣତି କାର୍ଯ୍ୟରେ ସାମିଲ୍ ହୋଇଛନ୍ତି । ତେବେ ଆଗାମୀ ସ୍ନାନଯାତ୍ରା ପୂର୍ବରୁ ସମସ୍ତ ଗଣତି ମଣତି କାର୍ଯ୍ୟ ଶେଷ କରିବା ପାଇଁ ରାଜ୍ୟ ସରକାରଙ୍କ ଲକ୍ଷ୍ୟ ରହିଛି । ତେବେ ରତ୍ନ ଅଳଙ୍କାର ଗଣତି ମଣତି କାର୍ଯ୍ୟ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହୋଇଥିବାରୁ ଅତ୍ୟନ୍ତ ସ୍ୱଚ୍ଛତା ଏବଂ ନିର୍ଭୁଲ ଭାବରେ ଗଣତି ମଣତି କାର୍ଯ୍ୟ ଉପରେ ମୁଖ୍ୟତଃ ଗୁରୁତ୍ୱ ଦିଆଯାଉଥିବା ରତ୍ନଭଣ୍ଡାର ତଦାରଖ କମିଟିର ଅଧକ୍ଷ ଜଷ୍ଟିସ ବିଶ୍ୱନାଥ ରଥ କହିଛନ୍ତି ।





# ବାଲେଶ୍ୱରରେ ମଡର୍ଣ୍ଣ ପବ୍ଲିକ ସ୍କୁଲର ପାଳିତ ହେଲା ୨୯ତମ ପ୍ରତିଷ୍ଠା ଦିବସ



ବାଲେଶ୍ୱରର(ନି.ପ୍ର.) ଅଗ୍ରଣୀ ଶିକ୍ଷାନୁଷ୍ଠାନ ମଡର୍ଣ୍ଣ ପବ୍ଲିକ ସ୍କୁଲର ୨୯ତମ ପ୍ରତିଷ୍ଠା ଦିବସ ମେଘଡମ୍ବୁରୁ ସ୍ଥିତ କ୍ୟାମ୍ପସରେ ପାଳିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟିର କୋ-ଚେୟାରମେନ ସଞ୍ଜୟ ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇ ମଡର୍ଣ୍ଣ ପବ୍ଲିକ ସ୍କୁଲର ପତାକା ଉତୋଳନ ସହ ବିଦ୍ୟାଳୟର ସୁଦୀର୍ଘ ଇତିହାସ ଓ ଶିକ୍ଷାଦାନର ପ୍ରଣାଳୀ ସମ୍ପର୍କରେ ଆଲୋଚନା କରିଥିଲେ । ଛାତ୍ରଛାତ୍ରୀଙ୍କ ଉତମ ଭବିଷ୍ୟତ ନିର୍ମାଣର ସଂକଳ୍ପ ନେଇଥିବା ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀମାନେ ସୁଚାରୁ ରୂପେ କାର୍ଯ୍ୟ ସମ୍ପାଦନ ପାଇଁ ସର୍ବଦା ପ୍ରୟାସରତ ରହିବାକୁ ସେ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ । ତେବେ ଏ କ୍ଷେତ୍ରରେ ମଡର୍ଣ୍ଣ ପବ୍ଲିକ ସ୍କୁଲର ପରମ୍ପରା ସଦା ସର୍ବଦା ଅକ୍ଷୁଣ୍ଣ ରହିଛି ବୋଲି ଶ୍ରୀ ଦାସ ଆଶା ପ୍ରକାଶ କରିଥିଲେ । ପରିଚାଳନା କମିଟିର ସାଧାରଣ ସମ୍ପାଦକ ଶଶୀ ଭୂଷଣ ମିଶ୍ର ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଉନ୍ନତ ମାନର ଶିକ୍ଷାଦାନରେ ମଡର୍ଣ୍ଣ ପବ୍ଲିକ ସ୍କୁଲ ନିଜସ୍ୱ ସ୍ୱତନ୍ତ୍ର ପରିଚୟ ବଜାୟ ରଖିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ । କମିଟିର ଅନ୍ୟତମ ସଦସ୍ୟ ଅଶୋକ ଖଣ୍ଡେଲୱାଲ୍ ଓ ଧିରଜ ଖଣ୍ଡେଲୱାଲ ଏଥିରେ ମଂଚାସୀନ ଥିଲେ । ବିଦ୍ୟାଳୟର ଉପାଧ୍ୟକ୍ଷ ରବୀନ୍ଦ୍ର କୁମାର ମହାନ୍ତି ଏଥିରେ ପୌରହିତ୍ୟ କରିବା ସହିତ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ । ଉପାଧ୍ୟକ୍ଷ ରଞ୍ଜନ କୁମାର ନାୟକ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ । ପ୍ରାରମ୍ଭରେ ଶିକ୍ଷୟତ୍ରୀ ବେଲା ସେନଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ । ଏହି ଅବସରରେ ବିଦ୍ୟାଳୟରେ ଦୀର୍ଘ କାଳୀନ ସେବା ପ୍ରଦାନ କରିଥିବା ଶିକ୍ଷକ, ଶିକ୍ଷୟତ୍ରୀ ଓ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହା ସହିତ ୱାର୍ଲ୍ଡ ଅଲମ୍ପିଆଡ ପରୀକ୍ଷାରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ଏ ଏସ କ୍ରିଷ୍ଣ କୁମାର ଓ ଅମ୍ରିତା ମଣ୍ଡଳଙ୍କୁ ସମ୍ମାନୀତ କରାଯାଇଥିଲା । ଶିକ୍ଷକ ବନୋଜ ପରିଡ଼ାଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷୟତ୍ରୀ ଅଞ୍ଜନା ମହାତୋ ଓ ପଲ୍ଲବୀ ପ୍ରଧାନ ମଂଚ ପରିଚାଳନା କରିଥିଲେ । ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟତ୍ରୀ, କର୍ମଚାରୀଙ୍କ ସମେତ ବହୁ ଅଭିଭାବକ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

# ଭୁଜାଖିଆ ପୀର ବାବାଙ୍କ ୮୨ତମ ଉର୍ସ ଉତ୍ସବ ଉଦ୍‌ଯାପିତ





ବାଲେଶ୍ୱର(ନି.ପ୍ର.)ଗତ ବୁଧବାର ଠାରୁ ଆରମ୍ଭ ହୋଇଥିବା ବାବା ଭୁଜାଖିଆ ପୀର ଙ୍କ ୮୨ତମ ଉର୍ସ ଉତ୍ସ୍ୱ ଶୁକ୍ରବାର ବିଳମ୍ବିତ ରାତିରେ ଉଦଯାପିତ ହୋଇଯାଇଛି ।ଅନ୍ତିମ ଦିବସ ରେ ବିଭିନ୍ନ ଗ୍ରାମରୁ ଚାଦର ସଭାଯତ୍ରା ରେ ଭକ୍ତ ମାନେ ଆସି ହଜାର ହଜାର ଭକ୍ତ ବାବା ଙ୍କ ପୀଠରେ ଚାଦର ଚଢାଇବା ସହ ସିରିଣୀ ଫାତେହା କରିଥିବା ଲକ୍ଷ୍ୟ କରାଯାଇଛି । ରାଜ୍ୟ ଏବଂ ରାଜ୍ୟ ବାହାରୁ ହଜାର ହଜାର ଶ୍ରଦ୍ଧାଳୁ ସନ୍ଧ୍ୟା ଠାରୁ ବାବା ଙ୍କ ପୀଠରେ ଦର୍ଶନ ପାଇଁ ପହଂଚିଥିଲେ । ସେହିପରି ଅନ୍ତିମ ସନ୍ଧ୍ୟାରେ ବାଲେଶ୍ୱର ର ପୂର୍ବତନ ସାଂସଦ ତଥା ବିଜେପି ନେତା ଇଂ ରବୀନ୍ଦ୍ର କୁମାର ଜେନା ବାବା ଙ୍କ ଆସ୍ଥାନା ରେ ପହଁଚି ଚାଦର ଚଢାଇବା ସହ ବାବା ଙ୍କ ଆଶୀର୍ବାଦ କାମନା କରି ପ୍ରାର୍ଥନା କରିଥିଲେ । ପରେ ସମସ୍ତଙ୍କୁ ଉର୍ସ ଉତ୍ସବ ଉପଲକ୍ଷେ ସମସ୍ତ ଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ କାଉନସିଲର ଅମିତ ଦାସ, ଭାଗବତ ସାହୁ, ସାହିରୂଲ ହକ, ଇନ୍ତେଖାପ ଅଲ୍ଲି ଖାନ, ଅସିତ ଦାସ, ସେଖ ଦିଲଦାର ହୁସେନ, ମିନତି ସେଠୀ ଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଏବଂ ଭକ୍ତ ମାନେ ଉପସ୍ଥିତ ରହିଥିଲେ । କମିଟିର ସଭାପତି, ସମ୍ପାଦକ ଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ରହି ସକ୍ରିୟ ସହଯୋଗ କରିଥିଲେ ।

# ବାଲେଶ୍ୱର କାଦରାବାଦରେ ବସନ୍ତ ଉତ୍ସବ ରୌପ୍ୟ ଜୟନ୍ତୀ ସମାରୋହ - ୨୦୨୬ ଅନୁଷ୍ଠିତ



ବାଲେଶ୍ୱର(ନି.ପ୍ର.): ବାଲେଶ୍ୱର ସହରର କାଦ୍ରାବାଦ୍ ଠାରେ ବସନ୍ତ ଉତ୍ସବ ର ରୋପ୍ୟ ଜୟନ୍ତୀ ମହା ସମାରୋହ ରେ ଅନୁଷ୍ଠିତ ହୋଇଯାଇଛି । ଓଡିଶା ସରକାରଙ୍କ ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ଏହି ଉତ୍ସବରେ ଉଦଘାଟକ ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉତ୍ସବକୁ ଉଦ୍‌ଘାଟନ କରିବା ସହିତ ଦୀର୍ଘ ୨୫ବର୍ଷ ଧରି ଶାନ୍ତି ଶୃଙ୍ଖଳାର ସହ ଏହି ଉତ୍ସବର ଆୟୋଜକ ବନ୍ଧୁମାନଙ୍କୁ ସାଧୁବାଦ ଜ୍ଞାପନ କରିଥିଲେ । ମୁଖ୍ୟ ଅତିଥିଭାବେ ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ଶୋଭାନା ମହାନ୍ତି ଯୋଗଦେଇ ବସନ୍ତ ଉତ୍ସବ କେବଳ ମନୋରଞ୍ଜନ ପାଇଁ ନୁହେଁ ବରଂ ପ୍ରତିଟି ମଣିଷ ମଧ୍ୟରେ ଗଢିଉଠିଥିବା ସମ୍ପର୍କର ସେତୁ ଭାବେ କାର୍ଯ୍ୟ କରିଥାଏ ବୋଲି ଉଲ୍ଲେଖ କରିଥିଲେ । ସଂସ୍କୃତି ଓ ପରମ୍ପରା ସହ ଜଡ଼ିତ ଏହି ବସନ୍ତ ଉତ୍ସବ ହିଁ ପ୍ରତ୍ୟେକ ପ୍ରାଣରେ ସ୍ୱଚ୍ଛ ତଥା ନିର୍ମଳ ଭାବନା ଭରି ଶାନ୍ତି ପ୍ରୀତି ଏବଂ ମୈତ୍ରୀର ବାହକ ଭାବେ କାର୍ଯ୍ୟ କରିଥାଏ ବୋଲି ଶ୍ରୀମତୀ ମହାନ୍ତି କହିଥିଲେ । ମୁଖ୍ୟବକ୍ତା ଭାବେ ସିଦ୍ଧିବିନାୟକ ପବ୍ଲିକ ସ୍କୁଲର ଅଧକ୍ଷ ସୁଧାଂଶୁ ପଣ୍ଡା,ସମ୍ମାନୀତ ଅତିଥି ଭାବେ ଅର୍ବାନ କୋପାରେଟିଭ ବ୍ୟାଙ୍କ ର ନିର୍ଦ୍ଦେଶକ ଉମାକାନ୍ତ ମହାପାତ୍ର,ବସନ୍ତ ଉତ୍ସବ କମିଟିର ଅଧକ୍ଷ ଦେବେନ୍ଦ୍ର ନାଥ ଚୌଧୁରୀ , ଉପାଧକ୍ଷ କିରଣ ଦାସ ସଭାପତି ରିତିକ୍ ଜୀ, ସମ୍ପାଦକ ଦେବାଶିଷ ଦାସ ପ୍ରମୁଖ ମଂଚାସିନ ରହି ଉଦବୋଧନ ଦେଇଥିଲେ । କମିଟିର ଅଧକ୍ଷ ଦେବେନ୍ଦ୍ର ନାଥ ଚୌଧୁରୀ ସଭାପତିତ୍ୱ କରିଥିବା ବେଳେ ଶଙ୍କର୍ଷଣ ପୁଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ । ଏହି ପରିପ୍ରେକ୍ଷୀରେ ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗିଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ସଭା ପରେ ସୁନାମ ଧନ୍ୟ ସଙ୍ଗୀତ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଧୀରେନ୍ଦ୍ର ନାଥ ଚୌଧୁରୀ, ସୁକୁମାର ପାଣିଗ୍ରାହୀ, ନୀଳମାଧବ ବିଶ୍ୱାଳ, ତ୍ରିଲୋଚନ ବାରିକ,ଶ୍ରୀକୃଷ୍ଣ ଦାସ,ସୁଶାନ୍ତ ଶତପଥି, ବୀରେନ୍ଦ୍ର ଖିଲାର, ମାନସ କୁମାର ଦାସ, ନଳିନୀକାନ୍ତ ଦାସ, ସୁମନ୍ତ ବେହେରା, ଲକ୍ଷ୍ମୀଧର ମାଝୀ,ପ୍ରଦୀପ ମହାନ୍ତି , ଅଜୟ କୁମାର ବିଶ୍ୱାଳ,ପଂଚାନନ ମାଝୀ ,ଅଶୋକ ଚୌଧୁରୀ, କକନ ଦାସ, ଲକ୍ଷ୍ମୀଧର ବେହେରା, ପ୍ରଶାନ୍ତ କୁମାର ଦାସ ପ୍ରମୁଖ ଉପସ୍ଥିତ ରହି ସକ୍ରିୟ ସହଯୋଗ କରିଥିଲେ ।

# ଫକୀରମୋହନ ମେଡିକାଲ୍ କଲେଜରୁ ଉତୀର୍ଣ୍ଣ ଯୁବଡାକ୍ତରମାନଙ୍କୁ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସମ୍ବର୍ଦ୍ଧନା



ବାଲେଶ୍ୱର, (ନି.ପ୍ର.): ଫକୀରମୋହନ ମେଡିକାଲ୍ କଲେଜରୁ ୩ୟ ବ୍ୟାଚରେ କୃତିତ୍ୱର ସହ ଡାକ୍ତରୀ ଶିକ୍ଷା ସମାପ୍ତ କରିଥିବା ୯୮ଜଣ ଛାତ୍ରଛାତ୍ରୀମାନଙ୍କୁ ସରକାରୀ ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଗୁରୁବାର ଦିନ ଅପରାହ୍ନରେ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଛି । ପ୍ରତିରକ୍ଷା ବିଭାଗର ‘ରୋମି’ ସଭାଗୃହରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା । ମୁଖ୍ୟଅତିଥି ଭାବେ ଆଇଟିଆରର ଆଡିସିନାଲ୍ ଡାଇରେକ୍ଟର ଡ. ନୀଳାଦ୍ରି ଭୂଷଣ ରାୟ ଯୋଗ ଦେଇ ଡାକ୍ତରୀ ଶିକ୍ଷା ସମାପ୍ତ କରି ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଯୋଗ ଦେବାକୁ ଯାଉଥିବା ନୂତନ ଡାକ୍ତରମାନଙ୍କୁ ସେମାନଙ୍କର ଆଗାମୀ ଭବିଷ୍ୟତ ଦୀର୍ଘଯାତ୍ରାରେ ସମାଜର ସମସ୍ତ ବର୍ଗର ଜନଗଣଙ୍କୁ ଉ□ମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବେ ବୋଲି ଆଶା ପ୍ରକାଶ କରିଥିଲେ । ଆମ ରାଜ୍ୟରେ କଟକ ମେଡିକାଲ୍ କଲେଜ ପରେ ଫକୀରମୋହନ ମେଡିକାଲ୍ କଲେଜରେ ସର୍ବାଧିକ ରୋଗୀ ଚିକିତ୍ସିତ ହେଉଛନ୍ତି । ବାଲେଶ୍ୱରରେ ଏମ୍ସ ସେଟେଲାଇଟ୍ ସେ□ରରେ ନିୟମିତ ସ୍ୱାସ୍ଥ୍ୟସେବାପାଇଁ ଉଦ୍ୟମ ହେଉଥିବାର ଶ୍ରୀ ରାୟ ପ୍ରକାଶ କରିଥିଲେ । କ୍ରିୟାନୁଷ୍ଠାନ କମିଟିର ସଭାପତି ନିରଞ୍ଜନ ପରିଡ଼ା ଏହି ଉତ୍ସବର ଆୟୋଜିତ ସାଧାରଣ ସଭାରେ ଅଧ୍ୟକ୍ଷତା କରିଥିଲେ । ପ୍ରାକ୍ତନ ସଭାପତି ପ୍ରଫେସର ଅନନ୍ତ କୁମାର ପ୍ରଧାନ ଓ ମମତା ମହାପାତ୍ର ଅତିଥି ଭାବେ ଯୋଗଦେଇ ନୂତନ ଡାକ୍ତରମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ । ସାଧାରଣ ସଂପାଦକ ପ୍ରଦୀପ ଦାସ ମେଡିକାଲ୍ କଲେଜ୍ ପ୍ରତିଷ୍ଠାପାଇଁ କ୍ରିୟାନୁଷ୍ଠନ କମିଟି ନେତୃତ୍ୱରେ ଜିଲ୍ଲାବାସୀଙ୍କର ଐତିହାସିକ ସଂଗ୍ରାମର ବର୍ଣ୍ଣନା କରିଥିଲେ ଓ ବାଲେଶ୍ୱରବାସୀଙ୍କୁ ଉନ୍ନତ ଓ ଅତ୍ୟାଧୁନିକ ସ୍ୱାସ୍ଥ୍ୟସେବା ପ୍ରଦାନ ପାଇଁ ଏହି କ୍ରିୟାନୁଷ୍ଠାନକମିଟି ଅବିରତ କାର୍ଯ୍ୟ କରୁଛି ବୋଲି ସେ କହିଥିଲେ । ନୂତନ ଡାକ୍ତରମାନଙ୍କୁ କ୍ରିୟାନୁଷ୍ଠାନ କମିଟିର ସଦସ୍ୟ, ସଦସ୍ୟାମାନେ ମାନପତ୍ର ଓ ଅନୁଷ୍ଠାନର ମୁଖପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ଡାକ୍ତରୀ ଛାତ୍ରଛାତ୍ରୀମାନଙ୍କ ପ୍ରତିନିଧି ଡା. ଅନୁପ କୁମାର ଧଡା ବାଲେଶ୍ୱରରେ ମେଡିକାଲ କଲେଜ ପ୍ରତିଷ୍ଠା କ୍ରିୟାନୁଷ୍ଠାନ କମିଟିକୁ ଡାକ୍ତରୀ ଛାତ୍ରଛାତ୍ରୀମାନଙ୍କ ପକ୍ଷରୁ କୃତଜ୍ଞତା ଜଣାଇଥିଲେ । ଗୌରାଙ୍ଗ ପାଣିଗ୍ରାହୀ ପ୍ରାରମ୍ଭିକ ସୂଚନା ଦେଇ ଅତିଥି ଓ ଛାତ୍ରଛାତ୍ରୀମାନଙ୍କୁ ଅଭିନନ୍ଦନ ଜଣାଇଥିଲେ । ଅତିରିକ୍ତ ସାଧାରଣ ସଂପାଦକ ପ୍ରଫୁଲ୍ଲ କୁମାର ଦାସ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ । ଜିଲ୍ଲାର ବିଭିନ୍ନ ବ୍ଲକ୍ କମିଟି ଏବଂ ବହୁ ସାମାଜିକ ସଂଗଠନ ପକ୍ଷରୁ ଇଂ. ବନମାଳୀ ନାୟକ, ନିରଞ୍ଜନ ରାଉତ, ଦିଲ୍ଲୀପ ଗିରି, ଅର୍ଚ୍ଚନା ନନ୍ଦୀ, ଡ. ଅଜିତ୍ ମହାନ୍ତି, ମାୟାଧର ନାୟକ, ସରସ୍ୱତୀ ପଣ୍ଡା, ଜଗତାନନ୍ଦ ବିଶ୍ୱାଳ, ସୀତାରାମ ପ୍ରଧାନ, ଅକ୍ଷୟ କୁମାର ତ୍ରିପାଠୀ, ଶ୍ୟାମସୁନ୍ଦର ଜେନା, ବନ୍ଦନା ପାତ୍ର, କୁମୁଦରଂଜନ ଗିରି, କମଳ ଚକ୍ରବ□ୀ, ରବି ନାରାୟଣ ଭୋଳ, ଅନୁସୂୟା ନାୟକ, କନକ ପାଣିଗ୍ରାହୀ, ସଚିନ୍ଦ୍ର ଦାସ, ବୀରେନ୍ଦ୍ର ନାରାୟଣ ପ୍ରହରାଜ, ବେଣୁଧର ସାହୁ, ସୁଦର୍ଶନ ଜେନା, ଡା. ତାରାକାନ୍ତ ନନ୍ଦ, ଦାମୋଦର ନାୟକ, ଶଶିକାନ୍ତ ରାଉତ, ରମେଶ ଚନ୍ଦ୍ର ଜେନା, ଡା. ରୁବି ଜେନା, ଯୋଗେଶ ଚନ୍ଦ୍ର ପ୍ରଧାନ, ସଂଯୁକ୍ତା ବେହେରା, କ୍ରୀଷ୍ଣା ସାହା, ସୁକୁମାର ବେହେରା, ବେଣୁଧର ପାଳ, ଭୁବନାନନ୍ଦ ଦାସ, ପଦ୍ମଲୋଚନ ଦ□, ମମତା ଦାସ, ଡ. କେଶବ ପଣ୍ଡା, ମିନତୀ ପାତ୍ର, ବିଜନ ଦେ, ସାଧୁଚରଣ ମଲିକ, ଯତୀନ୍ ପାତ୍ର, ପ୍ରମିତା ଦାସ, ବସ୍ ମାଲିକ ସଂଘ ପକ୍ଷରୁ ମାଧବାନନ୍ଦ ମିଶ୍ର ପ୍ରମୁଖ ଶତାଧିକ ବ୍ୟକ୍ତି ଏହି ସମ୍ବର୍ଦ୍ଧନା ସଭାରେ ଉପସ୍ଥିତ ରହି ଯୁବ ଡାକ୍ତରମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ ।

# ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଭାରତୀୟ ଜ୍ଞାନ ପରମ୍ପରା ସମ୍ପର୍କିତ ଜାତୀୟ ସମ୍ମିଳନୀ ଅନୁଷ୍ଠିତ




ବାଲେଶ୍ୱର(ନି.ପ୍ର)ଫକୀରମୋହନ ବିଶ୍ୱବିଦ୍ୟାଳୟର ସ୍ନାତକୋତର ଶିକ୍ଷା ବିଭାଗ ଦ୍ୱାରା ଆୟୋଜିତ “ଭାରତୀୟ ଜ୍ଞାନ ପରମ୍ପରା ଓ ସାମଗ୍ରିକ ଶିକ୍ଷା: ନୀତି, ସମସ୍ୟା ଓ ସୁଯୋଗ” ବିଷୟକ ଦୁଇ ଦିନିଆ ଜାତୀୟ ସମ୍ମିଳନୀ ଉଦଯାପିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଶିକ୍ଷାବିତ୍, ଗବେଷକ ଓ ବିଶେଷଜ୍ଞଗଣ ଅଂଶଗ୍ରହଣ କରିଥିଲେ ଏବଂ ଦେଶୀୟ ଜ୍ଞାନ ପରମ୍ପରା ପ୍ରତି ବୃଦ୍ଧିଶୀଳ ଆଗ୍ରହକୁ ନିଜର ତର୍କ ଓ ଆଲୋଚନା ମାଧ୍ୟମରେ ଉପସ୍ଥାପିତ କରିଥିଲେ । ନିଜର ଅଧ୍ୟକ୍ଷୀୟ ଭାଷଣରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ମୂଲ୍ୟାଧାରିତ ଶିକ୍ଷାର ଆବଶ୍ୟକତା, ଭାରତୀୟ ଜ୍ଞାନ ପରମ୍ପରାର ପ୍ରାସଙ୍ଗିକତା ଏବଂ ଜ୍ଞାନ ସୃଷ୍ଟି ଓ ପ୍ରସାରଣରେ ଦେଶୀୟ ଭାଷାମାନଙ୍କର ପ୍ରଚାର ଉପରେ ଗୁରୁତ୍ୱ ଦେଇଥିଲେ । ମୁଖ୍ୟଅତିଥି ଭାବେ ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟର ପ୍ରଫେସର କାହ୍ନୁଚରଣ ସାହୁ ଯୋଗ ଦେଇଥିଲେ, ଯେଉଁଥିରେ ସେ ବିଶ୍ୱବିଦ୍ୟାଳୟର ଶିକ୍ଷାନୁକୂଳ ପରିବେଶ ଓ ପ୍ରଶାସନିକ ନେତୃତ୍ୱକୁ ପ୍ରଶଂସା କରିଥିଲେ ତଥା ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ମୂଲ୍ୟବାନ ଅଭିଭାଷଣ ପ୍ରଦାନ କରିଥିଲେ । କୋରାପୁଟ ସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପ୍ରଫେସର ଭରତ କୁମାର ପଣ୍ଡା ଓ ସ୍ନାତକୋତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ଉପସ୍ଥିତ ହୋଇ, ଆଧୁନିକ ଶିକ୍ଷା ପ୍ରଣାଳୀରେ ଭାରତୀୟ ଜ୍ଞାନ ପରମ୍ପରାକୁ କିପରି ସମାନ୍ୱୟ କରାଯାଇପାରେ ସେନେଇ ମତ ପ୍ରକାଶ କରିଥିଲେ । ପ୍ରାରମ୍ଭିକ ଉଦବୋଧନରେ ବିଭାଗମୁଖ୍ୟ ପ୍ରଫେସର ଅମୂଲ୍ୟ କୁମାର ଆଚାର୍ଯ୍ୟ ଅତିଥିମାନଙ୍କୁ ସ୍ୱାଗତ କରି ସମ୍ମିଳନୀର ଉଦ୍ଦେଶ୍ୟ ସ୍ପଷ୍ଟ କରିଥିଲେ । ଏଥିସହ ପ୍ରଫେସର ଜ୍ୟୋତି ଶଙ୍କର ପ୍ରଧାନ ବିଷୟବସ୍ତୁର ଆବଶ୍ୟକତା ଉପସ୍ଥାପନା କରିଥିଲେ ଓ ଡ଼କ୍ଟର ପ୍ରତିମା ପ୍ରଧାନ ଏହାର ଶିକ୍ଷାତ୍ମକ ଓ ସାମାଜିକ ଗୁରୁତ୍ୱ ଉଲ୍ଲେଖ କରିଥିଲେ । ଶେଷରେ ଡ଼କ୍ଟର ରଞ୍ଜନ କୁମାର ରାଉତ ଧନ୍ୟବାଦ ଜ୍ଞାପନ କରିଥିଲେ । ଦ୍ୱିତୀୟ ଦିନରେ ପ୍ରାୟୋଗିକ ଅଧିବେଶନ, ଗବେଷଣା ପତ୍ର ପ୍ରସ୍ତୁତି ଓ ଆମନ୍ତ୍ରିତ ଭାଷଣ ଆୟୋଜିତ ହୋଇଥିଲା । ଉପସମାହାର ଅଧିବେଶନରେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ସହ ପ୍ରଫେସର ଭାସ୍କର ବେହେରା, ପ୍ରଫେସର ଭୁଜେନ୍ଦ୍ର ନାଥ ପଣ୍ଡା, କେନ୍ଦ୍ରୀୟ ହିମାଚଳ ପ୍ରଦେଶ ବିଶ୍ୱବିଦ୍ୟାଳୟର ପ୍ରଫେସର ମନୋଜ ସକ୍ସେନା ଓ ପ୍ରଫେସର ଭରତ କୁମାର ପଣ୍ଡା ଯୋଗଦେଇ ଉଚ୍ଚ ଶିକ୍ଷାରେ ଭାରତୀୟ ଜ୍ଞାନ ପରମ୍ପରାର ଭବିଷ୍ୟତ ଉପରେ ମତବ୍ୟକ୍ତ କରିଥିଲେ ତଥା ସମ୍ମିଳନୀ ନିଷ୍କର୍ସ ବିବରଣୀକୁ ପ୍ରଶଂସା କରିଥିଲେ । ସମ୍ମିଳନୀର ଆୟୋଜନ ପ୍ରଫେସର ଅମୂଲ୍ୟ କୁମାର ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ହୋଇଥିଲା, ଯେଉଁଥିରେ ପ୍ରଫେସର ଜ୍ୟୋତି ଶଙ୍କର ପ୍ରଧାନ ସଂଗଠନ ସଚିବ ଭାବେ କାର୍ଯ୍ୟଭାର ନେଇଥିଲେ ଏବଂ ଡ଼କ୍ଟର ପ୍ରତିମା ପ୍ରଧାନଙ୍କ ସହିତ ଅନ୍ୟ ଅଧ୍ୟାପକ-ଅଧ୍ୟାପିକା ମାନେ ବିଶେଷ ସହଯୋଗ କରିଥିଲେ ।

# ଅନୁଷ୍ଠିତ ହେଲା ସମଲେଶ୍ୱରୀ ବର୍ଦ୍ଧନ ସ୍ମାରକୀ ବକ୍ତୃତା ସମାରୋହ



ବାଲେଶ୍ୱର,(ନି.ପ୍ର.): ନିଜ ଭିତରେ ’ମୁଁ’କୁ ଆବିଷ୍କାର କରିବା ହେଉଛି ଅସ୍ମିତା । ଉତରପିଢ଼ି ସ୍ୱାର୍ଥ, ପଦଲେହନ ନୀତି ତ୍ୟାଗ କରି ନିଜକୁ ଭଲ ପାଇଲେ ଜାତିର ବିକାଶ ଓ ସୁସ୍ଥ ସମାଜ ଗଠନ ହୋଇପାରିବ । କୁନ୍ତଳା କୁମାରୀ ସାବତ ମହିଳା ମହାବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ କକ୍ଷରେ ଗୁରୁବାର ୫ମ ସମଲେଶ୍ୱରୀ ବର୍ଦ୍ଧନ ସ୍ମାରକୀ ବକ୍ତୃତା-୨୬ ଓ ସାରସ୍ୱତ ସମାରୋହରେ ମୁଖ୍ୟଅତିଥି ଓ ବକ୍ତା ଭାବେ ଯୋଗଦେଇ ଅବସରପ୍ରାପ୍ତ ପ୍ରଫେସର ବୈଷ୍ଣବ ଚରଣ ସାମଲ ଉପରୋକ୍ତ ବକ୍ତବ୍ୟ ରଖିଛନ୍ତି । କାର୍ଯ୍ୟକ୍ରମ ପ୍ରାରମ୍ଭରେ କଲେଜ ହତାରେ ଥିବା କୁନ୍ତଳା କୁମାରୀ ସାବତଙ୍କ ପ୍ରତିମୂର୍ତ୍ତି ଓ ସମଲେଶ୍ୱରୀ ବର୍ଦ୍ଧନଙ୍କ ପୈତୃକ ଘରେ ତାଙ୍କ ଫଟୋଚିତ୍ରରେ ଅତିଥିମାନେ ମାଲ୍ୟାର୍ପଣ କରିଥିଲେ । ଅଧ୍ୟକ୍ଷା ଡକ୍ଟର ଝାନ୍ ?ସୀ ଜେନା କାର୍ଯ୍ୟକ୍ରମରେ ସଭାପତିତ୍ୱ କରିବା ସହ ସ୍ୱାଗତ ଅଭିଭାଷଣ ରଖିଥିଲେ । ବିଶିଷ୍ଟ ଶିକ୍ଷାବିତ ତଥା କେକେଏସ ମହିଳା କଲେଜର ପୂର୍ବତନ ଅଧ୍ୟକ୍ଷା ପ୍ରଫେସର ସମଲେଶ୍ୱରୀ ବର୍ଦ୍ଧନଙ୍କ ସ୍ମୃତିଚାରଣ କରିବା ସହ ତାଙ୍କ ପୈତୃକ ଜମି ଓ କୋଠା କଲେଜ ହଷ୍ଟେଲ ପାଇଁ ଦାନ କରିଥିବାରୁ ପରିବାରବର୍ଗଙ୍କୁ କୃତଜ୍ଞତା ଜଣାଇଥିଲେ । ଡକ୍ଟର ସଞ୍ଜୀବିତା ଦାସ ଅତିଥିମାନଙ୍କୁ ମଂଚ ଆମନ୍ତ୍ରଣ କରିଥିବା ବେଳେ ଡକ୍ଟର ସସ୍ମିତା ସେଠୀ ଓ ଛାତ୍ରୀମାନେ ବେଦମନ୍ତ୍ର ପାଠ କରିଥିଲେ । ଆଇକ୍ୟୁଏସି ସଂଯୋଜକ ଡକ୍ଟର ନାରାୟଣ ସୁରଜିତ ବେହେରା ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ଅବସରପ୍ରାପ୍ତ ପ୍ରଫେସର ଶ୍ରୀ ସାମଲ ‘ଓଡ଼ିଆ ଅସ୍ମିତା ଓ ଉତରପିଢ଼ି’ର ଦାୟିତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ । ନିଜକୁ ଚିହ୍ନି ’ମୁଁ’କୁ ଆବିଷ୍କାର କରିବା ହେଉଛି ଅସ୍ମିତା । କବିବର ରାଧାନାଥ ରାୟ ‘ଚିଲିକା’ ଖଣ୍ଡକାବ୍ୟରେ ଅସ୍ମିତା ଶବ୍ଦର ବ୍ୟବହାର କରିଥିଲେ । ଓଡ଼ିଆ ଜାତି କ’ଣ ତାହା ଆଜି ଓଡ଼ିଆମାନେ ଜାଣୁ ନାହାନ୍ତି । ନିଜକୁ ଚିହ୍ନୁ ନଥିବା; ନିଜର ଗୌରବମୟ ଇତିହାସ ଜାଣିନଥିବା ଆଜିର ଓଡ଼ିଆଙ୍କ ମଧ୍ୟରେ ଅସ୍ମିତା ରକ୍ଷା ଏକ ବିରାଟ ପ୍ରଶ୍ନ ସୃଷ୍ଟି କରୁଛି । ମଧୁବାବୁଙ୍କ ଉକ୍ତିକୁ ଉଦ୍ଧାର କରି ଉତରପିଢ଼ି ସ୍ୱାର୍ଥ ଓ ପଦଲେହନ ନୀତିକୁ ପରିତ୍ୟାଗ କରି ’ମୁଁ’ ଭିତରେ ସମାଜ ଓ ଜାତିକୁ ଭଲ ପାଉଥିବା ’ମୁଁ’କୁ ଆବିଷ୍କାର କରିବା ଆଜିର ଉତରପିଢ଼ିର ଦାୟିତ୍ୱ ହେଉ ବୋଲି ପ୍ରଫେସର ସାମଲ ପରାମର୍ଶ ଦେଇଥିଲେ । ଏହି ଅବସରରେ ଉଚ୍ଚ ମାଧ୍ୟମିକ ଓ ସ୍ନାତକ ଶ୍ରେଣୀର କୃତିତ୍ୱ ହାସଲ କରିଥିବା ଶ୍ରେଷ୍ଠ ଛାତ୍ରୀ ଓ ବିଭିନ୍ନ ବିଭାଗର ଶ୍ରେଷ୍ଠ ସ୍ନାତକଙ୍କୁ ଅର୍ଥରାଶି ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଡକ୍ଟର ସବିତା ଦାସ ଓ ଅଧ୍ୟାପିକା ମହାଶ୍ୱେତା ପାଣ୍ଡେ ପୁରସ୍କାର ବିତରଣ ଉତ୍ସବ ପରିଚାଳନା କରିଥିଲେ । ମହାବିଦ୍ୟାଳୟର ପୁରାତନ ଅଧ୍ୟକ୍ଷା ରଶ୍ମିରେଖା ପତି ଉପସ୍ଥିତ ଥିଲେ । ଅଧ୍ୟାପକ ରାଜକିଶୋର ପଣ୍ଡିତ ଧନ୍ୟବାଦ ଅର୍ପଣ କରିଥିଲେ ।



# ବିଜେପିର "ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ" ଶିବିର



ଖୁଂଟା(ନିପ୍ର): ମୟୁରଭଞ୍ଜ ଜିଲ୍ଲାର ଖୁଂଟା ବ୍ଲକ ଅନ୍ତର୍ଗତ କହ୍ନେଇବନ୍ଦ ମଣ୍ଡଳରେ ଭାରତୀୟ ଜନତା ପାର୍ଟି ପକ୍ଷରୁ "ଦୀନ ଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ" ଶିବିର ଆଜି ଡି.କେ. ହାଇସ୍କୁଲ୍ ପରିସରରେ ଅପରାହ୍ନ ୩ଟା ସମୟରେ ଉଦ୍ଘାଟିତ ହୋଇଛି । ଉଦ୍ଘାଟନ ଅବସରରେ ପୂର୍ବ ମୟୁରଭଞ୍ଜ ଜିଲ୍ଲା ବିଜେପି ସଭାପତି ନିହାର ରଞ୍ଜନ ମୋଦି ଦଳୀୟ ପତାକା ଉତ୍ତୋଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ପରେ ଭାରତ ମାତା, ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ଓ ଡ଼ଃ ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା । ମଣ୍ଡଳ ସଭାପତି ଦୁଷ୍ମନ୍ତ ଘୋଷ (କାଳିଆ ଭାଇ) ଅତିଥି ଓ ପ୍ରଶିକ୍ଷଣ ବକ୍ତାମାନଙ୍କୁ ମଂଚରେ ଆମନ୍ତ୍ରଣ କରି ସ୍ୱାଗତ ଭାଷଣ ରଖିଥିଲେ । ପରେ ମଂଚ ପରିଚାଳନା ପାଇଁ ପୂର୍ବ ମୟୁରଭଞ୍ଜ ଜିଲ୍ଲା ଉପସଭାପତି ରଞ୍ଜନ କୁମାର ମଦ୍ଧୁଆଳଙ୍କୁ ନିବେଦନ କରାଯାଇଥିଲା । ସମସ୍ତ ଅତିଥିଙ୍କୁ ଫୁଲତୋଡ଼ା ଓ ଉପହାର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ପରେ ସମସ୍ତେ ଏକସାଥିରେ "ବନ୍ଦେ ମାତରମ୍" ଗାନ କରିଥିଲେ । ପ୍ରଶିକ୍ଷଣ ଶିବିରର ପ୍ରଥମ ସତ୍ରରେ ନିହାର ରଞ୍ଜନ ମୋଦି ବିଜେପିର ଇତିହାସ ଓ ବିକାଶ ବିଷୟରେ ଆଲୋଚନା କରିଥିଲେ, ଯାହା ପ୍ରାୟ ୩୫ ମିନିଟ୍ ଧରି ଚାଲିଥିଲା । ଦ୍ୱିତୀୟ ସତ୍ରରେ ଉଦଳା ବିଧାୟକ ଏବଂ ମୟୁରଭଞ୍ଜ ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ ଭାସ୍କର ମଢେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ଉପସ୍ଥାପନା କରିଥିଲେ । ତୃତୀୟ ସତ୍ରରେ ବରିଷ୍ଠ ନେତା କମଳ ଧୋଳ କାର୍ଯ୍ୟପଦ୍ଧତି ଉପରେ ପ୍ରଶିକ୍ଷଣ ଦେଇଥିଲେ । ଚତୁର୍ଥ ସତ୍ରରେ ଉଦଳା ଏନଏସି ଚେୟାରମେନ୍ ଏବଂ ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ପ୍ରମିଳା ପଣ୍ଡା ସଂଗଠନର ବିସ୍ତାର ଓ ସୁଦୃଢ଼ୀକରଣ ବିଷୟରେ ଆଲୋକପାତ କରିଥିଲେ । ସମସ୍ତ ସତ୍ର ଶେଷରେ ସ୍ଥାନୀୟ ବିଧାୟକ ପ୍ରକାଶ ସୋରେନ ଉପସ୍ଥିତ ଶିକ୍ଷାର୍ଥୀମାନଙ୍କୁ ଦଳର ମୌଳିକ ଅଧିକାର, କର୍ତ୍ତବ୍ୟ ଓ ସଂଗଠନକୁ ସୁଦୃଢ଼ କରିବାର ପଦ୍ଧତି ସମ୍ପର୍କରେ ଅଭିଭାଷଣ ରଖିଥିଲେ । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ପୂର୍ବତନ ମଣ୍ଡଳ ସଭପତି ଭବାନୀ ଶଙ୍କର ଲେଙ୍କା, ଅଞ୍ଜ କିଶୋର ଜେନା, ମଦନ ମୋହନ ପତ୍ର, ପଦ୍ମଲୋଚନ ନାୟକ, ପ୍ରଫୁଲ୍ଲ ମାଝୀ, ଶ୍ରୀଧର କୁଅଁର, ଧନେଶ୍ୱର ଟୁଡୁ, ନବୀନ କୁମାର ମହାନ୍ତ, ରୀନା ମହାନ୍ତ, ଦୁଲ୍ଲୀ ହେମ୍ବ୍ରମ୍, ଲକ୍ଷ୍ମୀ ତରେଇ, ସୁଦର୍ଶନ ବେହେରା ଓ ସ୍ୱରୂପ ମହାପାତ୍ର ସହିତ ଅନ୍ୟାନ୍ୟ କର୍ମୀମାନେ ସକ୍ରିୟ ସହଯୋଗ କରିଥିଲେ । ଶେଷରେ ମଣ୍ଡଳ କୋଷାଧ୍ୟକ୍ଷ ଉପେନ୍ଦ୍ର ନାଏକ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ । ଏହି ପ୍ରଶିକ୍ଷଣ ମହାଅଭିଯାନ ଶିବିରର ଉଦାଯାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ।

# ଗୋବିନ୍ଦପୁର ସମବାୟ ସମିତିର ବାର୍ଷିକ ସାଧାରଣ ସଭା



ଖଇରା(ନିପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗୋବିନ୍ଦପୁର ସେବା ସମବାୟ ସମିତିର ବାର୍ଷିକ ସାଧାରଣ ସଭା ଶତାଧିକ ଚାଷୀ, ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇ ହୋଇ ଯାଇଛି । ପରିଚାଳନା ବୋର୍ଡ ସଭାପତି ରବିନ୍ଦ୍ର କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ସମ୍ପାଦକ ପ୍ରଫୁଲ୍ଲ କୁମାର ଖଣ୍ଡା ଆୟବ୍ୟୟର ହିସାବ ପ୍ରଦାନ କରିଥିଲେ । ବୋର୍ଡ ସଦସ୍ୟ ନିଳାମ୍ବର ପଣ୍ଡା, ଅଜିତ ରାଉତ, ରମାକାନ୍ତ ମହାନ୍ତି, ଅନନ୍ତ ପ୍ରସାଦ ବାରିକ, ମୃତ୍ୟୁଞ୍ଜୟ ଜେନା ପ୍ରମୁଖ ମଂଚାସୀନ ଅତିଥି ଭାବେ ଯୋଗଦେଇ ସମିତିକୁ ଅଧିକ ଲାଭବାନ କରିବା ଉପରେ ସୁଚିନ୍ତିତ ପରାମର୍ଶ ଦେଇଥିଲେ । ସମିତି କର୍ମଚାରୀ ରିତେଶ ମୁଦୁଲି, ସରୋଜ ମହାକୁଡ, ବେଣୁଧର ପଣ୍ଡା ପ୍ରମୁଖ ସଭା ପରିଚାଳନାରେ ସହଯୋଗ କରିଥିଲେ ।

# ଓଡ଼ିଶା ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ସଂଘର ୪୮ତମ ବାର୍ଷିକ ଉତ୍ସବ

କଟକ(ନିପ୍ର): ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଓ ହସପିଟାଲର ନୂତନ ଅଡିଟୋରିୟମରେ ଏ ଓ ଜି ଓ ୨୦୨୬ର ୪୮ତମ ବାର୍ଷିକ ସମ୍ମିଳନୀର ଉଦ୍ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ସଂଘର ସଭାପତି ଡକ୍ଟର ସୁଜାତା ମିଶ୍ର ସଭାପତିତ୍ୱ କରିଥିବାବେଳେ ସମ୍ପାଦକ ତଥା କୋଷାଧ୍ୟକ୍ଷ ଡକ୍ଟର ଅଶୋକ କୁମାର ପାଢ଼ୀ ବାର୍ଷିକ ବିବରଣୀ କହି କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ । ଏହି ଉଦଘାଟନୀ ସମାରୋହରେ ମାନ୍ୟବର ସାଂସଦ (ରାଜ୍ୟସଭା) ଶ୍ରୀଯୁକ୍ତ ମନମୋହନ ସାମଲ ମୁଖ୍ୟ ଅତିଥି, ପ୍ରଫେସର ପ୍ରତିଭା ପଣ୍ଡା ସମ୍ମାନିତ ଅତିଥି ଏବଂ ସ୍ୱାମୀ ନିର୍ଲିପ୍ତାନନ୍ଦ ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇ ଆଧୁନିକ ଚିକିତ୍ସା ପଦ୍ଧତିରେ ମା ମାନେ କିପରି ସୁସ୍ଥ ନିରୋଗ ରହି ରୋଗ ପ୍ରତିରୋଧ କରି ସୁରକ୍ଷିତ ରହିବା ସହିତ ଦୀର୍ଘଦିନ ନିରାମୟ ଜୀବନ ଅତିବାହିତ କରିପାରିବେ ସେ ବିଷୟରେ ଆଲୋଚନା କରିଥିଲେ । ଆନ୍ତର୍ଜାତୀୟ, ଜାତୀୟ ଏବଂ ରାଜ୍ୟ ସ୍ତରୀୟ ଅଧ୍ୟାପକମାନଙ୍କ ଦ୍ୱାରା ପ୍ରସୂତି ଓ ସ୍ତ୍ରୀ ରୋଗ ଅଭ୍ୟାସର ମୌଳିକ ତତ୍ୱ ଉପରେ ଆଲୋକପାତ କରିବା ଏବଂ ରୋଗୀଙ୍କ ସୁବିଧା ପାଇଁ ଅଭ୍ୟାସ କରୁଥିବା ପ୍ରସୂତି ଓ ସ୍ତ୍ରୀ ରୋଗ ବିଶେଷଜ୍ଞଙ୍କ ଦକ୍ଷତା ବୃଦ୍ଧି ଭଳି ଅନେକ ଶିକ୍ଷାଗତ ଆଲୋଚନା କରାଯାଇ ଥିଲା । ଏହି ଅବସରରେ ଉପସଭାପତି ଡକ୍ଟର ଭାଗ୍ୟଲକ୍ଷ୍ମୀ ନାୟକ ଓ ଡକ୍ଟର ସସ୍ମିତା ସ୍ୱାଇଁ, ଡକ୍ଟର ଦୀପା ସେଠୀ, ଡକ୍ଟର ମଧୁସ୍ମିତା ହେମ୍ବ୍ରମ ଓ ଡକ୍ଟର ତାପସ କୁମାର ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ବହୁ ବିଭାଗୀୟ ବିଶେଷଜ୍ଞ ପ୍ରଫେସର ଓ ଡକ୍ଟର ଉପସ୍ଥିତ ହୋଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

# ଦେଶବ୍ୟାପୀ ମେଗା ଅଭିଯାନନର ଶୁଭାରମ୍ଭ କଲେ ଇଫକୋ ଅଧ୍ୟକ୍ଷ ଦିଲୀପ ସଙ୍ଘାଣୀ

ନୂଆଦିଲ୍ଲୀ/ପାରାଦୀପ(ନିପ୍ର): ଇଫକୋର ଅଧ୍ୟକ୍ଷ ଦିଲୀପ ସଂଘାଣୀ ଦେଶବ୍ୟାପୀ ନାନୋ ସାର ସଚେତନତା ମେଗା ଅଭିଯାନର ଶୁଭାରମ୍ଭ କରିଛନ୍ତି । ଶ୍ରୀ ସଂଘାଣୀ ଦିଲ୍ଲୀରୁ ପାଂଚଟି ନାନୋ ପ୍ରଚାର ଭ୍ୟାନ୍‌କୁ ପତାକା ଦେଖାଇ ଏହି ଅଭିଯାନର ଐତିହାସିକ ଶୁଭାରମ୍ଭ କରିଛନ୍ତି । ଏହି ଅଭିଯାନ ୧୯ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳର ୫୬୦ଟି ଜିଲ୍ଲା ଏବଂ ୩,୪୭୭ଟି ତହସିଲରେ ବ୍ୟାପକ ଭାବେ ଚାଲିବ ବୋଲି ଶ୍ରୀ ସଂଘାଣୀ କହିଛନ୍ତି । ନାନୋ ଏନପିକେ ଲିକ୍ୱିଡ୍ (୮-୮-୧୦) ଓ ନାନୋ ଏନପିକେ ଗ୍ରାନ୍ୟୁଲାର (୨୦-୧୦-୧୦) କୁ ଭାରତର ସାର ନିୟନ୍ତ୍ରଣ ଆଦେଶ (ଏଫସିଓ) ଭିତରେ ଅଧିକାରିକ ଭାବେ ସମ୍ମିଳିତ କରାଯାଇଛି । ଏହି ଅଭିଯାନ ପ୍ରିଂଟ, ଟେଲିଭିଜନ୍, ରେଡିଓ, ଆଉଟଡୋର ଓ ଡିଜିଟାଲ୍ ମାଧ୍ୟମ ସମେତ ବହୁମାଧ୍ୟମୀ ପ୍ରଚାର ପ୍ରଣାଳୀକୁ ଆପଣାଯିବ ବୋଲି ଶ୍ରୀ ସଂଘାଣୀ କହିଛନ୍ତି । ଭାରତର ସର୍ବବୃହତ୍ ସାର ଉତ୍ପାଦକାରୀ ସଂସ୍ଥା ଇଫକୋ ଆଜି ଅଧିକାରିକ ଭାବେ ନାନୋ ସାର ସଚେତନତା ମେଗା ଅଭିଯାନ ଆରମ୍ଭ କରିଛି । ଆୟୋଜିତ ଏକ ପ୍ରେସ୍ ସମ୍ମିଳନୀରେ ଉଦବୋଧନ ଇଫକୋ ଅଧ୍ୟକ୍ଷ ଦିଲୀପ ସଂଘାଣୀ କହିଛନ୍ତି ଯେ, ଏହା ଭାରତୀୟ କୃଷକମାନଙ୍କ ମଧ୍ୟରେ ନାନୋ ସାର ବ୍ୟବହାରକୁ ପ୍ରୋତ୍ସାହନ ଦେବାକୁ ଏକ ସମଗ୍ର ଜାତୀୟ ଅଭିଯାନ । ଏହି ଅଭିଯାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ କେନ୍ଦ୍ର ଗୃହ ଓ ସହକାରୀ ମନ୍ତ୍ରୀ ଅମିତ ଶାହଙ୍କ ପ୍ରେରଣାରେ "ଆତ୍ମନିର୍ଭର ଭାରତ" ଓ "ସହକାର ରେ ସମୃଦ୍ଧି" ଭଳି ଜାତୀୟ ଅଭିଯାନ ସହ ସମନ୍ୱୟରେ ଆରମ୍ଭ ହୋଇଛି । କୋୟମ୍ବାତୁରରେ ଅବସ୍ଥିତ ଇଫକୋ-ନାନୋଭେନ୍ସ ନବୀନତା କେନ୍ଦ୍ର ଓ ବ୍ରାଜିଲରେ ଆସନ୍ତା ଜୁନ୍ ୨୦୨୬ ମଧ୍ୟରେ ଚାଲୁ ହେବାକୁ ଥିବା ନାନୋ ସାର କାରଖାନା ଭାରତର କୃଷି ନାନୋ ପ୍ରଯୁକ୍ତିର ବିଶ୍ୱସ୍ତରୀୟ ଶକ୍ତିକୁ ପ୍ରଦର୍ଶନ କରିଛି । ଶ୍ରୀ ସଂଘାଣୀ କହିଛନ୍ତି ଯେ, ଭାରତ ଏକ ଐତିହାସିକ ସମୟରେ ଅଛି, ଯେଉଁଠାରେ ପାରମ୍ପରିକତା ଓ ପ୍ରଯୁକ୍ତି ମିଶି କୃଷିକୁ ନୂତନ ଦିଗ ଦେଉଛି । ଏହି ଅଭିଯାନ "ସହକାର ସେ ସମୃଦ୍ଧି" ଦୃଷ୍ଟିକୋଣକୁ ପ୍ରତିଫଳିତ କରି




ଆତ୍ମନିର୍ଭର କୃଷିକୁ ସମର୍ଥନ କରୁଛି । ସେ ନାନୋ ସାର ବିପ୍ଳବକୁ ଭାରତୀୟ କୃଷି ପାଇଁ ଏକ ପରିବର୍ତ୍ତନଶୀଳ ମୁହୂର୍ତ୍ତ ବୋଲି ବର୍ଣ୍ଣନା କରିଛନ୍ତି । ଅଭିଯାନର ଚାରିଟି ମୁଖ୍ୟ ଉଦ୍ଦେଶ୍ୟ ହେଉଛି ନାନୋ ୟୁରିଆ ପ୍ଲସ୍, ନାନୋ ଡିଏପି, ନାନୋ ଏନପିକେ, ନାନୋ ଜିଙ୍କ ଓ ନାନୋ କପରର ପ୍ରଚାର, ଫୋଲିଆର୍ ସ୍ପ୍ରେ ମାଧ୍ୟମରେ କୃଷକମାନଙ୍କୁ ସାରର ସଠିକ୍ ବ୍ୟବହାର ଶିକ୍ଷା, ପାରମ୍ପରିକ ସାର ଉପରେ ନିର୍ଭରତା କମାଇବା, ସହକାରୀ ନେଟୱର୍କ ମାଧ୍ୟମରେ ଶେଷ ସୀମା ପର୍ଯ୍ୟନ୍ତ ପହଂଚିବାକୁ ସୁନିଶ୍ଚିତ କରିବା ସେ କହିଛନ୍ତି ଯେ, ପ୍ରାଥମିକ କୃଷି ସହକାରୀ ସମିତି (ପିଏସିଏସ) ଓ କ୍ଷେତ୍ର ଦେଖାଣି ମାଧ୍ୟମରେ ଗ୍ରାମ ସ୍ତରରେ ସଚେତନତା ବୃଦ୍ଧି କରିବା ଆବଶ୍ୟକ, ଯାହା ଫଳରେ କୃଷକମାନେ ପ୍ରତ୍ୟକ୍ଷ ଫଳାଫଳ ଦେଖି ବିଶ୍ୱାସ ଜନ୍ମାଇ ପାରିବେ । ଶେଷରେ ଶ୍ରୀ ସାଙ୍ଘାଣୀ ଏହି ଅଭିଯାନକୁ ଜନଆନ୍ଦୋଳନର ରୂପ ଦେବାକୁ ଆହ୍ୱାନ କରିଛନ୍ତି । ସେ କହିଛନ୍ତି ଯେ, ନାନୋ ସାର କେବଳ ଉତ୍ପାଦ ନୁହେଁ, ବରଂ ମାଟି ସୁରକ୍ଷା, ପରିବେଶ ସୁଧାର ଓ କୃଷକଙ୍କ ଆୟ ବୃଦ୍ଧିର ଏକ ମହତ୍ୱପୂର୍ଣ୍ଣ ଉପାୟ । ଇଫକୋ ଦ୍ୱାରା ୨୧.୮ ମିଲିୟନ୍ ବୋତଲ୍ ନାନୋ ୟୁରିଆ ପ୍ଲସ୍ ଲିକ୍ୱିଡ୍ ଓ ୬.୪୨୬ ମିଲିୟନ୍ ବୋତଲ୍ ନାନୋ ଡିଏପି ଲିକ୍ୱିଡ୍ ବିକ୍ରି ହୋଇଛି । ନାନୋ ଜିଙ୍କ ଓ ନାନୋ କପର ମଧ୍ୟ ପ୍ରଥମ ବର୍ଷରେ ଉଲ୍ଲେଖନୀୟ ବିକ୍ରି ହାସଲ କରିଛି । ସେହିପରି ୨୦.୮୨୬ ମିଲିୟନ୍ ବୋତଲ୍ ନାନୋ ୟୁରିଆ ପ୍ଲସ୍ ପାରମ୍ପରିକ ୟୁରିଆର ୦.୯୩୭ ମିଲିୟନ୍ ମେଟ୍ରିକ୍ ଟନ୍ ସମାନ, ଯେତେବେଳେ ୫.୭୮୯ ମିଲିୟନ୍ ବୋତଲ୍ ନାନୋ ଡିଏପି ପାରମ୍ପରିକ ଡିଏପି ର ୦.୨୮୯ ମିଲିୟନ୍ ମେଟ୍ରିକ୍ ଟନ୍ ସହିତ ସମାନ, ଯାହା ଲଜିଷ୍ଟିକ୍ସ, ଶକ୍ତି ଓ ଆମଦାନି ଖର୍ଚ୍ଚରେ ବିଶେଷ ସଂଚୟ ଆଣିଛି । ଇଫକୋର ନାନୋ ଉତ୍ପାଦ ଶ୍ରେଣୀରେ ନାନୋ ୟୁରିଆ ପ୍ଲସ୍, ନାନୋ ଡିଏପି, ନାନୋ ଏନପିକେ (ଲିକ୍ୱିଡ୍ ଓ ଗ୍ରାନ୍ୟୁଲାର), ନାନୋ ଜିଙ୍କ, ନାନୋ କପର ଓ "ଧରାଅମୃତ" ବାୟୋ-ଷ୍ଟିମ୍ୟୁଲାଂଟ ଅନ୍ତର୍ଭୁକ୍ତ ଅଛି, ଯାହା କୃଷକମାନଙ୍କ ମଧ୍ୟରେ ଲୋକପ୍ରିୟତା ହାସଲ କରୁଛି । ୨୦୨୫–୨୬ ଆର୍ଥିକ ବର୍ଷ ପାଇଁ ଇଫକୋର ଟ୍ୟାକ୍ସ ପୂର୍ବ ଲାଭ ଆନୁମାନିକ ଟ୪,୨୦୦ କୋଟିରୁ ଅଧିକ ହେବ । ନାନୋ ପ୍ରଯୁକ୍ତି, ଡ୍ରୋନ୍ ପ୍ରଯୁକ୍ତି, ଏଆଇ ଓ ଡାଟା ଆନାଲିଟିକ୍ସ ମାଧ୍ୟମରେ ଇଫକୋ ଭାରତର କୃଷି କ୍ଷେତ୍ରକୁ ପରିବର୍ତ୍ତନ କରୁଛି । ଏହି କାର୍ଯ୍ୟକ୍ରମ ନୂଆଦିଲ୍ଲୀର ଇଫକୋ ସଦନରେ ଆୟୋଜିତ ହୋଇଥିଲା, ଯେଉଁଠାରେ ପ୍ରବନ୍ଧ ନିର୍ଦ୍ଦେଶକ କେ. ଜେ. ପଟେଲ୍, ବୋର୍ଡ ସଦସ୍ୟ, ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ ।

# ସଡ଼କ ଦୁର୍ଘଟଣାରେ ଜଣେ ମୃତ

ସୋର(ନିପ୍ର): ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ପାଇକାଳି ନିକଟସ୍ଥ ବଳିଆ ହୋଟେଲ ସମ୍ମୁଖରେ ଆଜି ମଧ୍ୟାହ୍ନରେ ବ୍ୟାଙ୍କରୁ କାମ ସାରି ଘରକୁ ଫେରୁଥିବା ବେଳେ ସଡକ ଦୁର୍ଘଟଣାରେ ଜଣେ ଫାଇନାନ୍ସ କର୍ମଚାରୀଙ୍କର ମୃତ୍ୟୁ ହୋଇ ଯାଇଛି । ସୂଚନାଅନୁସାରେ ଖଇରା ଥାନା ସାରକଣା ଗ୍ରାମର ହିମାଂଶୁ ସାହୁ ବାଲେଶ୍ୱର ସ୍ଥିତ ଆଇଡିଏଫସି ବ୍ୟାଙ୍କରେ ଫାଇନାନ୍ସ କର୍ମଚାରୀ ଭାବେ କାମ କରନ୍ତି । ସେ ବ୍ୟାଙ୍କରୁ କାମ ସାରି ବାଇକ ଯୋଗେ ଘରକୁ ଫେରୁଥିବା ବେଳେ ବଳିଆ ହୋଟେଲ ସାମ୍ନାରେ ଏକ ଅଜଣା ଗାଡି ତାଙ୍କ ବାଇକକୁ ଧକା ଦେଇ ଫେରାର ହୋଇଯାଇଥିଲା । ଫଳରେ ସ୍ଥାନୀୟ ଲୋକେ ହିମାଂଶୁଙ୍କୁ ଗୁରୁତର ଭାବେ ଉଦ୍ଧାର କରି ସୋର ଡାକ୍ତରଖାନାକୁ ନେଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇ ଜାତୀୟ ରାଜପଥ ପେଟ୍ରୋଲିଂ ପୁଲିସ ଓ ସୋର ପୁଲିସ ଘଟଣା ସ୍ଥଳରେ ପହଂଚି ଗାଡିକୁ ଜବତ କରି ଥାନାରେ ରଖିଥିଲେ । ପୁଲିସ ଏକ ମାମଲା ରୁଜୁ କରି ଶବ ଜବତ କରି ବ୍ୟବଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରି ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି ।

# ରକ୍ତଦାନ ଶିବିର ଅନୁଷ୍ଠିତ

ପୁରୀ(ନିପ୍ର) ଓଡ଼ିଆ ପକ୍ଷ- ୨୦୨୬ ଆନୁକୂଲ୍ୟରେ ସ୍ଥାନୀୟ ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟ ରେ ଯୁବ ରେଡ଼କ୍ରସ ବିଭାଗ ଦ୍ୱାରା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଚିତରଞ୍ଜନ ଦ୍ୱିବେଦୀ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ସହ ରକ୍ତଦାନର ମହତ୍ୱ ସମ୍ପର୍କରେ ଛାତ୍ର, ଛାତ୍ରୀଙ୍କୁ ଅବଗତ କରାଇ ଥିଲେ । ରେଡ଼କ୍ରସ ବିଭାଗ, ଜିଲ୍ଲା ଆବାହକ ଶୋଭନା ତ୍ରିପାଠୀ, ମହାବିଦ୍ୟାଳୟ ଅଧିନସ୍ଥ ରେଡ଼କ୍ରସ ସଂଯୋଜିକା ଡ. ସଂଗୀତା ମିଶ୍ରଙ୍କ ତତ୍ତ୍ୱାବିଧାନ ରେ ୫୪ ୟୁନିଟ ରକ୍ତସଂଗ୍ରହ ହୋଇଛି । ଏଥିରେ ମହାବିଦ୍ୟାଳୟ ର ଛାତ୍ର ଛାତ୍ରୀ ତଥା ଅନ୍ୟାନ୍ୟ ଅଧ୍ୟାପକ, ଅଧ୍ୟାପିକାଙ୍କ ସକ୍ରିୟ ଅଂଶଗ୍ରହଣ ସହ ବିପୁଳ ଉତ୍ସାହ ଉଦ୍ଦୀପନା ରେ କାର୍ଯ୍ୟକ୍ରମ ସମାପନ ହୋଇଛି ।

# ଶ୍ରୀନନ୍ଦିକେଶ୍ୱର ମହାଦେବଙ୍କ ୪୮ତମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ

ସୋର(ନିପ୍ର): ସୋର ବ୍ଲକ ଅର୍ନ୍ତଗତ ନଦୀଗାଁ ଶ୍ରୀ ଶ୍ରୀ ନନ୍ଦିକେଶ୍ୱର ମହାଦେବଙ୍କ ପୀଠରେ ୪୮ ତମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ତିନିଦିନ ବ୍ୟାପି ଅନୁଷ୍ଠିତ ହୋଇଯାଇଛି । ସୋମବାର ବ୍ରତଧାରୀମାନଙ୍କ ଦ୍ୱାରା ଅଧିବାସ ହେବା ପରେ ଯଜ୍ଞ କାର୍ଯ୍ୟ ଆରମ୍ଭ କରାଯାଇଥିଲା । ମଙ୍ଗଳବାର ଘଟୋତଳନ କରାଯାଇ ୧୦ ଜଣ କର୍ମକାଣ୍ଡ ବେଦ ବିଶେଷଜ୍ଞ ବ୍ରାହ୍ମଣଙ୍କ ଦ୍ୱାରା ନିତିକାନ୍ତୀ ଅନୁସାରେ ଯଜ୍ଞ କର୍ମ କରାଯାଇଥିଲା । ମୁଖ୍ୟ ପୂଜକ ଗଙ୍ଗାଧର ତ୍ରିପାଠୀଙ୍କ ସହିତ ପ୍ରଧାନ ହୋତା ପିତାମ୍ବର ଦାଶ, ଶିବ ପୂଜକ ସୁଶାନ୍ତ ମିଶ୍ର, ନବକିଶୋରମିଶ୍ର, ପୁସ୍ତକାଚାର୍ଯ୍ୟ ପ୍ରାଣବନ୍ଧୁ ପଣ୍ଡା, ଚଣ୍ଡୀ ପାଠକ ଅଶୋକା ନନ୍ଦ ଦାଶ ଓ ଜଗନ୍ନାଥ ପଣ୍ଡା , ଗୀତାପାଠ ରବୀନ୍ଦ୍ର ପଣ୍ଡାଙ୍କ ଦ୍ୱାରା କରାଯାଇଥିଲା । ଅନ୍ୟତମ ପୂଜକ ଶଶିକାନ୍ତ ମିଶ୍ର,ଗୌର ଚନ୍ଦ୍ର ପାଠୀ ଓ ଶରତ ଚନ୍ଦ୍ର ପଣ୍ଡା ଙ୍କ ଦ୍ୱାରା ଦେବାଦେବୀଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା । ଏହି ମହାଯଜ୍ଞରେ ସୂର୍ଯ୍ୟ ଦେବତାଙ୍କୁ ପୂଜାର୍ଚ୍ଚନା ସହ ବିଷ୍ଣୁପୂଜା, ଦେବୀ ପୂଜା ,ମହାଦେବଙ୍କ ରୁଦ୍ରାବେଶ ଓ ରୁଦ୍ର ଯଜ୍ଞ ଆଦି କରାଯାଇଥିଲା । ବୁଧବାର ରାତ୍ର ୮ ଘଟିକା ସମୟରେ ପୂର୍ଣ୍ଣାହୂତି ଦିଆଯାଇ ଯଜ୍ଞ କାର୍ଯ୍ୟ ସମ୍ପନ୍ନ କରାଯାଇଥିଲା । ଆଖପାଖ ଗ୍ରାମମାନଙ୍କରୁ ସହସ୍ର ଶ୍ରଦ୍ଧାଳୁ ଉପସ୍ଥିତ ରହିଥିଲେ । ଗ୍ରାମବାସୀ ମାନଙ୍କର ସହଯୋଗ ସହିତ ରବୀନ୍ଦ୍ର ନାୟକ, ଶଶିକାନ୍ତ ମଲ୍ଲିକ, ବିଶ୍ୱଜିତ ମହାନ୍ତି ଓ ଖଗେଶ୍ୱର ମହାନ୍ତିଙ୍କ ପରିଚାଳନାରେ ଏହି ଯଜ୍ଞ କାର୍ଯ୍ୟ ସମ୍ପାଦିତ ହୋଇଥିଲା ।

# ବିରିଘାଟ ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ




ନୂଆପଡ଼ା(ନିପ୍ର): ନୂଆପଡା ଜିଲ୍ଲା ଖଡ଼ିଆଳ ବ୍ଲକ ବିରିଘାଟ ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ମହା ସମାରୋହ ରେ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ଇନ୍ଦର ବାଗ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ଶିକ୍ଷା ନିରୀକ୍ଷକ ଉଦୟ ସିଂ ମାଝୀ ଯୋଗଦେଇ ଛାତ୍ର ଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ । ସେହିପରି ସମ୍ମାନିତ ଅତିଥି ଭାବରେ ସି ଆର ସି ସି ବିରଂଚି କୁମାର ମେହେର, ଧୋବେଇ ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଶୀଲ କୁମାର ପତି, ଫଂଚମପୁର ଆଶ୍ରମ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ହୋତା, ବିରିଘାଟ ଗ୍ରାମ ପଂଚାୟତ ସରପଂଚ ରଂଜିତା କାଣ୍ଡ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି କୁନୁହଁସ, ଫଂଚମପୁର ଆଶ୍ରମ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ହୋତା, ବରିଷ୍ଠ ଶିକ୍ଷକ ଗୁପ୍ତ ଚରଣ ଦାସ, ସହଦେବ ରାଉତ ମଂଚାସୀନ ହୋଇ ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିବା ସହିତ ବାର୍ଷିକ ଉତ୍ସବ କରିବା ଦ୍ୱାରା ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ ପ୍ରତିଭାକୁ ସୁଯୋଗ ଦେବା ସହିତ ଉତ୍ସାହ ପ୍ରଦାନ କରିବା ପାଇଁ ଏକ ମଂଚ ସୃଷ୍ଟିକରିଥାଏ । ତେଣୁ ବାର୍ଷିକ ଉତ୍ସବ ଛାତ୍ରଛାତ୍ରୀଙ୍କୁ ଶୃଙ୍ଖଳିତ, କର୍ତ୍ତବ୍ୟ ନିଷ୍ଠ, ହେବାପାଇଁ ପ୍ରେରଣା ଦେଇଥାଏ ବୋଲି ଅତିଥି ମନେ ଅଭିଭାଷଣ ରଖିଥିଲେ । ଏହି କାର୍ଯ୍ୟକ୍ରମକୁ ସଫଳ କରିବାପାଇଁ, ଶିକ୍ଷୟତ୍ରୀ ସଂଯୁକ୍ତା ପଣ୍ଡା, ଝୁନୀ ଚଲକ୍ଷନ, ଲକ୍ଷ୍ମୀ କାନ୍ତ ରଣା, ଲିଙ୍ଗରାଜ ମେହେର, ମୋହିତ ମେହେର, ମେଟ୍ରୋନ ଯଶୋଦା ଦେଇ, ଘସିରାମ ବାଗ, ଗଣେଶ ରାମ ମାଝୀ, ପୁଷ୍ପ ଲତା ମାଝୀ, ଦେବକୀ ମାଝୀ ଲୋକନାଥ ମାଝୀ, ସହଯୋଗ କରିଥିଲେ ।

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, JAJPUR

No. 25001/15/2627

e-PROCUREMENT NOTICE NO. Tender Online 01 JJPT of 2026-27

| | | |
|---|---|---|
| 1. | Name of work | : Building Works. |
| 2. | Total No of Work | : 3 Nos. Building Works . |
| 3. | Estimated Cost (Approx.) | : Rs 10.91 to 42.89 Lakhs |
| 4. | Period of Completion | : 90 to 270 Days |
| 5. | Class of contractors | : "D ,C & B" Class |

Other details as follows:

| | | |
|---|---|---|
| a) | Procurement officer | : Superintending Engineer, Rural Works Division, Jajpur |
| b) | Availability of tender online & submission of bid | : 15.04.2026 at 10.00 AM to 28.04.2026 upto 5.00 PM |
| c) | Last date & time of seeking of tender clarification | : 27.04.2026 up to 5.00 PM |
| d) | Opening of Technical Bid | :29.04.2026 at 11.30 A.M. |

Further details can be seen from the Govt. website www.tendersodisha.gov.in

Note:- If situation arises the transparent lottery will be held on 05.05.2026 , At 11:30 AM

OIPR. 25001/25047/1/26-27/0001

Sd/-
Superintending Engineer
Rural Works Divison
Jajpur





ଜ୍ଞାନ ହେଉଛି ଦରିଦ୍ରର ସଂପଦ, ଧନୀର ସମ୍ମାନ, ଯୁବକର ଭରସା ଓ ବୃଦ୍ଧର ଶାନ୍ତି ତଥା ସୁଖ ।

# ଆଜିକାଲି



*ସମଃ ଶତ୍ରୌ ଚ ମିତ୍ରେ ଚ, ତଥା ମାନାପମାନୟୋଃ*
*ଶୀତୋଷ୍ଣସୁଖଦୁଃଖେଷୁ, ସମଃ ସଙ୍ଗବିବର୍ଜିତଃ ॥*
*(ଶ୍ରୀମଦ୍ ଭଗବଦ୍ ଗୀତା)*

ଭାବାର୍ଥ :ରାଗ, ହିଂସା, କାମନାଶୂନ୍ୟ, ପାପପୁଣ୍ୟ, ଶୁଭାଶୁଭ ଜାଣେ ନାହିଁ, ସେମାନେ ସର୍ବଦା ଅନୁରାଗୀ ହେତୁ ମୋର ପ୍ରିୟ ଅଟନ୍ତି ।

## ସମାନ ମାମଲାରେ ଭିନ୍ନ ଭିନ୍ନ ରାୟ

ସମାନ ପ୍ରସଙ୍ଗ ଉପରେ ଦୁଇଟି ପୃଥକ ମାମଲାରେ ଆଲାହାବାଦ ହାଇକୋର୍ଟର ଦୁଇ ପ୍ରକାରର ରାୟ, ଆଇନ ଓ ନୈତିକତାର ସୀମା ବା ମିଳନସ୍ଥଳ ହେଉଛି ଏକ କଠିନ କ୍ଷେତ୍ର ବୋଲି ସଂକେତ ପ୍ରଦାନ କରେ । ପୂର୍ବରୁ ଆଲାହାବାଦ ହାଇକୋର୍ଟର ଏକ ଜଣିକିଆ ଖଣ୍ଡପୀଠ ରାୟ ଦେଇଥିଲେ ଯେ, ଜଣେ ବିବାହିତ ବ୍ୟକ୍ତିର ସ୍ୱାମୀ କିମ୍ବା ତାଙ୍କର ପତ୍ନୀଙ୍କ ଠାରୁ ଛାଡପତ୍ର ନପାଇବା ପର୍ଯ୍ୟନ୍ତ ଜଣେ ତୃତୀୟ ବ୍ୟକ୍ତିଙ୍କ ସହିତ ଲିଭ-ଇନ ସମ୍ପର୍କରେ ରହିପାରିବେ ନାହିଁ । ଅନ୍ୟ ଏକ ମାମଲାରେ ଲିଭ-ଇନ-ସମ୍ପର୍କରେ ଥିବା ଏକ ଦମ୍ପତି ସ୍ୱାଧୀନ, ନିର୍ଭୟ ଏବଂ ଶାନ୍ତିରେ ବାସ କରିବା ପାଇଁ ଅଦାଲତଙ୍କ ଠାରୁ ସୁରକ୍ଷା ପ୍ରାର୍ଥନା କରିଥିବା ଏକ ଆବେଦନର ଶୁଣାଣୀ କହି ଦୁଇଜଣିଆ ଖଣ୍ଡପୀଠ ମତ ଦେଇଥିଲେ ଯେ, ସହମତି ଭିତିରେ ଦୁଇ ପ୍ରାପ୍ତବୟସ୍କଙ୍କ ମଧ୍ୟରେ ଲିଭ-ଇନ୍ ସମ୍ପର୍କ, ଏପରିକି ଜଣେ ସେମାନଙ୍କ ମଧ୍ୟରେ ବିବାହିତ ଥିଲେ ମଧ୍ୟ ତାହା ଏକ ଅପରାଧ ବା ବେଆଇନ ନୁହେଁ । ଉଲ୍ଲେଖଯୋଗ୍ୟ, ଗୋଟିଏ ମାମଲାରେ ବ୍ୟକ୍ତିଗତ ସ୍ୱାଧୀନତା ନାମରେ ଏଭଳି ଏକ ଦମ୍ପତିଙ୍କୁ ସୁରକ୍ଷା ଦେଇ ସେମାନଙ୍କ ଦାମ୍ପତ୍ୟର ଆଇନଗତ ଅଧିକାରକୁ ଅଣଦେଖା କରାଯାଇପାରିବ ନାହିଁ ବୋଲି ଅଦାଲତ ସ୍ପଷ୍ଟ କରିଥିବା ବେଳେ ଅନୁରୂପ ଅନ୍ୟ ଏକ ମାମଲାରେ ସହମତିରେ ଲିଭ-ଇନ-ସମ୍ପର୍କରେ ବେଆଇନ ନୁହେଁ ବୋଲି ଦର୍ଶାଇ ସୁରକ୍ଷା ପ୍ରଦାନ କରିବା ନିଶ୍ଚିତ ଭାବେ ପରସ୍ପରର ବିରୁଦ୍ଧାଚରଣ କରୁଛି । କେବଳ ଏତିକି ନୁହେଁ, ବାସ୍ତବରେ ଏହା ଏକ ଗଭୀର ଆଇନଗତ ଶୂନ୍ୟତାର ପ୍ରତିବିମ୍ବିତ କରୁଛି ବୋଲି କୁହାଯାଇପାରିବ । ସମ୍ବିଧାନର ୨୧ଧାରା ଅନୁସାରେ ବ୍ୟକ୍ତିଗତ ସ୍ୱତନ୍ତ୍ର ଏବଂ ଜୀବନ ଧାରଣାରେ ଅଧିକାରର ଅଂଶବିଶେଷ ଭାବେ ଲିଭ-ଇନ-ସମ୍ପର୍କକୁ ଭାରତୀୟ ଆଇନ ସ୍ୱୀକୃତି ଦେବା ପାଇଁ ଏବେ ଅତ୍ୟନ୍ତ ସତର୍କତାର ସହ ଅଗ୍ରସର ହେଉଛି । ଭାରତୀୟ ଆଇନ ବିବାହକୁ ଏକ ଆଇନଗତ ପ୍ରବର୍ତନକ୍ଷମ ଅନୁଷ୍ଠାନ ଭାବେ ପ୍ରାଧାନ୍ୟ ପ୍ରଦାନକୁ ଅକ୍ଷୁର୍ଣ୍ଣ ରଖିଥିବାବେଳେ ଅଧିକାର ଓ ଆଇନଗତ ବାଧ୍ୟତାକୁ ଅବିଚାରିତ ଭାବେ ଅଗ୍ରାହ୍ୟ କରାଯାଇପାରବି ନାହିଁ । ଏହା ସତ୍ୟ ଯେ, ଭାରତରେ ବିବାହ ଉଭୟ ପରସ୍ପର ବୁଝାମଣା ଏବଂ ଏକ ଗଭୀର ତଥା ଅତୁଟ ସାମାଜିକ ବନ୍ଧନର ପ୍ରତୀକ । ତେଣୁ ଚିନ୍ତା କେବଳ ଆଇନଗତ ନୁହେଁ, ଏହା ହେଉଛି ସାମାଜିକ ଓ ନୈତିକ । ମାତ୍ର ଆଧୁନିକ ବା ମଡର୍ଣ୍ଣ ସମ୍ପର୍କର ବାସ୍ତବତା ହେଉଛି ଅସ୍ଥିର । ବିବାହ ବନ୍ଧନକୁ ଆନୁଷ୍ଠାନିକ ଭାବେ ସମାପ୍ତ ନକରି ଜଣେ ବ୍ୟକ୍ତିଗତ ଭାବେ ଲିଭ-ଇନ୍ ସମ୍ପର୍କରେ ରହିଲେ, ଆଇନ କଦାପି ଆଖିବୁଜି ରହିପାରିବ ନାହିଁ । ସୁରକ୍ଷା କିମ୍ବା ମାନ୍ୟତା ଅଗ୍ରାହ୍ୟ ଏଭଳି ସର୍ମ୍ପକୁ ଭାଙ୍ଗେ ନାହିଁ । କିନ୍ତୁ ସେମାନଙ୍କୁ ବିପଦ ଓ ଆଇନଗତ ଅନିଶ୍ଚିତତାକୁ ଠେଲି ଦିଏ । ଗୋଟିଏ ହାଇକୋର୍ଟର ସମାନ ମାମଲା ଉପରେ ପୃଥକ୍ ପୃଥକ ରାୟ ବିଭ୍ରାଟ ସୃଷ୍ଟି କରିବା ଆଶଙ୍କା କରାଯାଏ । ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି ଆଜିର ଯୁବକ-ଯୁବତୀ ବିବାହ ଅପେକ୍ଷା ଲିଭ-ଇନ-ସମ୍ପର୍କରେ ରହିବାକୁ ପସନ୍ଦ କରୁଥିବା ଜଣାଯାଏ । ପରିବାର ଜଂଜାଳରେ ନରହି ସେମାନେ ସ୍ୱାଧୀନ ଭାବେ ରହିବାକୁ ଆଗ୍ରହୀ । କିନ୍ତୁ ଏହି ସମ୍ପର୍କ ସ୍ଥାୟୀ ହୋଇ ରହିପାରୁନାହିଁ । ବଳାତ୍କାର, ହତ୍ୟା, ଶୋଷଣରେ ପରିଣତି ହୋଇଛି । ଏ ନେଇ ଅଭିଯୋଗ ବଢିବାରେ ଲାଗିଛି । ଏବେ ଆଲାହାବାଦ ହାଇକୋର୍ଟଙ୍କ ରାୟ ସମ୍ବିଧାନର ୨୧ଧାରା ଅନୁସାରେ ବ୍ୟକ୍ତିଗତ ଅଧିକାର ଓ ବ୍ୟକ୍ତିଗତ ସ୍ୱାତନ୍ତ୍ରତା ଆଧାରାର ମାନ୍ୟତା ପ୍ରଦାନ କରିଛନ୍ତି । ଯାହାକି ଭାରତୀୟ ସମାଜରେ ବିଶୃଙ୍ଖଳା ସୃଷ୍ଟି କରିବାର ଆଶଙ୍କାକୁ ଅଣଦେଖା କରାଯାଇନପାରେ । ଏ ନେଇ ବିଧେୟକରେ ସ୍ପଷ୍ଟିକରଣର ଆବଶ୍ୟକତା ରହିଛି । ସାମାଜିକ ନୈତିକତା ଏବଂ ଆଇନ ଉପରେ ଏହାର ପ୍ରଭାବ ଏବେ ଏକ ଗମ୍ଭୀର ପ୍ରସଙ୍ଗ ବୋଲି କୁହାଯାଇପାରେ ।

# ଦିନେ ନାହିଁ, କାଲେ ନାହିଁ ...

◆ ସୁବାସ କୁମାର ତାରଣିଆ

ସାମ୍ପ୍ରତିକ ସମୟରେ କ୍ରମାଗତ ଭାବରେ ଜଳବାୟୁ ପରିବର୍ତନ ଓ ଜଙ୍ଗଲ କ୍ଷୟ ଯୋଗୁ ତାପମାତ୍ରା ବୃଦ୍ଧି ଏବଂ ପରିବେଶ ପ୍ରଦୂଷଣ ଫଳରେ ମନୁଷ୍ୟ ଠାରୁ ଆରମ୍ଭ କରି ଜୀବଜଗତ ବିଶେଷ ପ୍ରଭାବିତ ହେଉଛନ୍ତି । ରାଜ୍ୟର ଉନ୍ନୟନମୂଳକ କାର୍ଯ୍ୟ ହେଉ କିମ୍ବା ରାସ୍ତା ସମ୍ପ୍ରସାରଣ ଅବା ବହୁତଳ ପ୍ରାସାଦ ନିର୍ମାଣ ହେଉ, ପ୍ରତିଦିନ ଶହ ଶହ ଗଛ ବଳି ପଡୁଛନ୍ତି । ଯେଉଁ ପରିମାଣରେ ଗଛ କଟାଯାଉଛି, ସେହି ପରିମାଣରେ ଗଛ ଲଗାଯାଉ ନଥିବାରୁ ଦିନକୁ ଦିନ ପରିବେଶ ପ୍ରଦୂଷିତ ହେବାରେ ଲାଗିଛି । ସେହିପରି ପ୍ଲାଷ୍ଟିକ ଦୈନନ୍ଦିନ ଚଳଣିର ଏକ ଅବିଚ୍ଛେଦ୍ୟ ଅଙ୍ଗ ପାଲଟିଛି । ସମୟ ଏପରି ଉପନୀତ ହୋଇଛି ଯେ, ଗାଁ ଠାରୁ ସହର, ଜଳଭାଗ, ସ୍ଥଳଭାଗ ସବୁଠି ପ୍ଲାଷ୍ଟିକର ଉପକାରିତା ଦେଖିବାକୁ ମିଳୁଛି । ଫଳରେ ପ୍ଲାଷ୍ଟିକ ପ୍ରଦୂଷଣ ଏକ ଚିନ୍ତାଜନକ ପରିସ୍ଥିତି ସୃଷ୍ଟି କରିଛି । ଅପରପକ୍ଷରେ ଗ୍ରାମା□ଳ ଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ସାରା ରାଜ୍ୟର ଗଳିକନ୍ଦି ଏବେ କଙ୍କ୍ରିଟମୟ । ଫଳରେ ପ୍ରତିବର୍ଷ ତାପମାତ୍ରା ବୃଦ୍ଧି ପାଉଛି, ଏହାକୁ ରୋକିବା ପାଇଁ ପ୍ରଶାସନ ତଥା ରାଜ୍ୟ ସରକାରଙ୍କ ପାଇଁ ଏକ ଆହ୍ୱାନ ସୃଷ୍ଟି କରିଛି । ସୁସ୍ଥ, ସୁନ୍ଦର ଓ ସବୁଜ ପରିବେଶର ନାରା ଦିଆଯାଉଥିଲେ ମଧ୍ୟ ତାହା ଭାଷଣବାଜିରେ ସୀମିତ ରହିଯାଉଛି । 'ଆଇପିଆଇ ଗ୍ଲୋବାଲ'ର ଏକ ଅଧ୍ୟୟନ ରିପୋର୍ଟରୁ ଜଣାପଡ଼ିଛି ଯେ ଜଳବାୟୁ ପରିବର୍ତନ ଯୋଗୁଁ ସମଗ୍ର ଭାରତରେ ଅତ୍ୟଧିକ ଗ୍ରୀଷ୍ମପ୍ରବାହ ଓ ବୃଷ୍ଟିପାତ ବ୍ୟାପକ ଭାବେ ବୃଦ୍ଧି ପାଇବ ଏବଂ ୨୦୩୦ ସୁଦ୍ଧା ଅଧିକାଂଶ ମହାନଗରରେ ଗ୍ରୀଷ୍ମପ୍ରବାହ ଦ୍ୱିଗୁଣିତ ହେବାର ସମ୍ଭାବନା ରହିଛି । ୧୯୮୦ ତୁଳନାରେ ୨୦୨୩୦ମସିହା ସୁଦ୍ଧା ଦିଲ୍ଲୀ, ମୁମ୍ବାଇ, ଚେନ୍ନାଇ, ସୁରଟ, ଥାନେ, ହାଇଦ୍ରାବାଦ, ପାଟନା ଓ ଭୁବନେଶ୍ୱର ଭଳି ସହରରେ ଗ୍ରୀଷ୍ମପ୍ରବାହ ଦ୍ୱିଗୁଣିତ ବୃଦ୍ଧି ପାଇବ ବୋଲି ଆକଳନ କରାଯାଉଛି । ୨୦୩୦ ସୁଦ୍ଧା ଜଳବାୟୁ ପରିବର୍ତନ ଯୋଗୁଁ ସମଗ୍ର ଭାରତରେ ଅତ୍ୟଧିକ ବୃଷ୍ଟିପାତର ତୀବ୍ରତା ୪୩% ବୃଦ୍ଧି ପାଇବ ଏବଂ ଦେଶରେ ଅଧିକ ଗରମ ଓ ଆଦ୍ର ହେବ ବୋଲି ରିପୋର୍ଟରେ କୁହାଯାଇଛି । ଏସବୁରୁ ମୁକୁଳିବାକୁ ହେଲେ ବୃକ୍ଷରୋପଣ ହିଁ ଏକମାତ୍ର ମାଧ୍ୟମ । ସବୁଜ ପରିବେଶ ପାଇଁ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ବୃକ୍ଷରୋପଣକୁ ଗୁରୁତ୍ୱ ଦେଇଛନ୍ତି । କେତେକ ମାମଲାରେ ଉଚ୍ଚ ନ୍ୟାୟାଳୟ ଅଭିଯୁକ୍ତଙ୍କୁ ଜାମିନ ଦେବା ସମୟରେ ବୃକ୍ଷରୋପଣ କରିବାକୁ ସର୍ତ ରଖିଛନ୍ତି । ଗ୍ରୀଷ୍ମ ଅବକାଶକୁ ଦୃଷ୍ଟିରେ ରଖି ଉଚ୍ଚ ନ୍ୟାୟାଳୟର ବିଚାରପତି ଶତାଧିକ ମାମଲାରେ ଶହେରୁ ଆରମ୍ଭ କରି ପା□ଶହ ପର୍ଯ୍ୟନ୍ତ ବୃକ୍ଷରୋପଣ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଜାମିନରେ ମୁକୁଳିବା ପରେ ଅଭିଯୁକ୍ତମାନେ ନିଜ ଗ୍ରାମ ନିକଟ ଅ□ଳରେ ଚାରା ରୋପଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ମଣିଷ ସୃଷ୍ଟି ହେବା ଦିନଠାରୁ ପ୍ରକୃତି ଓ ପରିବେଶ ଯୋଗୁଁ ଆଜି ପର୍ଯ୍ୟନ୍ତ ବଂଚିରହିଛି । ମାତ୍ର ମଣିଷ ପ୍ରକୃତିକୁ ଧ୍ୱଂସ କରିବାକୁ ଲାଗିଥିବାରୁ ଜଳବାୟୁ ପରିବର୍ତନ ପରି ଭୟଙ୍କର ସ୍ଥିତିକୁ ସାମନା କରୁଛି । ଫଳରେ ଛଅ ଋତୁ ଆଜି ସାତ ସପନ । ଖରା, ବର୍ଷା, ଭୂସ୍ଖଳନ, ମରୁଡ଼ି, ବାତ୍ୟା ଆଦି ବୃଦ୍ଧି ପାଉଛି । ଓଡ଼ିଶାକୁ ପ୍ରକୃତି ଖଣି, ନଦୀ, ସମୁଦ୍ର, ଜଙ୍ଗଲ ଓ ଉର୍ବର ଜମି ଆଦି ବରଦାନ ଦେଇଛି । ତେବେ ଏହା ସହିତ ବନ୍ୟା, ମରୁଡ଼ି, ବାତ୍ୟା ପ୍ରାକୃତିକ ବିପତି ମଧ୍ୟଦେଇଛି । ପ୍ରାକୃତିକ ସମ୍ପଦର ସଦ୍‌ବ୍ୟବହାର କରି ଭଲ ଭାବେ ବଂଚି ରହିବା ପାଇଁ ପ୍ରାକୃତିକ ବିପର୍ଯ୍ୟୟକୁ କିପରି ମୁକାବିଲା କରିହେବ ତାହା ସାଧାରଣ ଜନତାଙ୍କ ପାଇଁ ଏକ ଆହ୍ୱାନ ସୃଷ୍ଟି କରିଛି । ବ୍ୟାପକ ବୃକ୍ଷ ଛେଦନ ଫଳରେ ଅମ୍ଳଜାନର ଅଭାବ ପରିପୂରଣ ପାଇଁ ଆବଶ୍ୟକ ଅନୁସାରେ ଗଛ ନଥିବାରୁ ଦିଲ୍ଲୀ, ମୁମ୍ବାଇ ଆଦି ସହରରେ ଅକ୍ସିଜେନ ପାର୍ଲରମାନ ଖୋଲିଲାଣି ଏବଂ ଦୋକାନ ବଜାରରେ ତଥା ଚୀନର ରାଜଧାନୀ ବେଜିଂରେ ୧୮ ଡଲାରରେ ଏକ ଲିଟର ଅମ୍ଳଜାନ ବିକ୍ରି ହେଲାଣି । ସେହିପରି ଦିଲ୍ଲୀ, ମୁମ୍ବାଇ ଆଦି ପ୍ରଦୂଷିତ ସହରମାନଙ୍କରେ ଅକ୍ସିଜେନ ଥଳି ଦୋକାନ ବଜାରରେ ବିକ୍ରି ହେବା ଆରମ୍ଭ ହେଲାଣି । ତେଣୁ ଆଗାମୀ ଦିନରେ ବାହାରକୁ ଗଲେ ଏକ ସଫା ପାଣି ବୋତଲ ସହ ଅକ୍ସିଜେନ ଥଳି ଧରି ଯିବାର ସମୟ ଆସୁଛି । ଆଉ କିଛିବର୍ଷ ପରେ ଦିଲ୍ଲୀ ମୁମ୍ବାଇ ଭଳି ଭୁବନେଶ୍ୱରରେ ମଧ୍ୟ ଅକ୍ସିଜେନ ପାର୍ଲରମାନ ଖୋଲଇ ଅମ୍ଳଜାନ ବିକ୍ରି ହେବ, ଏହାକୁ ଏଡ଼ାଇ ଦିଆଯାଇ ନପାରେ ? ଜନସଂଖ୍ୟା ବୃଦ୍ଧି, ଅଧିକ ସଂଖ୍ୟାରେ ଗାଡ଼ିମୋଟର ଚଳାଚଳ, ଖଣି ଖନନ, ଶିଳ୍ପ ଓ କୋଠାବାଡ଼ି ନିର୍ମାଣ ଯୋଗୁଁ ବାୟୁ ପ୍ରଦୂଷଣ ଓ ତାପମାତ୍ରା ଦୃତଗତିରେ ବୃଦ୍ଧି ପାଇବାରେ ଲାଗିଛି । ପରିବେଶ ପ୍ରଦୂଷଣକୁ ଦୃଷ୍ଟିରେ ରଖି ବିଶ୍ୱର ସର୍ବାଧିକ ଜନବସତି ସହର ଜାପାନର ରାଜଧାନୀ ଟୋକିଓରୁ ଫେରିଯାଇ ଗ୍ରାମା□ଳରେ ସ୍ଥାୟୀ ଭାବରେ ବସବାସ କରିବାକୁ ଜାପାନ ସରକାର ସେଠାକାର ଜନସାଧାରଣଙ୍କୁ ଅନୁରୋଧ କରିଥିଲେ । ଯେଉଁମାନେ ଏହି ନିମୟକୁ ପାଳନ କରି ଟୋକିଓରୁ ଯାଇ ଗ୍ରାମା□ଳରେ ସ୍ଥାୟୀ ଭାବରେ ବସତି ସ୍ଥାପନ କରିବେ ସେମାନଙ୍କୁ ମୁଣ୍ଡପିଛା ଆର୍ଥିକ ସହାୟତା ଦେବାକୁ ମଧ୍ୟ ଘୋଷଣା କରିଛନ୍ତି । ସମ୍ପ୍ରତି ସାରା ବିଶ୍ୱରେ ବାୟୁ ପ୍ରଦୂଷଣ ଏକ ମୁଣ୍ଡବ୍ୟଥାର କାରଣ ପାଲଟିଛି । ଯେଉଁ ସହରକୁ ଦେଖିଲେ ଉଡୁଛି ଧୂଳିକଣା । ନିଃଶ୍ୱାସ ପ୍ରଶ୍ୱାସ ନେଲେ ଶରୀରକୁ ଯାଉଛି ଏହି ଧୂଳିକଣା । ଫଳରେ ବୟୋଜ୍ୟେଷ୍ଠ ବ୍ୟକ୍ତି ଓ ଛୋଟ ଛୋଟ ଶିଶୁମାନେ ଅଧିକ ଯନ୍ତ୍ରଣା ଭୋଗୁଛନ୍ତି । ଏକ ତଥ୍ୟ ଅନୁସାରେ କଟକ, ଭୁବନେଶ୍ୱର, କଳିଙ୍ଗ ନଗର, ବାଲେଶ୍ୱର, ଅନୁଗୋଳ, ତାଳଚେର, ଦାମନଯୋଡ଼ି ଏବଂ ରାଜଗାଙ୍ଗପୁର ଆଦି ୮ଟି ସହର ବିଷାକ୍ତ ବାୟୁ ବଳୟରେ ରହିଛି । ସେହିପରି ବିଶ୍ୱର ୧୦୦ ସର୍ବାଧିକ ପ୍ରଦୂଷିତ ସହର ତାଲିକାରେ ଭାରତର ୩୯ଟି ସହର ସ୍ଥାନ ପାଇଛି । ଭାରତର ରାଜଧାନୀ ଦିଲ୍ଲୀର ପ୍ରଦୂଷଣସ୍ତର ସର୍ବାଧିକ ପ୍ରଦୂଷିତ ସହର ମଧ୍ୟରେ ରହିଛି । କଟକ ଓ ଭୁବନେଶ୍ୱରରେ ବିଶେଷ କଳ କାରଖାନା ନଥାଇ ବି ବାୟୁ ପ୍ରଦୂଷଣ ହାର ଅଧିକ ରହିଛି । ବଡ଼ ବଡ଼ ଅଟ୍ଟାଳିକା ନିର୍ମାଣ, ଡିଜେଲ ଓ ପେଟ୍ରୋଲ ଗାଡ଼ିମୋଟର ସଂଖ୍ୟା ବୃଦ୍ଧି ଓ ଅଳିଆ ଆବର୍ଜନାରେ ନିଆଁ ଲଗାଇବା ଏହାର ପ୍ରମୁଖ କାରଣ । ଯେଉଁ ଅଂଚଳରେ ଅଧିକ ଗାଡ଼ି ମୋଟର ଯାତାୟତ କରୁଛି, ସେହି ଅ□ଳରେ ବାୟୁ ପ୍ରଦୂଷଣ ହାର ସର୍ବାଧିକ ରହୁଛି । ଯେଉଁଥିପାଇଁ ରାଜଧାନୀ ଭୁବନେଶ୍ୱରରେ ୬ଟି ସ୍ଥାନରେ ବାୟୁ ପ୍ରଦୂଷଣ ମାନକ ମାପ କରାଯାଉଛି । କ୍ୟାପିଟାଲ ଥାନା, ଖଣ୍ଡଗିରି ଥାନା, ଏସ୍‌ପିସିବି କାର୍ଯ୍ୟାଳୟ, ପଟିଆସ୍ଥିତ କେନ୍ଦ୍ରୀୟ ପରୀକ୍ଷାଗାର ଏବଂ ଆଇଆରସି ଭିଲେଜରେ ବାୟୁ ପ୍ରଦୂଷଣ ମାପ ମେସିନ ଖଞ୍ଜାଯାଇଛି । ମାତ୍ର ସଚେତନତାର ଅଭାବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ର ଉପଯୁକ୍ତ ପଦକ୍ଷେପ ଗ୍ରହଣ ନ କରିବା ବାୟୁ ପ୍ରଦୂଷଣ ବୃଦ୍ଧି ପାଉଥିବା ପରିବେଶ୍‌ବିତ୍‌ମାନେ ମତ ଦେଇଛନ୍ତି । ଯେପରି ରାସ୍ତାରେ ଦୁର୍ଘଟଣା ଘଟି କୌଣସି ବ୍ୟକ୍ତି ମୃତ୍ୟୁବରଣ କଲେ ସାଧାରଣ ଜନତା ଉତେଜିତ ହୋଇ ରାଜରାସ୍ତାକୁ ଓହ୍ଲାଇ ରାସ୍ତା ନିର୍ମାଣ ପାଇଁ ଦାବି କରନ୍ତି, ମୁକୁଳା ଡ୍ରେନରେ ପଡ଼ି ଛୋଟ ଶିଶୁଟିଏ ପ୍ରାଣ ହରାଇଲା ପରେ ଡ୍ରେନ୍ ନିର୍ମାଣ ପାଇଁ ଦାବି ହୁଏ, କୌଣସି ମହାପୁରୁଷଙ୍କ ଜନ୍ମଜୟନ୍ତୀ ଆସିଲେ, ତାଙ୍କ ପ୍ରତିମୂର୍ତିରେ ଫୁଲମାଳଟିଏ ପକାଇ ଦେଇ, ତାଙ୍କ ବଳିଦାନ ବିଷୟରେ ଲୋକଙ୍କୁ ସଚେତନ କରିବା ପରେ ପରବର୍ତୀ ସମୟରେ ସେସବୁକୁ ଭୁଲିଯାଆନ୍ତି, ଠିକ୍ ସେହିପରି ବିଶ୍ୱ ପରିବେଶ ଦିବସ ଆସିଲେ ନେତା ଠାରୁ ସାଧାରଣ ଜନତା ଏବଂ ବିଭିନ୍ନ ଅନୁଷ୍ଠାନମାନେ ସେହି ଗୋଟିଏ ଦିନ କିଛି ଗଛ ଲଗାଇ ପରିବେଶ ସୁରକ୍ଷାର ବାର୍ତା ପ୍ରଦାନ କରିଥାନ୍ତି ଏବଂ ପ୍ଲାଷ୍ଟିକ ବ୍ୟବହାର ନ କରିବା ପାଇଁ ସଂକଳ୍ପ ନେଇଥାନ୍ତି, ମାତ୍ର ପରବର୍ତୀ ସମୟରେ ସେସବୁ ସଂକଳ୍ପକୁ ଭୁଲି ଯାଆନ୍ତି । ଚଳିତବର୍ଷ ବିଶ୍ୱ ପରିବେଶ ଦିବସ ଅବସରରେ ସହରଠାରୁ ଆରମ୍ଭ କରି ଗ୍ରାମା□ଳମାନଙ୍କରେ ସବୁଠି ବୃକ୍ଷରୋପଣ, ପ୍ଲାଷ୍ଟିକ ବର୍ଜନ ପାଇଁ ସଚେତନ କରୁଥିବାର ଭିଡ଼ିଓ ସାମାଜିକ ଗଣମାଧ୍ୟମରୁ ଜଣାପଡ଼ିଥିଲା । ପ୍ରଦୂଷିତ ପୃଥିବୀର ଭୟବହତାକୁ ହୃଦୟଙ୍ଗମ କରି ଅଧିକରୁ ଅଧିକ ସବୁଜ ପରିବେଶ ସୃଷ୍ଟି କରିବା ଏବଂ ପ୍ରକୃତିକୁ ସୁରକ୍ଷିତ ରଖିବା ଏକାନ୍ତ ଅପରିହାର୍ଯ୍ୟ ହୋଇପଡ଼ିଛି । ଏଣୁ ରାଜ୍ୟ ସରକାର ଗୋଟିଏ ବର୍ଷରେ ୭.୫ କୋଟି ଚାରାରୋପଣ କରାଯିବ ବୋଲି ଘୋଷଣା କରିଛନ୍ତି ଓ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି ବୋଲି କହିଛନ୍ତି । ଏଥିସହିତ ପ୍ଲାଷ୍ଟିକ ନିଷେଧ କରି ଏହାର ଦୀର୍ଘସ୍ଥାୟୀ ବିକଳ୍ପକୁ ପ୍ରୋତ୍ସାହନ, ବର୍ଜ୍ୟ ପରିଚାଳନା ପ୍ରଣାଳୀକୁ ସଶକ୍ତ କରିବା ପାଇଁ ପଦକ୍ଷେପ ନେଇଛନ୍ତି । ସେହିପରି ପ୍ରକୃତିର ସମ୍ମାନ ପାଇଁ ଚଳିତବର୍ଷ ସର୍ବ ବୃହତ୍ ବୃକ୍ଷରୋପଣ ଅଭିଯାନକୁ ବ୍ୟାପକ କରିବା ପାଇଁ 'ମା'ଙ୍କ ନାମରେ ଗୋଟିଏ ଗଛ'ର ଶୁଭାରମ୍ଭ ହୋଇଥିଲା ଏହି ଅଭିଯାନ ଜୁନ୍ ୫ ତାରିଖ ବିଶ୍ୱ ପରିବେଶ ଦିବସରୁ ସେପ୍ଟେମ୍ବର ମାସ ୩୦ ତାରିଖ ମଧ୍ୟରେ ୧୦ କୋଟି ଗଛ ଲଗାଇବାକୁ ଛାତ୍ରଛାତ୍ରୀ ତଥା ଦେଶବାସୀଙ୍କୁ ନିବେଦନ କରାଯାଇଥିଲା । ପ୍ରତ୍ୟେକ ବ୍ୟକ୍ତି ନିଜ ମା'ଙ୍କ ନାମରେ ଗଛଟିଏ ଲଗାନ୍ତୁ ଏବଂ ଏହାର ସୁରକ୍ଷା ଓ ଯତ୍ନ ନେଇ ସେହି ଗଛକୁ ବଡ଼ ହେବାକୁ ଦିଅନ୍ତୁ ବୋଲି ସଚେତନ କରାଯାଇଥିଲା । ଆତ୍ମକୈନ୍ଦ୍ରୀକ ଓ ସ୍ୱାର୍ଥପରତା ଯୋଗୁ ପରିବେଶ ସୁରକ୍ଷାରେ ବ୍ୟାଘାତ ସୃଷ୍ଟି ହେଉଛି । ମଣିଷ ଭୌତିକ ସୁଖରେ ରହିବା ପାଇଁ ସମାଜ ଓ ପରିବେଶ ଉପରେ ତାର ପ୍ରତିକୂଳ ପ୍ରଭାବ ପାଇଁ ଆଦୌ ଦୃଷ୍ଟି ଦେଉନାହିଁ । ତେଣୁ ସୁସ୍ଥ, ସୁନ୍ଦର ଓ ସବୁଜ ପରିବେଶ ପାଇଁ ପ୍ରତ୍ୟେକ ମନୁଷ୍ୟର ସନ୍ତୁଳିତ ଜୀବନଚର୍ଯ୍ୟା ଆବଶ୍ୟକ ବୋଲି ବିଶ୍ୱ ପରିବେଶ ଦିବସରେ ବାର୍ତା ଦିଆଯାଇଥିଲା । ମାତ୍ର ବିଶ୍ୱ ପରିବେଶ ଦିବସର ଗୋଟିଏ ଦିନ ନ ପୁରୁଣୁ ଜୟଦେବ ବିହାର ନନ୍ଦନକାନନ ବାମପାର୍ଶ୍ୱ ସମାନ୍ତରାଳ ୨୦୦ ଫୁଟିଆ ରାସ୍ତାକାମ ଯୋଗୁଁ ୨୭ଟି ଘର ମାଟିରେ ମିଶିବା ସହିତ ୫୪ଟି ଗଛ ବଳି ପଡ଼ିବାକୁ ଯାଉଛି । ସାଲିଆ ସାହି ଭିତରେ ରାସ୍ତା ନିର୍ମାଣ କରିବାକୁ ଏକ ପ୍ରକାର ନକ୍ସତି ନିଆଯାଇ ସର୍ଭେ କାମ ଆଗେଇ ଚାଲିଛି । ଏହି ରାସ୍ତା ନିର୍ମାଣ ଦ୍ୱାରା ସହରବାସୀ ଉପକୃତ ହେବ ସତ ମାତ୍ର ପ୍ରକୃତି ଓ ପରିବେଶ ଉପରେ ଏକ ବଡ଼ ପ୍ରଭାବ ପଡ଼ିବାକୁ ଯାଉଛି । ଏଥିଯୋଗୁ ପିଜୁଳି, ନଡ଼ିଆ, ଆତ, ବେଲ ଆଦି ବିଭିନ୍ନ ଫଳନ୍ତି ଗଛ ମାଟିରେ ମିଶିବା ଏକ ପ୍ରକାର ନିଶ୍ଚିତ ହୋଇଯାଇଛି । ଏହି ଅ□ଳଟି ପରିବେଶ ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ଗଛଗୁଡ଼ିକର ସୁରକ୍ଷା ଦିଗରେ ପଦକ୍ଷେପ ନେବାକୁ ପରିବେଶବିତ୍‌ମାନେ ମତପ୍ରକାଶ କରିଛନ୍ତି । ପରିବେଶ ସୁରକ୍ଷା ଦିଗରେ ବନ ବିଭାଗ ଓ ବିଏମ୍‌ସି ୨୦୨୪ ମସିହାରେ ଏକଲକ୍ଷ ଗଛ ଲଗାଇବାକୁ ଯୋଜନା କରିଥିଲେ ମଧ୍ୟ ୪୦ ପ୍ରତିଶତରେ ପହ□ିବାକୁ ସକ୍ଷମ ହୋଇପାରି ନାହାଁନ୍ତି । ଯେଉଁସବୁ ଗଛ ଲାଗିଛି, ଉପଯୁକ୍ତ ରକ୍ଷଣାବେକ୍ଷଣ ଓ ସୁରକ୍ଷା ଅଭାବରୁ ଗଛଗୁଡ଼ିକ ମରିଯାଉଛି । ଅନ୍ୟପକ୍ଷରେ ସହର ନିକଟରେ ଥିବା ଜଙ୍ଗଲ ଦିନକୁ ଦିନ କମିବାରେ ଲାଗିଛି । ଯୁଆଡ଼େ ଦେଖିବ ସହରସାରା କୁଢ଼ କୁଢ଼ ଅଳିଆ ଆବର୍ଜନା । ଭଙ୍ଗା ପ୍ଲାଷ୍ଟିକ, ଆସବାବ ପତ୍ର, ପ୍ଲାଷ୍ଟିକ, ପଲିଥିନ୍, ବୋତଲ, ଭୋଜିଭାତରେ ବ୍ୟବହୃତ ଅଇଁଠା ପତ୍ର, କାଚ, ହୋଟେଲରୁ ବାହାରୁଥିବା ବାସିଖାଦ୍ୟ ପାହାଡ଼ ଭଳି ଜମା ହୋଇ ପଡ଼ିରହିଛି । ଏଥିପ୍ରତି ପ୍ରଶାସନର ନିଘା ନାହିଁ କି କେହି ଏହାକୁ ଉଠାଉ ନାହାଁନ୍ତି । ଫଳସ୍ୱରୂପ ରାଜଧାନୀରେ ଏବେ ପୂତଗନ୍ଧମୟ ପରିସ୍ଥିତି ସୃଷ୍ଟି ହେଉଛି । ଦିନେ ନାହିଁ, କାଲେ ନାହିଁ ଗନ୍ଧା ପୁନେଇଁରେ ମାଇଁ ମାଇଁ ନ୍ୟାୟରେ କେବଳ ପରିବେଶ ଦିବସ ଆସିଲେ ପ୍ରଶାସନ ଠାରୁ ଆରମ୍ଭ କରି ବିଭିନ୍ନ ସଂଗଠନ ସେହି ଗୋଟିଏ ଦିନ ଗଛ ଲଗାଇ ପରିବେଶ ସୁରକ୍ଷା ଦିଗରେ ସଚେତନ କରାନ୍ତି ଏବଂ ଏହି ସଚେତନ, ସଚେତନରେ ହିଁ ରହିଯାଉଛି । ମଣିଷ ଭୌତିକ ସୁଖରେ ରହିବା ଓ ଦୀର୍ଘକାଳର ଅଭ୍ୟାସ ଯୋଗୁ ପରିବେଶକୁ ସୁରକ୍ଷିତ ରଖିବା ସମ୍ଭବ ହେଉନାହିଁ । ତେଣୁ ରାଜ୍ୟ ସରକାର ଏସବୁ ସମସ୍ୟାକୁ ଦୃଷ୍ଟିରେ ରଖି ଯଦି ତାଙ୍କ ଘୋଷଣାକୁ କାର୍ଯ୍ୟକାରୀ ନ କରନ୍ତି, ତେବେ ସୁସ୍ଥ ଓ ସବୁଜ ପରିବେଶ ସୃଷ୍ଟି କରିବା ଅସମ୍ଭବ ।

*କଂଟି, ବାହାରଣା, ବାଲିକୁଦା,*
*ଜଗତସିଂହପୁର,*
*ମୋ : ୮୩୨୮୮୪୦୨୧୪*

## ଦକ୍ଷିଣ ଓଡ଼ିଶାର ପ୍ରାଣକେନ୍ଦ୍ର ବା ରେଶମ ସହର ବ୍ରହ୍ମପୁର

◆ କାଳୀ ଦାସ




ଓଡ଼ିଶାର ଦକ୍ଷିଣ ପୂର୍ବରେ ଅବସ୍ଥିତ ପ୍ରାଚୀନ ସହର ବ୍ରହ୍ମପୁର ।କଳା ସ୍ଥାପତ୍ୟ ସହିତ କୁଟୀର ଶିଳ୍ପ ସାହିତ୍ୟ ଓ ସଂସ୍କୃତିର ଏକ ସୁନ୍ଦର ସମନ୍ୱୟ । ଆନ୍ଧ୍ର ଓ ଓଡ଼ିଶାର ମିଳିତ ସଂସ୍କୃତି ମଧ୍ୟ ଏଇଠି ଦେଖିବାକୁ ମିଳିଥାଏ । ସମୟର ଗତି ସହିତ ବ୍ରହ୍ମପୁର ବିକଶିତ ହୋଇଛି ପୁରୁଣା ଅସ୍ତିତ୍ୱ କୁ ଊଣା ଅଧିକେ ହରାଇଛି ତଥାପି ମୁଠା ମୁଠା ମଣିଷ ପଣିଆ କେଉଁଠି ନା କେଉଁଠି ଲୁଚି ରହିଛି । ଓଡ଼ିଶୀ ସଙ୍ଗୀତ ଚମ୍ପୂ ଓ ଛାନ୍ଦ ଏଇ ମାଟିରେ ରଚନା କରାଯାଇଛି । ଓଡ଼ିଶାର ଦ୍ୱିତୀୟ ସବୁଠାରୁ ପୁରାତନ ସହର ହେଲା ବ୍ରହ୍ମପୁର ।ବ୍ରହ୍ମପୁର ସହର ବ୍ରହ୍ମେଶ୍ୱର ନାମରୁ ନାମକରଣ କରାଯାଇଛି ।ଓଡ଼ିଶାର ସର୍ବ ପୁରାତନ ରେଲୱେ ଷ୍ଟେସନ ହେଲା ବ୍ରହ୍ମପୁର ଏହା ୧୯୦୧ ବ୍ରିଟିଶ ଶାସନ ସମୟରେ ନିର୍ମାଣ କରାଯାଇଥିଲା ।ଦକ୍ଷିଣ ଓଡ଼ିଶାର ସବୁଠୁ ବଡ଼ ସହର ହେଲା ବ୍ରହ୍ମପୁର ।ବ୍ରହ୍ମପୁର ସହର ବିଭିନ୍ନ ନାମରେ ପରିଚିତ ଯେମିତି କି ବରହମପୁର,ବ୍ରହ୍ମପୁର,ରେଶମ ସହର ଏବଂ ସିଲ୍କ ସିଟି । ବ୍ରହ୍ମପୁର ସହରର ନିର୍ମାଣ ଏବଂ ନାମକରଣ ୧୬୭୨ ମସିହା ରେ କରାଯାଇଥିଲା । ବ୍ରହ୍ମପୁରରେ ବିଭିନ୍ନ ଧର୍ମ ଏବଂ ବିଭିନ୍ନ ରାଜ୍ୟର ଲୋକ ଆସି ରହୁଛନ୍ତି ।ବ୍ରହ୍ମପୁରରେ ରହିଥିବା ବିଭିନ୍ନ ଧର୍ମର ଲୋକ ମାନେ ନିଜ ନିଜର ପର୍ବ ପର୍ବାଣୀ ମଧ୍ୟ ପାଳନ କରିଥାନ୍ତି ।ସେହି ଧର୍ମ ଗୁଡ଼ିକ ହେଲା ହିନ୍ଦୁ,ମୁସଲମାନ, ଖ୍ରୀଷ୍ଟିଆନ, ଜୈନ, ବୌଦ୍ଧ ଏବଂ ଶିଖ ।ବ୍ରହ୍ମପୁରର ଏମକେସିଜି ମେଡିକାଲରେ ବିଭିନ୍ନ ଦକ୍ଷିଣ ଓଡ଼ିଶା ଅଂଚଳ ଜିଲ୍ଲା ର ଲୋକମାନେ ଆସି ସଠିକ ଚିକିତ୍ସା ପାଆନ୍ତି ।ଯେହେତୁ ଏମକେସିଜି ମେଡିକାଲ ହେଲା ଦକ୍ଷିଣ ଓଡ଼ିଶାର ପ୍ରମୁଖ ମେଡ଼ିକାଲ କଲେଜ ତେଣୁ ଦକ୍ଷିଣ ଓଡ଼ିଶାର ଅନ୍ୟ ଜିଲ୍ଲାର ଲୋକମାନେ ବ୍ରହ୍ମପୁରର ଏମକେସିଜି ମେଡିକାଲ ଉପରେ ନିର୍ଭର କରନ୍ତି । ଯେହେତୁ ବ୍ରହ୍ମପୁର ସହର ହେଲା ଆନ୍ଧ୍ରା ବୋଡ଼ର୍ ସହର ତେଣୁ ବ୍ରହ୍ମପୁର ସହରର ଲୋକମାନେ ତେଲଗୁ ଏବଂ ଓଡିଆ ଭାଷା କହନ୍ତି । ବ୍ରହ୍ମପୁର ବିଶ୍ୱବଦ୍ୟାଳୟ ଉପରେ ଅନ୍ୟ ଦକ୍ଷିଣ ଅଂଚଳ ଜିଲ୍ଲାର ଲୋକମାନେ ନିର୍ଭର କରନ୍ତି କାରଣ ଅନ୍ୟ ଜିଲ୍ଲାରେ ବିଶ୍ୱବିଦ୍ୟାଳୟ ନାହିଁ । ଭାରତର ଜାତୀୟ ପିତା ମହାତ୍ମା ଗାନ୍ଧୀ ସହିତ ପଣ୍ଡିତ ଗୋପବନ୍ଧୁ ଦାସ ୨୯ମାର୍ଚ୍ଚ ୧୯୨୧ ରେ ଆସିଥିଲେ ।ଗାନ୍ଧୀଙ୍କ ଅସହଯୋଗ ଆନ୍ଦୋଳନରେ ହଜାର ହଜାର ଲୋକ ଆସି ଯୋଗ ଦେଇଥିଲେ । ବର୍ତମାନ ଚର୍ଚ୍ଚା କରିବା ବ୍ରହ୍ମପୁରର ଯାତ୍ରା, ନାଟ,ଐତିହାସିକ ପୀଠ ସ୍ଥାନ ଏବଂ ଦାର୍ଶନିକ ସ୍ଥାନ । ବ୍ରହ୍ମପୁରର ଠାକୁରାଣୀ ଯାତ୍ରା ୨ ବର୍ଷ ରେ ଥରେ ଅନୁଷ୍ଠିତ ହୁଏ ।ଠାକୁରାଣୀ ଯାତ୍ରାରେ ଭକ୍ତଙ୍କ ଭିଡ଼ ଦେଖିବାକୁ କୁ ମିଳେ ଏବଂ ସନ୍ଧ୍ୟା ସମୟରେ ଆଳତି ଏବଂ ପୂଜା ଅର୍ଚ୍ଚନା କରାଯାଏ ।ଠାକୁରାଣୀ ଯାତ୍ରାରେ ବ୍ୟବସାୟୀ ମାନେ ବିଭିନ୍ନ କିସମର ଷ୍ଟଲ ଲଗାନ୍ତି ଏବଂ ବେଶ ଭଲ ରୋଜଗାର ହୁଏ । ବ୍ରହ୍ମପୁରର ଠାରୁ ୧୪ କିଲୋମିଟର ଦୂରରେ ଗୋପାଳପୁର ସମୁଦ୍ର ହଜାର ହଜାର ଲୋକ ବୁଲିବା ପାଇଁ ଯାଆନ୍ତି ଏବଂ ସମୁଦ୍ରରେ ଗାଧେଇବାର ମଜା ନିଅନ୍ତି ।ସେହି ପରି ବ୍ରହ୍ମପୁର ଠାରୁ ୩୬ କିଲୋମିଟର ଦୂରରେ ମାଁ ତାରା ତାରିଣି ମନ୍ଦିର କୁ ଭକ୍ତ ମାନେ ଦୂର ଦୁରନ୍ତ ସ୍ଥାନରୁ ଆସି ମାଁ ତାରା ତାରିଣି ଙ୍କୁ ପୂଜା କରନ୍ତି । ମାଁ ତାରା ତାରିଣି ମନ୍ଦିର ଯିବା ରାସ୍ତାରେ କିଛି ଲୋକଙ୍କ ଦ୍ୱାରା ଭକ୍ତଙ୍କୁ ପାଇଁ ଦହି ଏବଂ ଚଲ୍‌ହାର ବ୍ୟବସ୍ଥା କରାଯାଇଥାଏ । ବ୍ରହ୍ମପୁର ପାଖରେ ମହୁରୀ କାଳୁଆ ମନ୍ଦିର କୁ ଲୋକ ମାନେ ଯାଆନ୍ତି ଏବଂ ମାଁଙ୍କ ପୂଜା କରି ଘରକୁ ଫେରନ୍ତି । ପୁରୁଷୋତମପୁର ଋଷିକୂଲ୍ୟା ନଦି ପାଖରେ ଜଉଗଡ ସମ୍ରାଟ ଅଶୋକଙ୍କର ଇଂସ୍କ୍ରିପସନ ବା ଶିଳାଲିପି ଦେଖିବା କୁ ଲୋକ ମାନେ ଯାଆନ୍ତି ଏବଂ ଆନନ୍ଦ ନେଇ ଘରକୁ ଫେରନ୍ତି । ବର୍ତମାନ ଚର୍ଚ୍ଚା କରିବା ଖାଇବା ପିଇବା ଜିନିଷ ବିଷୟରେ ।ବ୍ରହ୍ମପୁରର ହୋଟେଲରେ ଲୋକମାନଙ୍କ ପାଇଁ ପୁରୀ , ଉପମା, ଇଡିଲି ସମ୍ବର ଏବଂ ଦୋଷା ମିଳେ । ବ୍ୟବସାୟୀ ବା ହୋଟେଲ ମାଲିକଙ୍କ ବେଶ ଭଲ ରୋଜଗାର ହୋଇଥାଏ ।ବ୍ରହ୍ମପୁର ହୋଟେଲ ବା ରେଷ୍ଟୁରାଂଟ ରେ ମଧ୍ୟାହ୍ନ ଭୋଜନରେ ଭାତ,ଡାଲି, ମାଛ, ମାଂସ,ଚିକେନ ଏବଂ ନିରାମିଷ ଖାଦ୍ୟର ବ୍ୟବସ୍ଥା କରାଯାଇଥାଏ । ବ୍ରହ୍ମପୁରର ସର୍ବ ପ୍ରସିଦ୍ଧ ପାଟ ଶାଢ଼ୀ ଓ ସିଲ୍କ ଶାଢ଼ି ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ବା ବିବାହ ବ୍ରତରେ ଦରକାର ପଡିଥାଏ । ଶାଢ଼ି ମାଲିକ ବା ବ୍ୟବସାୟୀଙ୍କ ବେଶ ଭଲ ରୋଜଗାର ହୋଇଥାଏ । ବ୍ରହ୍ମପୁରର ପ୍ରସିଦ୍ଧ ମିକ୍ସଚେର ଆଚାର, ପାମ୍ପଡ ଏବଂ ବଡିର ଚାହିଦା ସବୁଠି ଦେଖିବାକୁ ମିଳେ । ଏବଂ ଅନ୍ୟ ସ୍ଥାନର ଲୋକ ମାନେ ମିକ୍ସଚର, ଆଚାର, ପାମ୍ପଡ,ଏବଂ ବଡି କିଣି ଥାନ୍ତି । ଯେହେତୁ ବ୍ରହ୍ମପୁର ସହର ଟି ଗୋପାଳପୁର ସମୁଦ୍ର କୁଳ ରେ ଅବସ୍ଥିତ ତେଣୁ ବର୍ଷ ସାରା ଗୁଳୁଗୁଳି ଅନୁଭବ କରି ହୁଏ ।ବ୍ରହ୍ମପୁରର ଦଣ୍ଡ ନାଟ ସବୁଠାରୁ ନିଆରା ।ଯେଉଁମାନେ ମାନସିକ କରିଥାନ୍ତି ସେମାନେ ଦଣ୍ଡରେ ଭାଗ ନେଇଥାନ୍ତି ।ଦଣ୍ଡ ନାଟ ସମୟରେ ଦଣ୍ଡୁଆ ମାନେ ଘର କୁ ଯାଆନ୍ତି ନାହିଁ ବାହାରେ ରହି ନିଜ ମାନସିକ ପୂରଣ କରିଥାନ୍ତି ।

*ବ୍ରହ୍ମପୁର, ଖୋଡାସିଂଗି କଳିଙ୍ଗନଗର, ଗଞ୍ଜାମ, ପିନ - ୭୬୦୦୧୦, ଫୋନ ନମ୍ବର- ୭୨୦୫୧୦୦୮୩୯*

# ଭାରତୀୟ ନବବର୍ଷ

◆ ପଦ୍ମନାଭ ସ୍ୱାଇଁ

ପ୍ରତ୍ୟେକ ସଭ୍ୟରାଷ୍ଟ୍ରରେ ନବବର୍ଷ ପାଳନ କରାଯାଇଥାଏ । ଏହାକୁ ବିଭିନ୍ନ ରାଷ୍ଟ୍ରରେ ଭିନ୍ନ ଭିନ୍ନ ଶୈଳୀରେ ପାଳନ ହୁଏ । ଏହି ଆର୍ଯ୍ୟାବର୍ତର ମନ୍ତ୍ରଦ୍ରଷ୍ଟା ଋଷିଗଣ ସୃଷ୍ଟି ଆରମ୍ଭରୁ ସୃଷ୍ଟିଉତ୍ପତି ଦିବସ ବା ନୂତନ ସମ୍ବତ୍ସର ଆରମ୍ଭକୁ ପର୍ବ ରୂପେ ପାଳନ କରିଆସୁଥିଲେ ଯାହା ଆଜି ବି ପ୍ରାଚୀନ ପରମ୍ପରାନୁସାରେ ପାଳନ ହେଉଛି । ତେବେ ସମଗ୍ର ବିଶ୍ୱରେ ଭାରତ ହିଁ ଏଭଳି ଏକ ରାଷ୍ଟ୍ର ଯେଉଠି ସର୍ବ ପୁରାତନ ତଥା ସର୍ବାଧିକ କାଳଗଣନା ପଦ୍ଧତି ପ୍ରଚଳିତ । ଏଠାରେ ସୃଷ୍ଟ୍ୟାବ୍ଦ, ଯୁଗାବ୍ଦ ତଥା ବିକ୍ରମାବ୍ଦ, ଦିଲ୍ଲୀଶ୍ୱରାବ୍ଦ, ଶକାବ୍ଦ, ଖ୍ରୀଷ୍ଟାବ୍ଦ, ହିଜିରୀସାଲ, ଶ୍ରୀଶ୍ରୀ ଦିବ୍ୟସିଂହ ଦେବଙ୍କ ନାମରେ ପ୍ରଚଳିତ ଅଙ୍କ ପରି ଅନେକ ମହାପୁରୁଷଙ୍କ ନାମରେ ଅନେକ ଅଙ୍କ ବା ଅବ୍ଦ ପ୍ରାନ୍ତୀୟ ତଥା ସର୍ବଭାରତୀୟ ସ୍ତରରେ ପ୍ରଚଳିତ । ବାସ୍ତବରେ ଆମର କାଳଗଣନା ପଦ୍ଧତି ବା ନବ ବର୍ଷର ପରିକଳ୍ପନା ହେଉଛି ଅତି ପୁରାତନ । ଏହା ବୈଦିକ ଜ୍ୟୋତିଷ ଶାସ୍ତ୍ରାନୁସାରେ ହୋଇଥାଏ । ଏହି ପ୍ରାଚୀନ ପଦ୍ଧତି ଦ୍ୱାରା ଆମର ପୂର୍ବଜ ମୁନି-ଋଷିଗଣ ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡର ସୃଷ୍ଟି ତଥା ପ୍ରଳୟର ଅବଧିକୁ ଜାଣିବାରେ ସମର୍ଥ ହୋଇଛନ୍ତି । ଏହି ପଦ୍ଧତିରେ ପ୍ରତ୍ୟେକ ସୃଷ୍ଟିକାଳକୁ ବ୍ରହ୍ମଦିନ ଏବଂ ପ୍ରଳୟ କାଳକୁ ବ୍ରହ୍ମରାତ୍ରି କୁହାଯାଏ । ଏହି ସୃଷ୍ଟି ଓ ପ୍ରଳୟର ଚକ୍ର ଦିବା-ରାତ୍ରି ପରି ଅନାଦି କାଳରୁ ନିରନ୍ତର ଚାଲିଛି । ସୃଷ୍ଟି ଉତ୍ପତି ସମ୍ବନ୍ଧରେ "ହିମାଦ୍ରୀ" ଜ୍ୟୋତିଷ ଗ୍ରନ୍ଥରେ କୁହାଯାଇଛି :- ଚୈତ୍ରେ ମାସି ଜଗଦ୍ ବ୍ରହ୍ମା ସସର୍ଜ ପ୍ରଥମେଽହନି ।ଶୁକ୍ଲପକ୍ଷେ ସମଗ୍ରନ୍ତୁ, ତଦା ସୂର୍ଯୋଦୟେ ସତି । । ଅର୍ଥାତ୍ ଚୈତ୍ର ମାସ ଶୁକ୍ଲପକ୍ଷର ପ୍ରଥମ ଦିନରେ ନୂତନ ସୂର୍ଯ୍ୟୋଦୟ ସହିତ ପରମାତ୍ମା ଏହି ସୃଷ୍ଟିକୁ ରଚନା କଲେ । ତେଣୁ ଏହି ତିଥିରେ ହିଁ ବ୍ରହ୍ମଦିନ, ସୃଷ୍ଟିସମ୍ବତ, ବୈବସ୍ୱତାଦି ମନ୍ୱନ୍ତର, ସତ୍ୟ-ତ୍ରେତୟାଦି ଯୁଗ, ବର୍ଷ, ମାସ ଓ ଦିନ ଏକତ୍ର ଆରମ୍ଭ ହୋଇଥାଏ । ବିଭିନ୍ନ ପ୍ରାଚୀନ ଜ୍ୟୋତିଷ ଶାସ୍ତ୍ରରୁ ଜଣାଯାଏ କି ସୃଷ୍ଟିର ଉତ୍ପତି ଚୈତ୍ର ଶୁକ୍ଲ ପ୍ରତିପଦାରେ ହୋଇଥିଲା ଏବଂ ସେହିଦିନ ହିଁ ମହାବିଷୁବ ସଂକ୍ରାନ୍ତିରେ ପ୍ରଥମ ସୂର୍ଯ୍ୟୋଦୟ ହୋଇଥିଲା । ପରବର୍ତୀ ସମୟରେ ସୌରବର୍ଷ ଓ ଚାନ୍ଦ୍ରବର୍ଷ ମଧ୍ୟରେ ରହିଥିବା ତାରତମ୍ୟ ହେତୁ ଉଭୟ ମହାବିଷୁବ ସଂକ୍ରାନ୍ତି ଓ ଚୈତ୍ର ଶୁକ୍ଲ ପ୍ରତିପଦା ଗୋଟିଏ ଦିନରେ ପଡୁନାହିଁ । ତେବେ କିଛି ଲୋକ ଚୈତ୍ରଶୁକ୍ଲ ପ୍ରତିପଦା ତିଥିକୁ ନୂତନ ବର୍ଷ ଆରମ୍ଭ ଦିବସ ରୂପେ ପାଳନ କରୁଥିବା ବେଳେ ଆମରାଜ୍ୟ ତଥା ଦେଶର ବିଭିନ୍ନ ପ୍ରାନ୍ତରେ ମହାବିଷୁବ ସଂକ୍ରାନ୍ତିକୁ ନବବର୍ଷ ରୂପେ ପାଳନ କରିବା ଦେଖାଯାଏ । ହେଲେ ଉଭୟ (ଚାନ୍ଦ୍ର ଓ ସୌର) ବର୍ଷର ଗଣନା ପ୍ରାଚୀନ ଜ୍ୟୋତିଷଶାସ୍ତ୍ର ସମ୍ମତ । ପାଶ୍ଚାତ୍ୟ ବୈଜ୍ଞାନିକମାନେ ଅନେକ ଗବେଷଣା କରି ରେଡିୟମ୍‌ର ଆବିଷ୍କାର ପରେ ଏହି ସୃଷ୍ଟିର ଆୟୁ ପ୍ରାୟ ଦୁଇଶହ (୨୦୦) କୋଟି ବର୍ଷ ହେବ ବୋଲି ଅନୁମାନ କରୁଥିବାବେଳେ ପ୍ରାଚୀନ ଭାରତୀୟ ଜ୍ୟୋତିର୍ବିଦ୍‌ଙ୍କ ଅଭୂତପୂର୍ବ ସଫଳତା ଯୋଗୁ ଆମେ ଏକ ନିର୍ଭୁଲ ସ୍ପଷ୍ଟ ଚିତ୍ର ପାଇପାରିଛେ । ବୈଦିକ ସଂସ୍କୃତିରେ ଦୈନିକ ଅଗ୍ନିହୋତ୍ର ବା ସଂସ୍କାର ସମୟରେ ଯେଉଁ ସଂକଳ୍ପ ପାଠ କରାଯାଏ ଯଥା- ଓମ୍ ତତ୍‌ସତ୍ ଶ୍ରୀ ବ୍ରହ୍ମଣୋ ଦ୍ୱିତୀୟେ ପ୍ରହରୋ□ରାର୍ଦ୍ଧେ ବୈବସ୍ୱତେ ମନ୍ୱନ୍ତରେଽଷ୍ଟାବିଂଶତିତମେ କଳିଯୁଗେ, କଳି ପ୍ରଥମଚରଣେ,ଏକବୃନ୍ଦ-ଷଣ୍ଣବତି କୋଟି-ଅଷ୍ଟଲକ୍ଷ ଆଦିରୁ ସୃଷ୍ଟିର ଆୟୁ ସମ୍ବନ୍ଧରେ ନିମ୍ନଲିଖିତ ତଥ୍ୟ ମିଳିଥାଏ ।୧) ବିଭିନ୍ନ ଯୁଗର ଅବଧି - ସତ୍ୟ- ୧୭,୨୮,୦୦୦ (ସତର ଲକ୍ଷ ଅଠାଇଶି ହଜାର ବର୍ଷ) ତ୍ରେତୟା ୧୨,୯୬,୦୦୦ (ବାରଲକ୍ଷ ଛୟାନବେ ହଜାର ବର୍ଷ)ଦ୍ୱାପର- ୦୮, ୬୪, ୦୦୦ (ଆଠଲକ୍ଷ ଚଉଷଠି ହଜାର ବର୍ଷ) କଳ- ୦୪, ୩୨,୦୦୦ (ଚାରିଲକ୍ଷ ବତିଶି ହଜାର ବର୍ଷ)ଏକ ଚତୁର୍ଯୁଗୀର ଅବଧି- ୪୩, ୨୦, ୦୦୦ (ତେୟାଳିଶି ଲକ୍ଷ କୋଡିଏ ହଜାର ବର୍ଷ) ଏକ ମନୁ ବା ମନ୍ୱନ୍ତର = ୭୧ ଚତୁର୍ଯୁଗୀ =(୪୩,୨୦,୦୦୦ ) ୭୧ = ୩୦, ୬୭, ୨୦,୦୦୦ ବର୍ଷ (ତିରିଶି କୋଟି ସତଷଠି ଲକ୍ଷ କୋଡିଏ ହଜାର ବର୍ଷ) ୨) ବର୍ତମାନ ଏହି ସୃଷ୍ଟିର ଆୟୁ ହେଲା - ୬ ମନୁ =(୩୦, ୬୭, ୨୦,୦୦୦)୬= ୧୮୪, ୦୩,୨୦,୦୦୦ ବର୍ଷ , ୭ମ ମନୁର ୨୭ ଚତୁର୍ଯୁଗୀ = (୪୩, ୨୦, ୦୦୦) ୨୭= ୧୧, ୬୬, ୪୦, ୦୦୦ ବର୍ଷ ୨୮ତମ ଚତୁର୍ଯୁଗୀର ସତ୍ୟ ତ୍ରେତୟା ଦ୍ୱାପର= ୩୮, ୮୮, ୦୦୦ ବର୍ଷ , ଅପ୍ରେଲ ୧୩ ତାରିଖରେ କଳିଯୁଗର ଆୟୁ ହେଉଛି= ୦୫, ୧୨୨ ବର୍ଷ , ସର୍ବ ମୋଟ= ୧୯୬, ୦୮, ୫୩, ୧୨୨ ବର୍ଷ, ତେଣୁ ଏହି ସୁନ୍ଦର ସୃଷ୍ଟିକୁ ଭଲପାଇବା ଏବଂ ସ୍ରଷ୍ଟାଙ୍କ ପ୍ରତି କୃତଜ୍ଞତା ଜଣାଇବା ସଙ୍ଗେସଙ୍ଗେ ଏହି ଆର୍ଯ୍ୟାବର୍ତର ମହାନ୍ ପରମ୍ପରାକୁ ସମ୍ମାନ ଜଣାଇ ଦେଶର ଅଗଣିତ ସଚେତନ, ସ୍ୱାଭିମାନୀ, ସଂସ୍କୃତି ପ୍ରେମୀ ଅପ୍ରେଲ ୧୩ ତାରିଖକୁ ନବବର୍ଷ ରୂପେ ପାଳନ କରୁଛନ୍ତି । ଏହି ନବବର୍ଷ ସମସ୍ତଙ୍କ ପାଇଁ ସୁଖ ଓ ସମୃଦ୍ଧିର ବର୍ଷ ହେଉ ଏହାହିଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା ।

*ସମ୍ପାଦକ, ଶ୍ରୁତିନ୍ୟାସ*
*-୯୮୬୧୩୩୫୩୨୧*











# ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ସିଟିସ୍କାନ, MRI ସେଂଟର୍‌କୁ ଚେୟାର ପ୍ରଦାନ



ବାରିପଦା : ପ୍ରମୁଖ ଅନୁଷ୍ଠାନ ବାସ୍ତବ ପରିବାର ତାରଫରୁ ପି ଆର୍ ଆର୍ ଏମ୍ ମେଡିକାଲ ର ସିଟିସ୍କାନ କେନ୍ଦ୍ର କୁ ୨ଟି ଚେୟାର ପ୍ରଦାନ କରାଯାଇଛି । ବାସ୍ତବ ପରିବାରର ବରିଷ୍ଠ ସଦସ୍ୟ ନନ୍ଦଲାଲ ମିଶ୍ରଙ୍କ ଜ୍ୟେଷ୍ଠ ପୁତ୍ର ସ୍ୱର୍ଗତ ସୁନନ୍ଦନ ମିଶ୍ର ଙ୍କ ସ୍ମୃତିରେ ଏହି ଦାନ କରାଯାଇଛି । ଏ ନେଇ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ହସ୍ପିଟାଲ୍ ର ଅଧୀକ୍ଷକ ଡାକ୍ତର ଶଶୀକାନ୍ତ ସେଠୀ ଯୋଗଦେଇ ଏଭଳି ଜନହିତକର କାର୍ଯ୍ୟକ୍ରମ ପାଇଁ ଅନୁଷ୍ଠାନକୁ ସାଧୁବାଦ ଜଣା ଇଥିଲେ । ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଡାକ୍ତର ସୁବାସ ନାୟକ ଡାକ୍ତରଖାନା ପରିଚାଳକ ଡାକ୍ତର ଶ୍ରୀରାମ ମହାନ୍ତି ସମାଜସେବୀ ଅମର ସେଠୀ ଙ୍କ ଉପସ୍ଥିତିରେ ଅନୁଷ୍ଠାନର କର୍ମକର୍ତା ଚେୟାର ଗୁଡିକୁ ଡାକ୍ତରଖାନାକୁ ପ୍ରଦାନ କରିଥିଲେ ବାସ୍ତବ ପରିବାରର ସଭାପତି ଶାନ୍ତନୁ ପାଢ଼ୀ, ସମ୍ପାଦକ ଅରୁଣ ପାତ୍ର, ଉପସଭାପତି ଜୟନ୍ତ ସେନାପତି, ସହ ସମ୍ପାଦକ ଚକ୍ରଧର ମହାପାତ୍ର, ପ୍ରଦୀପ ପାଣିଗ୍ରାହୀ, ପ୍ରଦୀପ କିଶୋର ମହାନ୍ତି, ତପନ ପଟ୍ଟନାୟକ, ମାନସ ରଞ୍ଜନ ଦାଶ, ସର୍ବତୋସ ଦାସ, ବିନୋଦ ସାହୁ, ଅମର ଶାହା, ଅଶ୍ୱିନୀ ବ୍ରହ୍ମା, ଚିତରଞ୍ଜନ ସାହୁ, ବଳରାମ ଭଦ୍ର, ସଞ୍ଜୀବ ପଟ୍ଟନାୟକ, ମନୋରଞ୍ଜନ ପଟ୍ଟନାୟକ, କାମିନୀ ମାଲାକର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ହନୁମାନ ଜୟନ୍ତୀ ଶୋଭାଯାତ୍ରା ପାଇଁ କଡ଼ା ସୁରକ୍ଷା ବ୍ୟବସ୍ଥା: ବମ୍ ସ୍କ୍ୱାଡ଼ ପକ୍ଷରୁ ଜୋରଦାର ଚେକିଂ

ସମ୍ବଲପୁର: ସମ୍ବଲପୁର ସହରରେ ଶାନ୍ତି ଶୃଙ୍ଖଳାର ସହ ହନୁମାନ ଜୟନ୍ତୀ ଶୋଭାଯାତ୍ରା ପାଇଁ ସମ୍ବଲପୁର ପୋଲିସ ସହରର ବିଭିନ୍ନ ସମ୍ବେଦନଶୀଳ ଅଂଚଳରେ ଜୋରଦାର ଚେକିଂ କରିଛି । ହନୁମାନ ଜୟନ୍ତୀ ବାଇକ ରାଲି ପାଇଁ ସୁନାପାଲି, ମୋତିଝରଣ ଅଂଚଳରେ ଏହି ଚେକିଂ କଡା କଡ଼ି ଭାବେ କରାଯାଉଛି । ବମ୍ବ ସ୍କ୍ୱାଡ଼ ସହ କେ-୯ ଡଗ୍ ସ୍କ୍ୱାଡ଼ ଏହି ଚେକିଂରେ ସାମିଲ ହୋଇଛି । ହନୁମାନ ଜୟନ୍ତୀ ବାଇକ ରାଲି ସମୟରେ କୌଣସି ଅପ୍ରିତିକାର ପରିସ୍ଥିତି ଯେପରି ସୃଷ୍ଟି ନହେବ ସେଥିପାଇଁ ଡ୍ରୋନ୍ କ୍ୟାମେରା ମାଧ୍ୟମରେ ତନଖି ସହ ଚାଲିଛି ଚେକିଂ ।

# ନିଯୁକ୍ତି ପୂର୍ବରୁ ତାଲିମପ୍ରାପ୍ତ ଛାତ୍ରଛାତ୍ରୀଙ୍କ ତାଲିମ ପ୍ରକଳ୍ପ

କନ୍ଧମାଳ (ନି ପ୍ର ):କନ୍ଧମାଳ ଜିଲ୍ଲାର ସ୍ଥାନୀୟ ଛାତ୍ର.ଛାତ୍ରୀମାନଙ୍କୁ, ବିଶେଷକରି ଏସ.ଟି / ଏ.ସି / ଓବିଶି ବର୍ଗର ଛାତ୍ରଛାତ୍ରୀମାନଙ୍କୁ, ନିଯୁକ୍ତି ପୂର୍ବରୁ ତାଲିମ୍ ପ୍ରଦାନ କରାଯିବା ପାଇଁ ଏକ ପ୍ରସ୍ତାବିତ ତାଲିମ କେନ୍ଦ୍ର ପ୍ରତିଷ୍ଠିତ କରିବା ନେଇ ଅବସର ପ୍ରାପ୍ତ ସୈନିକ ସଙ୍ଗଠନ(ESM) ଦ୍ୱାରା ପରିଚାଳିତ କରାଯିବ । ଏହାର ପରିକଳ୍ପନା କନ୍ଧମାଳ ESM ଆସୋସିଏସନ ଜିଲ୍ଲା ମୁଖ୍ୟ ପରାମର୍ଶଦାତା ଅବସର ପ୍ରାପ୍ତ କର୍ଣ୍ଣେଲ ଶିଶିର କୁମାର ଘୋଷ କରାଯାଇଥିଲା । କର୍ଣ୍ଣେଲ ଘୋଷ ଏହି ଅଂଚଳର ବାସିନ୍ଦା ଏବଂ ସ୍ୱୟଂଶାସିତ ସରକାରୀ ମହାବିଦ୍ୟାଳୟ ଫୁଲବାଣୀର ପୁରୁଣା ଛାତ୍ର । ଏହି ସମ୍ପର୍କରେ ରଝଗ ଆସୋସିଏସନ ଦ୍ୱାରା ଫେବୃଆରୀ ୨୦୨୫ ରେ ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶାର ଶ୍ରୀ ମୋହନ ଚରଣ ମାଝୀଙ୍କୁ ଏକ ସ୍ମାରକପତ୍ର ପଠାଯାଇଥିଲା । ପ୍ରକଳ୍ପ ସମ୍ପର୍କରେ ବିସ୍ତୃତ ରିପୋର୍ଟ ଦାଖଲ କରିବାକୁ ଆସୋସିଏସନକୁ ନିର୍ଦ୍ଦେଶ ଦିଆଯାଇଥିଲା । କର୍ଣ୍ଣେଲ ଶିଶିର କୁମାର ଘୋଷଙ୍କ ଦ୍ୱାରା ଡ୍ରାଫ୍ଟ ପ୍ରକଳ୍ପ ରିପୋର୍ଟ ଦାଖଲ କରିବା ପରେ ଜିଲ୍ଲା ମାଜିଷ୍ଟ୍ରେଟଙ୍କ ଅବଗତି ପରେ, ଫୁଲବାଣୀ ଜିଲାପାଳ ଶ୍ରୀ ବେଦ ଭୂଷଣ, ଅତିରିକ୍ତ ଜିଲ୍ଲା ପାଳ ଶ୍ରୀ କୁଶଳ ଚନ୍ଦ୍ର ନାୟକ, ସମନ୍ୱିତ ଜନଜାତି ବିକାଶ ସଂସ୍ଥା ପ୍ରକଳ୍ପ ପ୍ରଶାସକ ଶ୍ରୀ ଗଦାଧର ପାତ୍ର, ପୌରପାଳିକା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ସମରେଶ ମହାନ୍ତି ଏବଂ ଅନ୍ୟାନ୍ୟ ଅଧିକାରୀଙ୍କ ସହିତ ୦୯ ଏପ୍ରିଲ ୨୦୨୬ ରେ ପ୍ରସ୍ତାବିତ ସ୍ଥାନ ପରିଦର୍ଶନ କରିଥିଲେ । କଲେଜ ନିକଟରେ ଥିବା ଏକ ପୁରୁଣା ଏବଂ ବନ୍ଦ ସ୍କୁଲ କୋଠାକୁ ତାଲିମ କ୍ଷେତ୍ର ଭାବରେ ବ୍ୟବହାର କରାଯିବା ନେଇ ଜିଲ୍ଲା ପ୍ରଶାସନ ପ୍ରତିଶ୍ରୁତି ପ୍ରଦାନ କରିଥିଲେ ଏହି ପ୍ରକଳ୍ପ ପ୍ରତିଷ୍ଠିତ ବହୁତ ଛାତ୍ର, ଛାତ୍ରୀଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହେବା ନିଶ୍ଚିତ ଉଦ୍ୟକତା ମାନଂକୁ ପ୍ରଶନୀୟ ସାଧାରଣ ଆଲଚନା ହେଉଥିବା ବେଳେ ଘଟଣାସ୍ଥଳରୁ ଅବସର ପ୍ରାପ୍ତ କର୍ଣ୍ଣେଲ ଶିଶିର କୁମାର ଘୋଷ ତାଲିମ୍ ପଦ୍ଧତିର ସମଗ୍ର ଧାରଣାକୁ ପୁଣିଥରେ ବୁଝାଇଥିଲେ । ଏହା ପରେ ଜିଲ୍ଲାପାଳ ଏ ସମ୍ପର୍କରେ ଆବଶ୍ୟକୀୟ କାର୍ଯ୍ୟ ଆରମ୍ଭ କରିବା ପାଇଁ ଉପସ୍ଥିତ କର୍ମଚାରୀମାନଙ୍କୁ ଉପଯୁକ୍ତ ନିର୍ଦ୍ଦେଶ ଦେଇଥିଲେ । ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧି କରୀ ଶ୍ରୀ ସମରେଶ ମହାନ୍ତି ପ୍ରତିଶ୍ରୁତି ଦେଇଛନ୍ତି ଯେ ଏପ୍ରିଲ ୨୦୨୬ ଶେଷ ସୁଦ୍ଧା ସମଗ୍ର ଅଂଚଳ ତାଲିମ କାର୍ଯ୍ୟକଳାପ ପାଇଁ ପ୍ରସ୍ତୁତ କରାଯିବ ଲ ଏ ହି କାର୍ଯ୍ୟକ୍ରମ ପୂର୍ବତନ ବିଜେପି ଜିଲ୍ଲା ସଭାପତି ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶ୍ରୀ ଲିଙ୍ଗରାଜ ଦଳବେହେରା, ଇଏସଏମ ଆସୋସିଏସନ କନ୍ଧମାଳ ସଭାପତି ଶ୍ରୀ ଶିବ ଶଙ୍କର ପାତ୍ର, ଭେଟେରାନ ଶ୍ରୀ ପ୍ରତାପ କିଶୋର ପ୍ରଷ୍ଟି ମଧ ଉପସ୍ଥିତ ଥିଲେ । ଏହି ପରିପ୍ରେକ୍ଷୀରେ ESM ଆସୋସିଏସନ ର ସୁବେଦାର ହଳପାଣି ସେଠୀକାର୍ଯ୍ୟକ୍ରମ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ଆନନ୍ଦପୁର ଉଚ୍ଚମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣୀ ଉତ୍ସବ

ଭଦ୍ରକ: ଭଦ୍ରକ ଜିଲା ଧାମନଗର ବ୍ଲକ ଦେହୁଡି ଆନନ୍ଦପୁର ସ୍ଥିତ ଯଗନ୍ନାଥ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ର ବାର୍ଷିକ ପୁରସ୍କାର ବିତରଣୀ ସଭା ଶୁକ୍ରବାର ଅପରାହ୍ନ ରେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି ।ପ୍ରଧାନ ଶିକ୍ଷକ ସତ୍ୟଜିତ ସାହୁ ଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଧାମନଗର ମହାବିଦ୍ୟାଳୟ ର ଅଧ୍ୟାପକ ଡ ବୈରଗଞ୍ଜନ ଦାଶ,ମୁଖ୍ୟବକ୍ତା ଏ ବିଇଓ ସତ୍ୟ ସୁନ୍ଦର ପରିଡ଼ା,ଅନ୍ୟତମ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନାରାୟଣ ଚନ୍ଦ୍ର ଦାଶ, ଅଧ୍ୟାପକ ହିମାଂଶୁ ଶେଖର ଦାଶ,ଖଡ଼ିପଦା ସିଆରସିସି ଦେବବ୍ରତ ନାୟକ, ସ୍ଥାନୀୟ ସରସ୍ୱତୀ ଆଶ୍ରମ ର ମହାରାଜ ସ୍ୱାମୀ ଶଦ୍ଧାନନ୍ଦ ,ପୂର୍ବତନ ସରପଂଚ ବିଜୟ କୁମାର୍ ଦାସ ,ଶରତ ମାଝୀ, ବିଦ୍ୟାଳୟ ,ଖଙ୍ଗରା ସିଆରସିସି ଅଶ୍ୱିନୀ କୁମାର ଜେନା ପ୍ରମୁଖ ଯୋଗଦେଇ ପ୍ରତ୍ୟେକ ଛାତ୍ରୀ ଛାତ୍ର ଭଲ ପାଠ ପଢ଼ି ଜୀବନରେ ଜଣେ ଜଣେ ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ ।କାର୍ଯ୍ୟକ୍ରମ କୁ ବିଦ୍ୟାଳୟ ର ଶିକ୍ଷୟତ୍ରୀ ଶିକ୍ଷକ ଲକ୍ଷ୍ମୀପ୍ରିୟା ଦାସ,ଚିନ୍ମୟ ଚନ୍ଦନ ରାଉତ, ସୁଦିପ୍ତା ସାମଲ,ରକ୍ଷାକର ତରେଇ, ସତ୍ୟଭାମା ବାରିକ,ଯତୀନ୍ଦ୍ର ନନ୍ଦ,ପବିତ୍ର ମୋହନ ବାରିକ ପ୍ରମୁଖ ପରିଚାଳନା ରେ ସହଯୋଗ କରିଥିଲେ । ଛାତ୍ରୀ ଛାତ୍ର ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।ଏହି ଅବସରରେ ବିଦ୍ୟାଳୟ ର ବାର୍ଷିକ କ୍ରୀଡା ଉତ୍ସବ ରେ କୃତୀ ପ୍ରତିଯୋଗୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା ।

# ମିଳୁନାହିଁ ରନ୍ଧନ ଗ୍ୟାସ ସିଲିଣ୍ଡର : ହାତବାନ୍ଧି ବସିଛନ୍ତି ଜଳଖିଆ ଦୋକାନୀ, ସମସ୍ୟା ଭୋଗୁଛନ୍ତି ଗ୍ରାହକ

ଜୟପୁର : ମଧ୍ୟପ୍ରାଚ୍ୟରେ ଯୁଦ୍ଧର ପ୍ରଭାବ ଏବେ ସବୁଠି ଦେଖିବାକୁ ମିଳିଛି । ସବୁ କ୍ଷେତ୍ରରେ ଦେଖିବାକୁ ମିଳିଛି । ଦିଲ୍ଲୀଠାରୁ ଆରମ୍ଭ କରି ପଲ୍ଲୀ ପର୍ଯ୍ୟନ୍ତ ସବୁଠି ଯୁଦ୍ଧର ପ୍ରଭାବ । କେଉଁଠି ଖାଦ୍ୟ ସାମଗ୍ରୀ ହେଉ ତ କେଉଁଠି ଗ୍ୟାସ , ସବୁଠାରେ ଯୁଦ୍ଧର ପ୍ରଭାବ ଲକ୍ଷ୍ୟ କରାଯାଇଛି । ମୁଖ୍ୟତଃ ଏହି ପ୍ରଭାବ ରନ୍ଧନ ଗ୍ୟାସ ଉପରେ ପଡ଼ିଛି । ବିଶେଷକରି ରନ୍ଧନ ଗ୍ୟାସ୍ ସିଲିଣ୍ଡର୍ ସଙ୍କଟ ଏବେ ସାଧାରଣ ଲୋକଙ୍କୁ ପ୍ରଭାବିତ କରିଛି । କୋରାପୁଟ ଜିଲା ଜୟପୁର ସହର କିମ୍ବା ଗ୍ରାମାଚଂଳରେ ଗ୍ୟାସ୍ ସିଲିଣ୍ଡର୍ ମିଳୁ ନଥିବାରୁ ଅନେକ ଜଳଖିଆ ଦୋକାନୀ ହାତବାନ୍ଧି ବସିଛନ୍ତି । ବିଭିନ୍ନ ସ୍ଥାନରୁ ଏହି ସହରକୁ ଆସୁଥିବା ଲୋକମାନେ ବିଶେଷ ହଇରାଣ ହେଉଛନ୍ତି । ରନ୍ଧନ ଗ୍ୟାସ୍ ସଙ୍କଟ କାରଣରୁ ରାଜ୍ୟର ଅଧିକାଂଶ ସହରରେ ଥିବା ଜଳଖିଆ ଦୋକାନ ବନ୍ଦ ରହିଛି । ରନ୍ଧନ ଗ୍ୟାସ୍ ଅଭାବ ପାଇଁ ଏବେ ଅନେକ ଜଳଖିଆ ଦୋକାନରେ ବେପାର ଠପ୍ ହୋଇଯାଇଛି । ଏବେ ଜଳଖିଆ ଦୋକାନ ବନ୍ଦ ରହୁଥିବାରୁ ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ମାତ୍ର ଯେଉଁ କେତୋଟି ଜଳଖିଆ ଦୋକାନ ଖୋଲା ରହୁଛି ସେଠାରେ ପ୍ରବଳ ଗହଳି ହେଉଛି । ଗ୍ୟାସ୍ ସିଲିଣ୍ଡର୍ ଅଭାବ ପାଇଁ କେବଳ ସହର ଭିତରର ଜଳଖିଆ ଦୋକାନ ବନ୍ଦ ରହୁଛି ତାହା ନୁହେଁ ବରଂ କିଛି ହୋଟେଲ ଓ ଜଳଖିଆ ଦୋକାନ ବନ୍ଦ ରହିଛି । ଅନ୍ୟପଟରେ କୋରାପୁଟ ଜିଲାକୁ ଆସୁଥିବା ପର୍ଯ୍ୟଟକ ମାନେ ମଧ୍ୟ ଅନେକ ଅସୁବିଧାର ସମ୍ମୁଖିନ ହେଉଛନ୍ତି । ଏମିତିକି ହୋଟେଲ ଓ ଜଳଖିଆ ଦୋକନରେ ଥିବା ମେନୁକୁ ମଧ୍ୟ ପରିବର୍ତନ କରିସାରିଲେଣି ଅନେକ ମାଲିକ । ସରକାର ବାରମ୍ବାର ଗ୍ୟାସର ଅଭାବ ନଥିବା କହୁଛନ୍ତି, ମାତ୍ର ଅନେକ ଜଳଖିଆ ଦୋକାନୀ ଓ ହୋଟେଲ ମାନଙ୍କରେ ଗ୍ୟାସ ସରିଯିବାରୁ ବ୍ଲାକରେ ୩୦୦୦ରୁ ୪୦୦୦ ଟଙ୍କା ପର୍ଯ୍ୟନ୍ତ ଦେଇ କିଣିବାକୁ ବାଧ ହେଉଛନ୍ତି । ପ୍ରତ୍ୟେକ ଦିନ ବହୁ ମାତ୍ରାରେ ଗ୍ୟାସ ସିଲିଣ୍ଡର ରାଜ୍ୟର ବିଭିନ୍ନ ସ୍ଥାନର କଳାବଜାରୀଙ୍କ ଠାରୁ ଜବତ କରାଯାଉଛି ମାତ୍ର ଗ୍ୟାସର ଅଭାବ ସେହିଭଳି ଲାଗିରହିଛି । ଅନେକ ଉଠାଦୋକାନୀ ବାଧ ହୋଇ ବ୍ୟବସାୟ ବନ୍ଦ କରି ନିଜ ଗାଁକୁ ମଧ ପଳାଇଯାଉଥିବା ଦେଖିବାକୁ ମିଳୁଛି । ଅନେକ ସ୍ଥାନରେ ଥିବା ଜଳଖିଆ ଦୋକାନୀ ନିଜର ଖାଦ୍ୟ ମୂଲ୍ୟ ମଧ ବଢ଼ାଇ ଦେଇଛନ୍ତି । ଗ୍ୟାସ୍ ସିଲିଣ୍ଡର୍ ସଙ୍କଟ ପାଇଁ ସହର ବାସିନ୍ଦା ଏବେ ଘରେ ଜଳଖିଆ ତିଆରି କରି ଖାଉଛନ୍ତି । ଗ୍ୟାସ ନେବାକୁ ଗ୍ୟାସ ଏଜେନ୍ସୀ ଆଗରେ ପ୍ରବଳ ଭିଡ଼ ଲାଗିରହୁଥିବା ଦେଖିବାକୁ ମିଳୁଛି । ଆଗାମୀ ଦିନରେ ଯଦି ଏହି ସଙ୍କଟ ନଟଳେ ତେବେ ଲୋକମାନେ ଆହୁରି ଅସୁବିଧାର ସମ୍ମୁଖୀନ ହେବା ଜଳଜଳ ଦେଖାଯାଉଛି । କେଉଁଦିନ ଏହି ଗ୍ୟାସ୍ ସିଲିଣ୍ଡର୍ ସଙ୍କଟ ଦୂର ହେଉଛି ତାକୁ ଅପେକ୍ଷା କରିଛନ୍ତି ଜିଲ୍ଲାବାସୀ ।

# ଲୋକ କଳା ପାଇଁ ଦିନଟିଏ

ଚମ୍ପୁଆ : ଓଡିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସହଯୋଗରେ ଚମ୍ପୁଆ ପଂଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଓଡ଼ିଆ ପକ୍ଷର ୧୦ମ ଦିନରେ 'ଲୋକ କଳା ପାଇଁ ଦିନ ଟିଏ ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ପାଟଣା ବିଧାୟକଙ୍କ ଚମ୍ପୁଆ ବ୍ଲକ ପ୍ରତିନିଧି ଭାବଗ୍ରାହୀ ମହାନ୍ତ, ସମ୍ମାନିତ ଅତିଥି ଭାବେ ଚମ୍ପୁଆ ବ୍ଲକ ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ନାୟକ, ଚମ୍ପୁଆ ଗୋଷ୍ଠି ଉନ୍ନୟନ ଅଧିକାରୀ ସ୍ମୃତି ରଞ୍ଜନ ସାହୁ, ଅତିରିକ୍ତ ଗୋଷ୍ଠି ଉନ୍ନୟନ ଅଧିକାରୀ ଚୁନୁ ହାଁସଦା ପ୍ରମୁଖ ଯୋଗଦେଇ ବିଧିବଦ୍ଧ ଭାବେ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ପ୍ରଥମେ ପାଂଚପୋଖରୀଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀମାନେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିବାବେଳେ ପାଲା ଗାୟିକା ସୁଶ୍ରୀ ବୀଣାପାଣି ମହାରଣା ଓ ତାଙ୍କ ସାଥୀ କଳାକାରଙ୍କ ଦ୍ୱାରା ଭାଷା, ସଂସ୍କୃତି ଉପରେ ସଚେତନତା ମୂଳକ ପାଲା ପରିବେଷଣ କରାଯାଇଥିଲା । ଏହି ଅବସରରେ ବିଦ୍ୟାଳୟର ଛାତ୍ର, ଛାତ୍ରୀଙ୍କ ସହିତ ବରିଷ୍ଠ ପାଲା ଗାୟକ ଉପେନ୍ଦ୍ର ନାଥ ନାୟକ, ସୁରଥ ଗିରି ଏବଂ କଳାକାର ବୁଲୁ ଆରୁଖ, ବାଜି ରାଉତ ବାରିକ, ବିଭୁତି ମହାରଣା, ପୂଜାରାଣୀ ଲୋହାରଙ୍କୁ ମାନପତ୍ର ଓ ଉତରୀୟ ଦେଇ ସମ୍ମାନିତ କରି ସମ୍ବର୍ଦ୍ଧିତ କରିଥିଲେ । କାର୍ଯ୍ୟକ୍ରମକୁ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଶ୍ରାବଣୀ ଜେନା ସଂଯୋଜନା କରି ପରିଚାଳନା କରିଥିଲେ । କାର୍ଯ୍ୟକ୍ରମରେ ବ୍ଲକ କାର୍ଯ୍ୟାଳୟ କର୍ମଚାରୀ, କଳାକାର, ଅଂଚଳର ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ ।

# ଅଦିନିଆ ବର୍ଷାରେ ଉଜୁଡ଼ିଲା ଫସଲ

ଭଦ୍ରକ : ଅଦିନିଆ ବର୍ଷା ଭଦ୍ରକ ବ୍ଲକ ପରିବା ଚାଷୀଙ୍କ ପାଇଁ ପାଲଟିଛି ଚିନ୍ତାର କାରଣ । ଗତ ତିନି, ଚାରି ଦିନ ହେବ ଅପରାହ୍ନରେ କୁଆ ପଥର ବର୍ଷା ଫଳରେ ଜହ୍ନି, ପୋଟଳ, ଭେଣ୍ଡି, ପୋଇ, ଶାଗ ଆଦି ଚାଷୀଙ୍କର ବ୍ୟାପକ କ୍ଷ୍ୟତି ହୋଇ ଥିବା ଜଣାପଡିଛି । ଅନେକଙ୍କ ବାଡ଼ିରେ ପାଣି ଜମିବା ଯୋଗୁ ଅନେକ ଗଛ ପଚି ଯାଇଥିବା କଥା କହନ୍ତି ଜଗଦଳପୁର ପଂଚାୟତର ବାହାଦଲ ପୁର ଜଣେ ଚାଷୀ ରବୀନ୍ଦ୍ର ଦାସ । ରାହାଞ୍ଚର ଗଣେଶ ପାଲ, ମାଧବ ବାରିକ ରମ୍ପିଳାର ରମାକାନ୍ତ ବାରିକ ଏରଡ଼ାର ହୃଷିକେଶ ପଣ୍ଡା, ଶ୍ୟାମସୁନ୍ଦର ଜେନା, ପ୍ରମୋଦ ପାଣିଗ୍ରାହୀ ଜଗଦଳପୁର ପଂଚାୟତର ଅନେକ ପରିବା ଚାଷୀଙ୍କର ବ୍ୟାପକ କ୍ଷତି ହୋଇଥିବା ଜଣାପଡିଛି । ଏଥିନେଇ ଗ୍ରାମ ସେବକ ନୀଳକଣ୍ଠ ବାରିକଙ୍କୁ ପଚାରିବାରୁ ଅଭିଯୋଗ ଆସିଲେ ତଦନ୍ତ ହେବ ବୋଲି ପ୍ରକାଶ କରିଛନ୍ତି ।

# ସାଲେପାଲିରେ ରାମାୟଣ ପାରାୟଣ

ବଲାଙ୍ଗୀର : ଦେଓଗାଁ ଅନ୍ତର୍ଗତ ସାଲେପାଲି ଗ୍ରାମଠାରେ ରାମାୟଣ ପାରାୟଣ ହେଉଛି । ମୁଖ୍ୟ ସେବକ ଭାବରେ ଭୁବନେଶ୍ୱର ସାମଲ ଏବଂ ତାଙ୍କର ଧର୍ମପତ୍ନୀ ଶ୍ରୀମତୀ କାଂଚନା ସାମଲ ଦାୟିତ୍ୱ ତୁଲାଉଥିବା ବେଳେ ପୁରାଣ ବ୍ୟାସ ଭାବରେ ପ୍ରଶାନ୍ତ ମିଶ୍ର ଅଛନ୍ତି । ପ୍ରତିବର୍ଷ ରାମ ନବମୀ ଦିନ ଏହି କାର୍ଯ୍ୟକ୍ରମ ନଅଦିନ ଧରି ପାରାୟଣ ହୁଏ । ଏବଂ ଯେଉଁଦିନ ଯେତେ ପର୍ଯ୍ୟନ୍ତ ପୁରାଣ ପଠନ କରାଯାଏ, ସେହିଦିନ ରାତିରେ ପ୍ରଭୁ ମର୍ଯ୍ୟାଦା ପୁରୁଷ ଶ୍ରୀରାମଚନ୍ଦ୍ରଙ୍କ ଲୀଳା ନାଟକ ମାଧ୍ୟମରେ ପରିବେଷଣ କରାଯାଏ । ଗ୍ରାମର ସମସ୍ତ କଳାକାର ଏଥିରେ ଭାଗ ନିଅନ୍ତି । ଗତକାଲି ପ୍ରଭୁ ଶ୍ରୀରାମଙ୍କର ବିବାହ ଉତ୍ସବ ସମାପନ ହୋଇଯାଇଛି ଏବଂ ବନବାସ ପର୍ଯ୍ୟନ୍ତ ଯାଇଛନ୍ତି । ପ୍ରତିଦିନ ପାରାୟଣ ବିଶ୍ରାମ ହେଲେ ସମସ୍ତଙ୍କୁ ହବିଷାନ୍ନ ପ୍ରସାଦ ଦିଆଯାଏ । ଏହି କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ଭାବରେ ଏକ ନିଆରା ଭାଇଚାରାର ସଂକେତ ଦେଇଥାଏ । ଅନେକ ସାଧୁସନ୍ଥଙ୍କ ଉପସ୍ଥିତି ଅଂଚଳରେ ଭକ୍ତିମୟ ପରିବେଶ ସୃଷ୍ଟି କରିଛି । ରାମଲୀଲା ଉତ୍ସବ କମିଟି ତଥା ଗ୍ରାମବାସୀଙ୍କ ସହଯୋଗରେ ଅତି ସୁନ୍ଦର ଭାବରେ କାର୍ଯ୍ୟକ୍ରମ ଚାଲୁଛି ।

# ରକ୍ତଚାପ ସଚେତନତା ଓ ସ୍ୱାସ୍ଥ୍ୟ ଶିବିର

ଗଞ୍ଜାମ ଶ ବ୍ରହ୍ମପୁର ହରିହର ନଗର ସ୍ଥିତ ଭରଦ୍ୱାଜ ପ୍ରତିଷ୍ଠାନ ଠାରେ ରକ୍ତଚାପ ସଚେତନତା ଓ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଆରୋଗ୍ୟ ଭାରତୀ ଅଧକ୍ଷ ଡା. ନକୁଳ ସାହୁ ଉପସ୍ଥିତ ରହି ରକ୍ତଚାପ ରୋଗର କାରଣ ନିରାକରଣ ସମ୍ବନ୍ଧରେ ବୁଝାଇଥିଲେ । ଆମିଷ, ପନିର, ଅଶୁଦ୍ଧ କ୍ଷୀର, ଘିଅ, ପୋଡ଼ାତେଲ ଛଣାଖାଦ୍ୟ, ଧୂମପାନ, ମଦ୍ୟପାନ ଦ୍ୱାରା ମେଦବୃଦ୍ଧି ହୁଏ ଓ ଆଳସ୍ୟ, ଚିନ୍ତା, କ୍ରୋଧ ଦ୍ୱାରା ରକ୍ତଚାପ ହୁଏ । ଏହି ସବୁ ତ୍ୟାଗ କରି ସାତ ଘଂଟା ଶୋଇବେ, ସକାଳ ସନ୍ଧ୍ୟା ଅଧା ଘଂଟା ଲେଖାଏଁ ଧ୍ୟାନ କରିବେ, ଉଚ୍ଚ ରକ୍ତଚାପରେ ସର୍ପଗନ୍ଧା ମୂଳ, ଅର୍ଜୁନ ଛାଲି କ୍ୱାଥ, ପଦ୍ମମଞ୍ଜି ସେବନ କଲେ ରକ୍ତଚାପ ସହ ହୃଦ୍ରୋଗ ମଧ ଭଲ ହୋଇଯାଏ । ଏହି ଅବସରରେ ରୋଗୀଙ୍କ ନାଡୀ, ରକ୍ତଚାପ, ରକ୍ତଶର୍କରା, ଗଣ୍ଠିବାତ, ଅମ୍ଳପିତ, ସ୍ତ୍ରୀ ରୋଗ, ଚର୍ମରୋଗ ଆଦି ବିଭିନ୍ନ ରୋଗର ପରୀକ୍ଷା କରି ଚିକିତ୍ସା ପରାମର୍ଶ ଓ ଔଷଧ ବିତରଣ କରାଯାଇଥିଲା । ପରିଚାଳନାରେ ସହଯୋଗ କରିଥିଲେ ଡି. ଶ୍ରୀନିବାସ ରାଓ ।

# ଭୂଦାନ ସ୍ମୃତିରେ ସଦ୍‌ଭାବନା ଯାତ୍ରା

ମାଲକାନଗିରି : ଭୂଦାନ ଆନ୍ଦୋଳନର ସ୍ମୃତି ଓ ତାହାର ମୂଲ୍ୟବୋଧକୁ ଉଜାଗର କରିବା ପାଇଁ ଆଜି ମାଲକାନଗିରି ଜିଲ୍ଲାର କୃଷିଓ୍ୱାଡା ଗ୍ରାମରେ ସଦଭାବନା ଯାତ୍ରା ଅନୁଷ୍ଠିତ ହୋଇଛି । ଏହି ଯାତ୍ରାରେ ରମେଶ ଭାଇ, ରାଜେନ୍ଦ୍ର ଭାଇ, ରାକେଶ ଭାଇ, ଜାଲେନ୍ଦ୍ର ସେବକରାମ, ନରେନ୍ଦ୍ର ଭାଇ ଓ କୋପା କୁଞ୍ଜମ ସହ ଅନେକ ସମାଜସେବୀ ଓ ସ୍ଥାନୀୟ ଗ୍ରାମବାସୀ ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ । ଯାତ୍ରା ମାଧ୍ୟମରେ ସମାଜରେ ସମତା, ସହଯୋଗ ଓ ସାମ୍ପ୍ରଦାୟିକ ସମ୍ମିଳନର ବାର୍ତା ପ୍ରସାରିତ କରାଯାଇଥିଲା । ଏହି ଅବସରରେ ଭୂଦାନ ଆନ୍ଦୋଳନର ପ୍ରବର୍ତକ ଆଚାର୍ଯ୍ୟ ବିନୋବା ଭାଭେଙ୍କ ଆଦର୍ଶ ଓ ସମାଜ ପ୍ରତି ତାଙ୍କ ଅମୂଲ୍ୟ ଅବଦାନକୁ ସ୍ମରଣ କରାଯାଇଥିଲା । ଅଂଶଗ୍ରହୀମାନେ କହିଥିଲେ ଯେ, ଏପରି ସଦଭାବନା ଯାତ୍ରା ମାଧ୍ୟମରେ ସମାଜରେ ଶାନ୍ତି, ଏକତା ଓ ଭାଇଚାରାର ଭାବନା ଆହୁରି ସୁଦୃଢ଼ ହେବ । ଏହି ସଦଭାବନା ଯାତ୍ରା ପବନାରରୁ ବାହାରି ପଚମ୍ପଲି ପର୍ଯ୍ୟନ୍ତ ଚାଲିବ ।

# ଆରମ୍ଭ ହେଲା ଅଭିଯାନ: 'ଆନିମିଆ ମୁକ୍ତ ମୟୂରଭଞ୍ଜ' ପାଇଁ ଖିମଜୀ ଦୟାଭାଇ କୋ ଗ୍ରୁପ୍ ଦେଲା ଆହ୍ୱାନ

✦ ପ୍ରଚାର ଗାଡି ଓ ପଥପ୍ରାନ୍ତ ନାଟକ ଜରିଆରେ ମୟୂରଭଞ୍ଜ ର ସମସ୍ତ ୨୬ ବ୍ଲକ୍‌ରେ ପହଂଚିବ ଅଭିଯାନ

✦✦ କମ୍ପାନୀ ପକ୍ଷରୁ ପ୍ରଦାନ କରାଗଲା ୧୬ ହଜାର ଆନିମିଆ ଟେଷ୍ଟିଙ୍ଗ୍ କିଟ୍ ସହ ୧୬ଟି ଟେଷ୍ଟିଙ୍ଗ୍ ମେସିନ୍

ବାରିପଦା : ମୟୂରଭଞ୍ଜ ଜିଲ୍ଲାରେ ମହିଳା ଓ ଶିଶୁମାନଙ୍କ ଠାରେ ଦେଖାଯାଉଥିବା ବ୍ୟାପକ ଆନିମିଆ ବା ରକ୍ତହୀନତାକୁ ରୋକିବାର ଆବଶ୍ୟକତାକୁ ଗୁରୁତ୍ୱ ଦେଇ ଆଜି ଖିମଜୀ ଦୟାଭାଇ କୋ ଗ୍ରୁପ୍ ବାରିପଦାର ସହିଦ୍ ସ୍ମୃତି ଭବନରେ 'ଆନିମିଆ ମୁକ୍ତ ମୟୂରଭଞ୍ଜ' ଅଭିଯାନ ଆରମ୍ଭ କରିଛି । ଉଚିତ୍ ସମୟରେ ଯାଂଚ ଓ ନିବାରଣ ଅଭ୍ୟାସ ସମ୍ବନ୍ଧରେ ସଚେତନତା ସୃଷ୍ଟି କରି ଆନିମିଆକୁ ହ୍ରାସ କରିବା ପାଇଁ ଲକ୍ଷ୍ୟ ରଖିଥିବା ଏହି ଅଭିଯାନ ହେଉଛି ଏକ ଜିଲ୍ଲାସ୍ତରୀୟ ଜନସ୍ୱାସ୍ଥ୍ୟ ସୁରକ୍ଷା ପଦକ୍ଷେପ । ମୁଖ୍ୟ ଅତିଥି, ମୟୂରଭଞ୍ଜ ର ଅତିରିକ୍ତ ଜିଲ୍ଲାପାଳ ଦୁଖବନ୍ଧୁ ନାୟକ ଓ ସମ୍ମାନୀୟ ଅତିଥି ଭାବେ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ କିଶୋର କୁମାର ଆଚାର୍ଯ୍ୟ ଯୋଗ ଦେଇ ଏହି କାର୍ଯ୍ୟକ୍ରମକୁ ଲୋକାର୍ପଣ କରିଥିଲେ । ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମମତାମୟୀ ବିଶ୍ୱାଳ, ଜିଲ୍ଲା ସାମାଜିକ କଲ୍ୟାଣ ଅଧିକାରୀ ନିହାରିକା ମହାନ୍ତି ପ୍ରମୁଖ ଗୁରୁତ୍ୱପୂର୍ଣ୍ଣ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ସଫଳତା ଦିଗରେ ମାର୍ଗଦର୍ଶନ କରିଥିଲେ । କାର୍ଯ୍ୟକ୍ରମରେ ଉଦବୋଧନ ଦେଇ ମୁଖ୍ୟ ଅତିଥି, ମୟୂରଭଞ୍ଜ ର ଅତିରିକ୍ତ ଜିଲ୍ଲାପାଳ ଦୁଖବନ୍ଧୁ ନାୟକ କହିଥିଲେ, "ମୟୂରଭଞ୍ଜ ଜିଲ୍ଲାରେ ଆନିମିଆ ଏକ ଗୁରୁତର ସମସ୍ୟା ରୂପେ ରହିଛି ଏବଂ ଏହା ଅଧିକ ପ୍ରଭାବିତ ଜିଲ୍ଲାମାନଙ୍କ ମଧ୍ୟରୁ ଅନ୍ୟତମ ଯାହା ଅତ୍ୟନ୍ତ ଚିନ୍ତାଜନକ । ଏହାର ମୁକାବିଲା ପାଇଁ ଆଇସିଡିସି ପ୍ରକଳ୍ପ ଓ ମହିଳା ଓ ଶିଶୁ ବିକାଶ ବିଭାଗ ମାଧ୍ୟମରେ ବ୍ଲକ୍ ସ୍ତରରେ ଆୟରନ ଟାବଲେଟ୍ ବଂଟନ ସହିତ ବିଭିନ୍ନ ପଦକ୍ଷେପ ନିଆଯାଉଛି । ଗ୍ରାମ ସ୍ତରରେ ଅଙ୍ଗନୱାଡି କେନ୍ଦ୍ରଗୁଡିକ ସକ୍ରିୟ ଭାବେ କାମ କରୁଛନ୍ତି ଏବଂ ଏଏନ୍‌ଏମ୍ ଓ ଆଶା କର୍ମୀମାନଙ୍କ ଆନିମିଆ ପରୀକ୍ଷା ଓ ସଚେତନତା କାର୍ଯ୍ୟ ବହୁମାତ୍ର ରେ ଫଳପ୍ରଦ ହେଇଛି । ଆନିମିଆ ନିୟନ୍ତ୍ରଣ ପାଇଁ ସାମୁହିକ ଦାୟିତ୍ୱ ଅତ୍ୟାବଶ୍ୟକ, ଏହା କେବଳ ପରିବାର ର ନୁହେଁ, ସମଗ୍ର ସମାଜର ଦାୟିତ୍ୱ । ଶ୍ରୀଯୁକ୍ତ ନାୟକ ସମସ୍ତଙ୍କୁ ଆନିମିଆ ବିଷୟରେ ସଚେତନ ହେବା ଓ ନିଜ ନିଜ ଅଂଚଳରେ ସଚେତନତା ପ୍ରଚାର କରିବାକୁ ଆହ୍ୱାନ କରି କହିଥିଲେ, ଏଭଳି ପ୍ରୟାସଗୁଡିକ ସଚେତନତା ସୃଷ୍ଟିର ପ୍ରଥମ ପଦକ୍ଷେପ ଏବଂ ସରକାରୀ କାର୍ଯ୍ୟକ୍ରମକୁ ସହଯୋଗ କରିବାକୁ କର୍ପୋରେଟ୍ ସଂସ୍ଥାମାନେ ଆଗକୁ ଆସିଲେ ଶୀଘ୍ର ଆନିମିଆ ପରିସ୍ଥିତିରେ ସୁଧାର ଦେଖିବାକୁ ମିଳିବ ।" ଏହି ଅବସରରେ କମ୍ପାନୀର ସିଇଓ ନିଶିତ୍ ନନ୍ଦା ଜନକଲ୍ୟାଣ ଉଦ୍ଦେଶ୍ୟରେ କମ୍ପାନୀର ପ୍ରତିଶ୍ରୁତିବଦ୍ଧତା ବିଷୟରେ ଆଲୋକପାତ କରି କହିଥିଲେ, "ଅନେକ ଦଶନ୍ଧି ଧରି, ମୟୂରଭଞ୍ଜ ଆମକୁ ଅତ୍ୟନ୍ତ ଭରସା ଓ ସହଯୋଗ ଦେଇଆସିଛି, ଏବେ ଫେରେଇବାର ସମୟ ଆସିଛି । ଆମ ଭବିଷ୍ୟତ ସମାଜର ମୂଳଦୂଆ- ମହିଳା, କିଶୋରୀ ଓ ଶିଶୁମାନଙ୍କୁ ଆକ୍ରାନ୍ତ କରୁଥିବା ଆନିମିଆ ଲଗାତାର ଭାବେ ଆମ ଜିଲ୍ଲା ପାଇଁ ଏକ ସମସ୍ୟା ରହି ଆସିଛି । ଏହି ଅଭିଯାନ ଜରିଆରେ



ଆମେ କେବଳ ଯେ ଜିଲ୍ଲା ପ୍ରଶାସନ କୁ ସହଯୋଗ କରୁଛୁ ତାହା ନୁହେଁ ବରଂ ଏ କ୍ଷେତ୍ରରେ ସାମିଲ ଥିବା ସମସ୍ତ ଷ୍ଟେକ୍‌ହୋଲ୍ଡର୍‌ଙ୍କୁ ଏକତ୍ରିତ ହୋଇ ଲଢେଇ ଜାରି ରଖିବାର ଆହ୍ୱାନ ଦେଇଛୁ । ଏହି ଅଭିଯାନ ଆମ ପାଇଁ କେବଳ ଏକ ସିଏସ୍‌ଆର୍ କାର୍ଯ୍ୟକ୍ରମ ନୁହେଁ ବରଂ ଏକ ସ୍ୱାସ୍ଥ୍ୟକର ଓ ବଳିଷ୍ଠ ସମାଜ ଗଠନ ଦିଗରେ ଦୀର୍ଘମିଆଦି ପ୍ରତିଶ୍ରୁତି ।" ଆନିମିଆ ବିଷୟରେ ସଚେତନତା ଆଣିବା ଓ ଲୋକମାନଙ୍କ ଭାଗିଦାରୀତା ବଢାଇବା ପାଇଁ 'ଆନିମିଆ ମୁକ୍ତ ମୟୂରଭଞ୍ଜ' ଅଭିଯାନର ଲୋକାର୍ପଣରେ ଅନେକଗୁଡିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଆନେମିଆର କାରଣ, ଲକ୍ଷଣ ଓ ନିବାରଣକୁ ଭିତିକରି ଏକ ପଥପ୍ରାନ୍ତ ନାଟକ ପରିବେଷିତ ହୋଇଥିଲା ଯାହା ଆଗକୁ ଯାଇ ଜିଲ୍ଲାରେ ୨୬ଟି ବ୍ଲକ୍‌ରେ ଅନୁଷ୍ଠିତ ହେବାର ଯୋଜନା ରହିଛି । ଏହା ବ୍ୟତୀତ ଆନିମିଆରୁ ରକ୍ଷା ପାଇବା ପାଇଁ ଆବଶ୍ୟକୀୟ ଖାଦ୍ୟଭ୍ୟାସ, ଜୀବନଶୈଳୀ ଓ ଆନିମିଆ ଚିହ୍ନଟ ପାଇଁ ଏହାର ବିଭିନ୍ନ ଲକ୍ଷଣ ବିଷୟରେ ଅବଗତ କରାଇବା ପାଇଁ ଏକ ପ୍ରଚାର ଗାଡିକୁ ଜିଲ୍ଲାପାଳ ଓ ଉପସ୍ଥିତ ଅନ୍ୟ ଅତିଥିମାନଙ୍କ ଦ୍ୱାରା ସବୁଜ ପତାକା ଦେଖାଇ ଶୁଭାରମ୍ଭ କରାଯାଇଥିଲା । ଏହି ପ୍ରଚାର ଗାଡି ଆଗାମୀ ୧୦ଦିନ ମଧ୍ୟରେ ଜିଲ୍ଲାର ସମସ୍ତ ବ୍ଲକରେ ପହଂଚି ସଚେତନତା ସୃଷ୍ଟିକରିବ । ଏହି କାର୍ଯ୍ୟକ୍ରମରେ ଏକ ଆନିମିଆ ପରୀକ୍ଷଣ ଶିବିର ଆୟୋଜିତ ହୋଇଥିଲା, ଯେଉଁଥିରେ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀଙ୍କ ଉପସ୍ଥିତିରେ ୩୦ରୁ ଉର୍ଦ୍ଧ ମହିଳାଙ୍କ ରକ୍ତ ପରୀକ୍ଷା କରାଯାଇଥିଲା । ସୂଚନାଯୋଗ୍ୟ ଏହି କାର୍ଯ୍ୟକ୍ରମ ଜରିଆରେ କମ୍ପାନୀ ପକ୍ଷରୁ ୧୬ହଜାର ଆନିମିଆ ଟେଷ୍ଟିଙ୍ଗ୍ କିଟ୍ ସହ ୧୬ଟି ଟେଷ୍ଟିଙ୍ଗ୍ ମେସିନ୍ ପ୍ରଦାନ କରାଯାଇଥିଲା । ସଭାକୁ ସମ୍ବୋଧନ କରି ମୟୂରଭଞ୍ଜ ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ ଡା. କିଶୋର କୁମାର ଆଚାର୍ଯ୍ୟ, କହିଥିଲେ, "ଖିମଜି ଦୟା ଭାଇ କୋ ଗ୍ରୁପ୍ ବାରିପଦାରେ ଏକ ବିଶ୍ୱସନୀୟ ନାମ ଭାବେ ପରିଚିତ ଏବଂ ମୁଁ ଅନେକ ବର୍ଷଧରି ଏହି ସଂସ୍ଥାକୁ ଜାଣିଛି । ବ୍ୟବସାୟିକ ସୀମାରୁ ବାହାରକୁ ଯାଇ ଆନିମିଆ ସଚେତନତା ପରି ଏକ ଗୁରୁତ୍ୱପୂର୍ଣ୍ଣ କାରଣରେ ସହଯୋଗ କରୁଥିବା ଦେଖି ଖୁସି ଲାଗୁଛି । ଆମ ଜିଲ୍ଲାରେ, ବିଶେଷକରି ମହିଳା ଓ ଶିଶୁମାନଙ୍କ ମଧ୍ୟରେ, ଆନିମିଆ ଏକ ଗମ୍ଭୀର ସମସ୍ୟା କିନ୍ତୁ ଏହା ରୋକା ଯାଇପାରିବ । ମାଗଣା ଔଷଧ ଓ ପୋଷଣ କାର୍ଯ୍ୟକ୍ରମ ଥିଲେ ମଧ, ଅବିଶ୍ୱାସ, ଭ୍ରାନ୍ତିଧାରଣା, ଅସ୍ୱଚ୍ଛତା ଓ ଅପ୍ରାପ୍ତ ବୟସରେ ଗର୍ଭଧାରଣ ଭଳି ସମସ୍ୟା ଆମକୁ ପଛକୁ ଟାଣୁଛି । କିଶୋରୀ ଗର୍ଭଧାରଣ ଓ ଗୁରୁତର ଆନିମିଆ ସହ ଜଡିତ ଉଚ୍ଚ ମାତୃମୃତ୍ୟୁ ହାରକୁ ଦେଖି, ଆମେ ମନୋଭାବ ଓ ସ୍ୱାସ୍ଥ୍ୟ ଅଭ୍ୟାସରେ ପରିବର୍ତନ ଆଣିବା ଅତ୍ୟାବଶ୍ୟକ । ଠିକ୍ ପୋଷଣ, ନିୟମିତ ସପ୍ଲିମେଂଟ ଓ ସଚେତନତା ମାଧ୍ୟମରେ ଆମେ ସମେତେ ମିଶି ଆଗାମୀ ପିଢି ପାଇଁ ଏକ ସ୍ୱସ୍ଥ, ଅନିମିଆ- ମୁକ୍ତ ଭବିଷ୍ୟତ ଗଢିପାରିବୁ ।"ଏହି ଲୋକାର୍ପଣ କାର୍ଯ୍ୟକ୍ରମରେ ଆୟୋଜିତ 'ମୟୂରଭଞ୍ଜରୁ ଆନେମିଆର ତ୍ୱରିତ ହ୍ରାସ ଦିଗରେ ଆହ୍ୱାନ, ନୂତନତ୍ୱ ଓ ଭବିଷ୍ୟତ ଯୋଜନା' ଶୀର୍ଷକ ଆଲୋଚନା ଚକ୍ରରେ ଭାଗ ନେଇ ଜିଲ୍ଲା ରିପ୍ରଡକ୍‌ଟିଭ୍ ଆଣ୍ଡ୍ ଚାଇଲ୍ଡ ହେଲ୍‌ଥ୍, ଓଡ଼ିଶାର ଉପପରିଚାଳକ ଏଲିନା ସାମଲ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମମତାମୟୀ ବିଶ୍ୱାଳ, ଜିଲ୍ଲା ସାମାଜିକ କଲ୍ୟାଣ ଅଧିକାରୀ ନିହାରିକା ମହାନ୍ତି ନିଜ ଅଭିଜ୍ଞତାକୁ ଭିତିକରି ଏ ବିଷୟରେ ଥିବା ସମସ୍ୟାଗୁଡିକ ବିଷୟରେ ଆଲୋଚନା କରିବା ସହ ଜିଲ୍ଲାକୁ ଆନିମିଆରୁ ରକ୍ଷା କରିବା ଦିଗରେ ଆଗକୁ କଣ ସବୁ ପ୍ରସ୍ତୁତି ଦରକାର ସେ ବିଷୟରେ ନିଜର ସୁଚିନ୍ତିତ ମତାମତ ଦେଇଥିଲେ । ଖିମଜୀ ଦୟାଭାଇ କୋ ଗ୍ରୁପ୍ ବିଷୟରେ ଖିମଜୀ ଦୟାଭାଇ କୋ ଗ୍ରୁପ୍ ପୂର୍ବ ଭାରତର ବାରିପଦାରେ ଅବସ୍ଥିତ ଏକ ପ୍ରିମିୟମ୍ ଉନ୍ନତିଶୀଳ ଏବଂ ବିଶ୍ୱାସନୀୟ ଗହଣା ବ୍ରାଣ୍ଡ୍ । ୮୯ ବର୍ଷରୁ ଅଧିକ ସମୃଦ୍ଧ ଐତିହ୍ୟ ସହିତ, ଏହି ଗ୍ରୁପ୍ ଓଡ଼ିଶାର ଗହଣା ଶିଳ୍ପରେ ପାରଦର୍ଶୀତା, ଗୁଣମାନ ଏବଂ ବିଶ୍ୱାସକୁ ସ୍ଥାପିତ କରିଥିବା ଘରେ ଘରେ ପରିଚିତ ଏକ ନାମ । ସୁକୌଶଳ ନିର୍ମାଣ ଏବଂ ସମୃଦ୍ଧ ପାରମ୍ପରିକ ଐତିହ୍ୟ କୁ ଭିତି କରି ଖିମଜି ଦୟାଭାଇ କୋ ଗ୍ରୁପ୍ ଆଧୁନିକ ପରିଚୟକୁ ସୁଦୃଢ କରିପାରିଛି, ଯେଉଁଥିରେ ସୌନ୍ଦର୍ଯ୍ୟ, ନୂଆପଣ ଓ ଆଧୁନିକ ରୁଚିର ସୁନ୍ଦର ସମନ୍ୱୟ ଦେଖିବାକୁ ମିଳେ । ଏହା ଅଂଚଳର ଗହଣା ଶିଳ୍ପରେ ବିଶ୍ୱାସ ଏବଂ ପାରଦର୍ଶୀତାର ନୂତନ ମାନଦଣ୍ଡ ସୃଷ୍ଟି କରି ଆସୁଛି ।



# ଓଡ଼ିଆ ପକ୍ଷ ପାଳନ ଅବସରରେ ବିଶାଳ ରକ୍ତ ଦାନ ଶିବିର

ସିମୁଳିଆ (ନିପ୍ର): ସନ୍ତରଗଡିଆ ସ୍ଥିତ ବାବା ପଂଚଲିଙ୍ଗେଶ୍ୱର ସ୍ନାତକ ମହାବିଦ୍ୟାଳୟର ଓଡିଆ ପକ୍ଷ ପାଳନ ଅବସରରେ ଜାତୀୟ ସେବା ଯୋଜନା ଓ ଯୁବ ରେଡକ୍ରସ ଆନୁକୂଲ୍ୟରେ ତା ୧୧/୦୪/୨୬ରିଖ ଶନିବାର ଦିନ ବିଶାଳ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ରକ୍ତଦାନ ଶିବିରରୁ ନୀଳଗିରି ରକ୍ତ ଭଣ୍ଡାରର କର୍ମଚାରୀଙ୍କ ଦ୍ୱାରା ସଫଳତାର ସହିତ ୨୫ ଇଉନିଟ ରକ୍ତ ସଂଗ୍ରହ କରାଯାଇଥିଲା । ଏହି ଶିବିର ଉକ୍ତ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଶ୍ରୀହରିଶଙ୍କର ପାଣିଗ୍ରାହୀ ଓ ଯୁବ ରେଡକ୍ରସର କାର୍ଯ୍ୟକ୍ରମ ଅଧିକାରୀ ଡ. ଅକ୍ଷୟ କୁମାର ପାଣିଗ୍ରାହୀଙ୍କ ମିଳିତ ତତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା । ରକ୍ତଦାନ ଶିବିରକୁ ଆନୁଷ୍ଠାନିକ ଭାବେ ଡାକ୍ତର ଦେବିପ୍ରସନ୍ନ ପଣ୍ଡା, ନୀଳଗିରି ମହାବିଦ୍ୟାଳୟର ବାଣିଜ୍ୟ ବିଭାଗର ଅଧ୍ୟାପିକା ଶୁଭଶ୍ରୀ ଶୁଭସ୍ମିତା ଜେନା ଓ ସଂସ୍କୃତ ଭିବାଗର ଅଧ୍ୟାପକ ଅଶୋକ କୁମାର ମାଝି ତଥା ମହାବିଦ୍ୟାଳୟର ଅଧକ୍ଷ ଡ. ଗଦାଧର ବେହେରା, ଡ. ଗୌରହରି ଜେନା ଉଦ୍‌ଘାଟନ କରିଥିଲେ । ଏଥିରେ ମହାବିଦ୍ୟାଳୟର ଅଧ୍ୟାପକ ତ୍ରିଲୋଚନ ବାରିକ, ଅଭିମନ୍ୟୁ ମାହୁନ୍ତ, ଶିଶିର କୁମାର ସାହୁ, ସାଗରେନ୍ଦ୍ର ମିଶ୍ର, ସଙ୍ଘମିତ୍ରା ରାଉତ, ଅକ୍ଷୟ କୁମାର ପାତ୍ର, କ୍ରିଡା ଶିକ୍ଷକ ଗଙ୍ଗାଧର ପରିଡା ଏବଂ ସମସ୍ତ ଶିକ୍ଷା କର୍ମଚାରି ଓ ମହାବିଦ୍ୟାଳୟର ବର୍ତ୍ତମାନ ଓ ପୁରାତନ ଛାତ୍ର-ଛାତ୍ରୀ ଅଂଶ ଗ୍ରହଣ କରିଥିଲେ । ଓଡିଆ ପକ୍ଷ ପାଳନ ଅବସରରେ ଏହା ଏକ ସଫଳ ପ୍ରୟାସ ଥିଲା । ଏଥିପାଇଁ ମହାବିଦ୍ୟାଳୟ ତରଫରୁ ଓଡିଶା ସରକାର ଓ ଫକିର ମୋହନ ବିଶ୍ୱବିଦ୍ୟାଳୟର କର୍ତୃପକ୍ଷଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି ।

# କେମ୍ବ୍ରିଜ ସ୍କୁଲ ଅଫ ମେନେଜମେଂଟର ୮ମ ବାର୍ଷିକ ଉତ୍ସବ ଉଦ୍‌ଯାପିତ

ସୋର(ନିପ୍ର): ସୋର ବ୍ଲକ ବ୍ରାହ୍ମଣସାହି ସ୍ଥିତ ସୋର ସ୍କୁଲ ଅଫ ଇଞ୍ଜିନିଅରିଙ୍ଗ ଏବଂ କେମ୍ବ୍ରିଜ ସ୍କୁଲ ଅଫ ମେନେଜମେଂଟର ୨ ଦିନିଆ ୮ ମ ବାର୍ଷିକ ଉତ୍ସବ ଫ୍ୟୁଜନ ୨୦୨୬ ଉଦ୍‌ଯାପିତ ହୋଇଯାଇଛି । ସିମୁଳିଆ ବିଧାୟକ ତଥା ଜିଲା ଯୋଜନା ବୋର୍ଡ଼ ଅଧକ୍ଷ ପଦ୍ମଲୋଚନ ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ସମବାୟ ବୟନ ହସ୍ତତନ୍ତ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଯୋଗଦେଇ ଶିକ୍ଷା ମଣିଷ ଜୀବନର ମାନଦଣ୍ଡ, ଅଧବସାୟ ଏବଂ ନିଷ୍ଠାପର ସାଧନା ବଳରେ ପ୍ରତ୍ୟେକ ପିଲା ଲକ୍ଷ୍ୟର ଶୀର୍ଷ ସ୍ଥାନରେ ପହଂଚି ପାରିବ ବୋଲି କହିଥିଲେ । ମୁଖ୍ୟ ବକ୍ତା ଭାବେ




ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ସମ୍ମାନିତ ଅତିଥି ଭାବେ ଅକ୍ସପୋର୍ଡ଼ ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁସନର ଚେୟାରମ୍ୟାନ ଡ. ଅଂଶୁମାଧବ ପଣ୍ଡା, ସ୍କୁଲ ବଫ୍ ଇଂଜିନିୟରିଂର ଚେୟାରମ୍ୟାନ ଡ.ନୀଳମାଧବ ପଣ୍ଡା ଓ ଜଗନ୍ନାଥ କଲେଜ ଅଫ୍ ସାଇନ୍ସର ଚେୟାରମ୍ୟାନ ଗଂଗାଧର ଜେନା ଯୋଗେଦେଇ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ପ୍ରଦାନ କରିଥିଲେ । କଲେଜ ଅଧକ୍ଷ ହେମନ୍ତ କୁମାର ରାଉତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ପ୍ରଥମ ଦିନ ଏହି ଉତ୍ସବକୁ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ ଉଦ୍‌ଘାଟନ କରିଥିଲେ । କଲେଜ ପରିଚାଳନା କମିଟି ସଭ୍ୟା, ତଥା ବିଶିଷ୍ଟ ସମାଜସେବୀ କୁନ୍ତଳା କୁମାରୀ ପଣ୍ଡା, ମାର୍କୋଣା ସରପଂଚ କମଳାକାନ୍ତ ନାୟକ, ସମାଜସେବୀ ରାଧାରମଣ ପଟ୍ଟନାୟକ ଯୋଗଦେଇଥିଲେ । ରାଜେନ୍ଦ୍ର ମହାରଣା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଭାଇସ ଚେୟାରମ୍ୟାନ ଇଂ. ମାନସ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ହାସ୍ୟ ଅଭିନେତା ପପୁ ପମପମ ଏବଂ ଆଶୋତୋଷ ମ୍ୟୁଜିକ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଦ୍ୱିତୀୟ ଦିନରେ କଂଣ ଶିଳ୍ପୀ ବର୍ଣ୍ଣାଳୀ ହୋତା ଓ ଲିପ୍ସା ମହାପାତ୍ର ସଙ୍ଗୀତ ପରିବେଷଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଦେବୀପ୍ରସନ୍ନ ନାୟକ, ପ୍ରକାଶ ବିଶ୍ୱାଳ, ଲକି ପୋଥାଳ, ରୋଜାଲିନ ମହାନ୍ତି, ସନ୍ଧ୍ୟାରାଣୀ ଜେନା, ସତ୍ୟରଞ୍ଜନ ବେହେରା, ସତ୍ୟନାରାୟଣ ନନ୍ଦ, କାଳନ୍ଦୀ ସାହୁ, ଜିତେନ୍ଦ୍ର ଖୁଂଟିଆ, ସୁଧାକର ନାୟକ, ପର୍ଶୁରାମ ନାୟକ, ବସନ୍ତ ପାଣିଗ୍ରାହୀ, କମଳାକାନ୍ତ ବାରିକ, ଚନ୍ଦ୍ରରେଖା ବେହେରା, ପ୍ରହଲ୍ଲାଦ ବାରିକ, ସୁଧୀର ପଣ୍ଡା, ମହେଶ ଦାସ ପ୍ରମୁଖ ପରିଚାଳନା କରିଥିଲେ ।

# ଜିଲ୍ଲାପାଳଙ୍କ ପ୍ରତିଶୃତିକୁ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ବେଖାତିର, ଦେଢ଼ ବର୍ଷ ପରେ ମଧ ଗଳାପୋଲ ସମ୍ପ୍ରସାରଣରେ ଅନିଶ୍ଚିତତା

ସୋର(ନିପ୍ର): ନାଗରିକ ମଂଚର ସାଧାରଣ ପରିଷଦ ବୈଠକ, ଅବସର ପ୍ରାପ୍ତ କର୍ମଚାରୀ ଭବନରେ , ମଂଚର ସଭାପତି ନେତ୍ରାନନ୍ଦ ରାଉତଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ସୋର ରେଲଷ୍ଟେସନର ବହୁବିଧ ସମସ୍ୟାର ପ୍ରତିକାର ପାଇଁ ଗତ ମାସ ୯ ରୁ ୧୧ ତାରିଖ ପର୍ଯ୍ୟନ୍ତ ଗଣ ଧାରଣାରେ ଯୋଗ ଦେଇଥିବା ସୋର ର ସମସ୍ତ ବ୍ୟକ୍ତି ବିଶେଷଙ୍କୁ ମଂଚ ତରଫରୁ କୃତଜ୍ଞତା ଜ୍ଞାପନ କରାଯାଇଛି । ଯେହେତୁ ଅମୃତ ଭାରତ ଯୋଜନାରେ ସୋର ଷ୍ଟେସନ କାର୍ଯ୍ୟ ଆରମ୍ଭ ପାଇଁ ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଛି, ତେଣୁ ଏକ ସର୍ବାଙ୍ଗ ସୁନ୍ଦର ଭବ୍ୟ ଷ୍ଟେସନ ରୂପରେ ସୋର ବାସି ପାଇବେ ବୋଲି, ଡିଭିଜନାଲ ମ୍ୟାନେଜର ଖଡ଼ଗପୁର ଦୃଢୁକ୍ତି ପ୍ରକାଶ କରିଛନ୍ତି ବୋଲି ମଂଚର ଉପ ସଭାପତି ମାୟାଧର ନାୟକ ସୂଚନା ଦେଇଥିଲେ । ଓଡ଼ିଶାର ଲକ୍ଷ୍ମଣନାଥ ରେଳ ଷ୍ଟେସନ ଠାରୁ ରାଣୀତାଲ ଷ୍ଟେସନ ପର୍ଯ୍ୟନ୍ତ ସମସ୍ତ ଅଂଚଳକୁ ପୂର୍ବତଟ ରେଳ ଡିଭିଜନରେ ସାମିଲ କରାଯିବା ଦାବିକୁ ମଂଚ ସମର୍ଥନ ଜଣାଇ ରେଳ କର୍ତୃପକ୍ଷଙ୍କୁ ଦାବିପତ୍ର ପ୍ରଦାନ କରାଜିବାକୁ ସ୍ଥିର ହୋଇଛି । ସେହିପରି ୧୬ ନମ୍ବର ଜାତୀୟ ରାଜପଥରେ ଥିବା ଉତରେଶ୍ୱର ଓ କଲେଜ ଛକର ସଂକୀର୍ଣ୍ଣ ଗଳାପୋଲକୁ ଉସାରିଆ କରାଯିବା ପାଇଁ ଗତ ୧୩ ନଭେମ୍ବର ୨୦୨୪ ମସିହାରେ ବାଲେଶ୍ୱର ଜିଲ୍ଲାପାଙ୍କ ଅଧକ୍ଷତାରେ ଅନୁଷ୍ଠିତ ତ୍ରିପାକ୍ଷିକ ଆଲୋଚନା ବେଳେ, ବିଧାୟକ ମାଧବ ଧଡ଼ା, ୪୫ ନମ୍ବର ଜୋନ ଜିଲ୍ଲାପରିଷଦ ଜୟରାମ ଦାସ ଙ୍କ ସମେତ ମଂଚର ସମସ୍ତ କର୍ମକର୍ତ୍ତା ମାନଙ୍କ ଉପସ୍ଥିତିରେ ଜାତୀୟ ରାଜପଥ ପ୍ରକଳ୍ପ ନିର୍ଦ୍ଦେଶକ ଘୋଷଣା କରିଥିଲେ ଆସନ୍ତା ଦୁଇମାସ ମଧରେ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହେବ । ଯାହା ଦେଢ଼ ବର୍ଷ ପରେ ମଧ୍ୟ କାର୍ଯ୍ୟର କୌଣସି ଅଗ୍ରଗତି ଘଟିନାହିଁ । ପରନ୍ତୁ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠି ମାର୍କୋଣା ଠାରେ ଗଳାପୋଲର ସମ୍ପ୍ରସାରଣ ପାଇଁ ଶୁଭ ଦେଇଛନ୍ତି । ଯାହାକି ସୋର ବାସୀଙ୍କୁ କଟା ଘାରେ ଚୂନ ଦେବଭଳି ପରିସ୍ଥିତି ସୃଷ୍ଟି ହୋଇଛି । ପ୍ରକାଶ ଥାଉକି ୧୬ ନମ୍ବର ଜାତୀୟ ରାଜପଥର କଲେଜ ଛକ ଓ ଉତରେଶ୍ୱର ଗଳାପୋଲ ସମ୍ପ୍ରସାରଣ କାର୍ଯ୍ୟ ନିମନ୍ତେ ୨୦୨୨ ମସିହାରେ ଅର୍ଥ ମଞ୍ଜୁର ହେବାପରେ,୨୦୨୪ ମସିହା ପର୍ଯ୍ୟନ୍ତ ସମ୍ପ୍ରସାରଣ କାର୍ଯ୍ୟ ଆରମ୍ଭ ନକରି, ସେହି ଅର୍ଥକୁ ଜାତୀୟ ରାଜପଥ ପ୍ରକଳ୍ପ ନିର୍ଦ୍ଦେଶକ ଅନ୍ୟତ୍ର କାର୍ଯ୍ୟରେ ଖର୍ଚ୍ଚ କରିଦେବା ଯୋଗୁଁ ଏହି ଦୁଇ ଗଳାପୋଲ କାର୍ଯ୍ୟ ସମ୍ପ୍ରସାରଣରେ ପୂର୍ଣ୍ଣଚ୍ଛେଦ ପଡିଥିଲା । ନାଗରିକ ମଂଚ ଆହ୍ୱାନରେ ଜୋରଦାର ଆନ୍ଦୋଳନ ଫଳରେ ପୁନରାୟ ସମ୍ପ୍ରସାରଣ ପାଇଁ ୪୨ କୋଟି ଟଙ୍କାର ଯୋଜନା ଅଟକଳ ମଞ୍ଜୁରୀ ନିମନ୍ତେ ୨୦୨୪ ମସିହା ଅକ୍ଟୋବର ମାସରେ ଜାତୀୟ ରାଜପଥ ମୁଖ୍ୟ କାର୍ଯ୍ୟାଳୟ ଦିଲ୍ଲୀକୁ ପଠାଇ ଯାଇ ଥିବା ଓ ଏକ ମାସ ମଧ୍ୟରେ ଅର୍ଥାତ ଡିସେମ୍ବର ମାସ ଶେଷସୁଧା ମଞ୍ଜୁରୀ ହେବା ସହ ଟେଣ୍ଡର କାର୍ଯ୍ୟ ୨୦୨୫ ଜାନୁଆରୀ ୧୫ ସୁଧା ସମାପ୍ତ ହେବବୋଲି ଜିଲ୍ଲାପାଳଙ୍କ ଉପସ୍ଥିତିରେ ଜାତୀୟ ରାଜପଥ ପ୍ରକଳ୍ପ ନିର୍ଦ୍ଦେଶକ ପ୍ରତିଶୃତି ଦେଇଥିଲେ । ଅନ୍ୟପକ୍ଷରେ କାର୍ଯ୍ୟରତ ବ୍ରିଜଗୋପାଳ ନିର୍ମାଣ କମ୍ପାନୀ ଛପୁଲିଆ ଠାରୁ କଲେଜ ଛକ ପର୍ଯ୍ୟନ୍ତ ଜାତୀୟ ରାଜପଥ କାର୍ଯ୍ୟ ସମାପ୍ତ କରିଥିଲେ ମଧ୍ୟ ଉତରେସ୍ୱରରେ ଥିବା ବସଷ୍ଟପେଜ ପ୍ରତି ଗୁରୁତ୍ୱ ନଦେବା ଯୋଗୁଁ, ଦଶଫୁଟ ଉପରେ ଥିବା ବସ ଷ୍ଟପେଜରେ ବସ ଚଢିବାକୁ ଛୋଟ ପିଲା, ବୃଦ୍ଧ ବୃଦ୍ଧା, ଦିବ୍ୟାଙ୍ଗ, ମହିଳା ମାନେ ନାହିଁ ନଥିବା ସମସ୍ୟାରେ ସମ୍ମୁଖୀନ ହେଉଛନ୍ତି । ସେହିପରି ଦୁଇ ପାଖ ସର୍ଭିସ ରୋଡ଼ର ଉନ୍ନତି ନକରିବା ଫଳରେ ଜନସାଧାରଣଙ୍କ ଯାତାୟାତରେ ବହୁ ଦୁର୍ଘଟଣା ଘଟି ଚାଲିଛି ।ଦୀର୍ଘଦିନର ସମସ୍ୟା ଦୁଇପାଖ ଡ୍ରେନର କୌଣସି ଅଗ୍ରଗତି ଦେଖା ଦେଉନାହିଁ । ଏପରି ସ୍ଥଳେ ଦୁଇଟି ଗଳାପୋଲର ସମ୍ପ୍ରସାରଣ ସହ ପାର୍ଶ୍ୱ ସର୍ଭିସ ରୋଡ଼ ଏବଂ ଡ୍ରେନ କାର୍ଯ୍ୟ ସମ୍ପୂର୍ଣ୍ଣ ପାଇଁ, ପୁନର୍ବାର ଜାତୀୟ ରାଜପଥ ଅବରୋଧ କରାଯିବାକୁ ନିଷ୍ପତି ଗ୍ରହଣ କରାଯାଇଛି । ଏହି ବୈଠକରେ ନାଗରିକ ମଂଚର ବାର୍ଷିକ ସମ୍ମିଳନୀ ଆସନ୍ତା ମେ ମାସ ୧୫ ତାରିଖରେ ହେବାକୁ ସ୍ଥିର ହୋଇଛି । ମଂଚର ସହ ସମ୍ପାଦକ ପ୍ରଦୀପ କୁମାର ଦାଶ ଗତ ବୈଠକର ବିବରଣୀ ଉପସ୍ଥାପନ କରିଥିବା ବେଳେ । ସମ୍ପାଦକ ଉଦ୍ଧବ ଚରଣ ବିଶ୍ୱାଳ ବିଭିନ୍ନ ପ୍ରସ୍ତାବ ମାନ ଆଗତ କରିଥିଲେ । ବରିଷ୍ଠ ପଦେଷ୍ଟା ନବକିଶ୍ୱର ଦାସ, ଜିତେନ୍ଦ୍ର କୁମାର ବେହେରା, ମନୋଜ କୁମାର ରାୟ , ଇଂ ଦିବାକର ଦଳାଇ, ପଂଚାନନ ଶିଅଳ, ରବୀନ୍ଦ୍ର କୁମାର ଉପାଧ୍ୟାୟ ,ରାଜାରାଣୀ ଜେନା, ଶରତ ଚନ୍ଦ୍ର ମହାନ୍ତି,ସୁରେନ୍ଦ୍ର ବେହେରା, ନିତ୍ୟାନନ୍ଦ ପୁହାଣ, ବଳରାମ ପୃଷ୍ଟି , ଶଶିକାନ୍ତ ପଣ୍ଡା, ଅନାମ ପ୍ରସାଦ ବାରିକ, ଅଦୈତ୍ୟ କୁମାର କର, ସୁରେନ୍ଦ୍ର ପାଣିଗ୍ରାହୀ, ଶ୍ରୀଧର ପତ୍ରି, ଖଗେନ୍ଦ୍ର ପ୍ରଧାନ, ରାତିରଞ୍ଜନ ପାଣିଗ୍ରାହୀ, ରବିନାରାୟଣ ନନ୍ଦ,ପଙ୍କଜ କୁମାର ପଣ୍ଡା, ବିଜୟ କୁମାର ଦାସ ପ୍ରଭୃତି ଯୋଗଦେଇଥିଲେ । ମଂଚର ବରିଷ୍ଠ ସଦସ୍ୟ ପ୍ରଫୁଲ୍ଲ କୁମାର ଷଡ଼ଙ୍ଗୀ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ ।

# ସାଂସଦଙ୍କ ପାଖରେ ଦାବି ଦୋହରାଇଲା ବିକାଶ ମଂଚ

ଖୋର୍ଦ୍ଧା(ନିପ୍ର): ଖୋର୍ଦ୍ଧା ଠାରୁ ପୁରୀ ପର୍ଯ୍ୟନ୍ତ ଏକ ଜାତୀୟ ରାଜପଥ ନିର୍ମାଣ କରାଯିବା ପାଇଁ ଖୋର୍ଦ୍ଧା ବିକାଶ ମଂ'ଚ ତରଫରୁ ସଭାପତି ନରେନ୍ଦ୍ର ପୃଷ୍ଟିଙ୍କ ନେତୃତ୍ୱରେ ଏକ ପ୍ରତିନିଧ ଦଳ ସ୍ଥାନୀୟ ସାଂସଦ ଅପରାଜିତା ଷଡଙ୍ଗୀଙ୍କ ନିକଟରେ ଏହି ଦାବୀକୁ ଦୋହରାଇଛନ୍ତି । ପ୍ରକାଶ ଥାଉକି, ପୁରୀ ସହିତ ଖୋର୍ଦ୍ଧାର ପୁରାତନ ଯୁଗରୁ ନିବିଡ଼ ଆଧ୍ୟାତ୍ମିକ ସମ୍ପର୍କ ରହିଆସିଛି । କାରଣ ଷୋଡ଼ଶ ଶତାବ୍ଦୀର ଶେଷ ଭାଗରେ କଳା ପାହାଡ଼ ଶ୍ରୀମନ୍ଦିରକୁ ଆକ୍ରମଣ କରି ଚତୁର୍ଦ୍ଧାମୂର୍ତ୍ତିଙ୍କୁ ନେଇ ଗଙ୍ଗା ନଦୀ କୂଳରେ ପୋଡ଼ି ଦେଇଥିଲେ । ଏହି ସମୟରେ ବିଶର ମହାନ୍ତି ମହାପ୍ରଭୁଙ୍କର ବ୍ରହ୍ମଙ୍କୁ ଆଣି କୁଜଙ୍ଗରେ ଲୁଚାଇ ରଖିଥିଲେ । ପରବର୍ତ୍ତୀ ସମୟରେ ଖୋର୍ଦ୍ଧା ରାଜ୍ୟର ପ୍ରତିଷ୍ଠାତା ଗଜପତି ରାମଚନ୍ଦ୍ର ଦେବ ମହାପ୍ରଭୁଙ୍କୁ ଆଣି ଲୀଳାକ୍ଷେତ୍ର ଗଡ଼ଖୋର୍ଦ୍ଧା ଠାରେ ମନ୍ଦିର ତୋଳି ଦାରୁବେଶରେ ଅବସ୍ଥାପିତ କରାଇଥିଲେ । ଏହି ଦିନ ଠାରୁ ଖୋର୍ଦ୍ଧା ଦୁର୍ଗରୁ ମନ୍ଦିରର ପରିଚାଳନା କାର୍ଯ୍ୟ କରାଯାଉଥିଲା । ଏହି ରାସ୍ତାଟି ନିର୍ମାଣ ଜରାଗଲେ ଏହାର ଆଖ ପାଖରେ ଥିବା ୭ ଗୋଟି ବିଧାନସଭା କ୍ଷେତ୍ରର ଅର୍ଥନୈତିକ, ଆଧ୍ୟାତ୍ମିକ, ପରିବହନ, କୃଷି, ମତ୍ସ୍ୟଚାଷ ଇତ୍ୟାଦି କ୍ଷେତ୍ରରେ ଏକ ଯୁଗାନ୍ତକାରୀ ପରିବର୍ତ୍ତନ ଆସିପାରିବ । ଏହି ବିଧାନ ସଭା କ୍ଷେତ୍ରଗୁଡ଼ିକ ହେଉଛି ଖୋଦ୍ଧା, ଜଟଣୀ, ପିପିଲି, ସତ୍ୟବାଦୀ, ବ୍ରହ୍ମଗିରି, ଚିଲିକା ଓ ପୁରୀ । ହଜାର ହଜାର ଯୁବକ କର୍ମ ସଂସ୍ଥାନ ପାଇବା ସଂଗେ ସଂଗେ ଆତ୍ମନିର୍ଭରଶୀଳ ହେବେ ।

# ୨୦୪୭ ଲକ୍ଷ ପାଇଁ ଗ୍ରାମୀଣ ଅର୍ଥନୀତିର ବିକାଶ ଜରୁରୀ: ରୁଦ୍ର ପାଣି

ତାଳଚେର(ନିପ୍ର): ତାଳଚେର ସାଉଥ ବଲଣ୍ଡ଼ଓ ସ୍ଥିତ ନୀଳକଣ୍ଠେଶ୍ୱର ଡ଼ିଗ୍ରୀ ମହାବିଦ୍ୟାଳୟରେ ବିକଶିତ ଭାରତ ୨୦୪୭ ମସିହା ଲକ୍ଷ ପୂରଣରେ ଗ୍ରାମୀଣ ଭାରତ ବିକାଶ ତଥା ଗ୍ରାମୀଣ ରୋଜଗାର ଉପରେ ଏକ ଜାତୀୟ ସ୍ତରୀୟ ସେମିନାର ଅନୁଷ୍ଠିତ ହୋଇଯାଇଛି ଓ ଏହି ସେମିନାରକୁ ଢେଙ୍କାନାଳର ମାନ୍ୟବର ସାଂସଦ ରୁଦ୍ର ନାରାୟଣ ପାଣି ଉଦ୍‌ଘାଟନ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ସ୍ୱପ୍ନ ବିକଶିତ ଭାରତ ୨୦୪୭ ପୂରଣ ପାଇଁ ଗ୍ରାମୀଣ ଅର୍ଥନୀତିର ସମୃଦ୍ଧତା ଉପରେ କାର୍ଯ୍ୟ ତଥା ଗବେଷଣା ପାଇଁ ଛାତ୍ରଛାତ୍ରୀ ତଥା ଗବେଷକ ମାନଙ୍କୁ ଉପଦେଶ ପ୍ରଦାନ କରିଥିଲେ । ଅନୁଗୋଳ କେନ୍ଦ୍ରୀୟ ସମବାୟ ବ୍ୟାଙ୍କର ସଭାପତି ସନ୍ତୋଷ କୁମାର ପ୍ରଧାନ ସେମିନାରର ଫଳାଫଳକୁ ସଠିକ ଉପଯୋଗ ସହିତ ଯୋଜନାରେ ରୂପାନ୍ତରିତ ପାଇଁ ପରାମର୍ଶ ଦେଇଥିଲେ । ଭୁବନେଶ୍ୱର ଆଇ ଆଇଟିର ପ୍ରଫେସର ଦୁଃଖବନ୍ଧୁ ସାହୁ ଗ୍ରାମୀଣ ଅର୍ଥନୀତି ଉପରେ ନିଜର ମତାମତ ପ୍ରଦାନ କରିଥିଲେ ଓ ସିଲଙ୍ଗସ୍ଥିତ ନେହୁର ପ୍ରଫେସର ବିଶ୍ୱମ୍ବର ମିଶ୍ର ମୁଖ୍ୟବକ୍ତା ଭାବରେ ବିକଶିତ ଭାରତ ଗଠନ ପାଇଁ ସୁଚିନ୍ତିତ ମତ ପ୍ରଦାନ କରିଥିଲେ । ଅନୁଷ୍ଠାନର ଅଧକ୍ଷ ଡ଼. ବଳଭଦ୍ର ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ରିସର୍ଚ୍ଚ ଫୋରମ ଇଣ୍ଡିଆର ରାଷ୍ଟ୍ରୀୟ ଉପାଧକ୍ଷ ଡ଼ ସୁଶୀଲ ପଟ୍ଟନାୟକ ଯୋଗଦେଇ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ । ଅଧ୍ୟାପକ ଲଲାଟେନ୍ଦୁ ଗଡ଼ନାୟକ ଏବଂ ଅଧ୍ୟାପକ ସୁମନ୍ତ ମାଝୀ, ଅଧ୍ୟାପିକା ଶୁଭଦର୍ଶିନୀ ମହାପାତ୍ର ସଭାକାର୍ଯ୍ୟ ପରିଚାଳନା କରିଥିଲେ । ସାରା ଦେଶରୁ ୮୧ ଗବେଷକ ନିଜର ସନ୍ଦର୍ଭ ପାଠ କରିଥିଲେ । ଅପରାହ୍ନରେ ଉଦଯାପନୀ ଉତ୍ସବରେ ସମସ୍ତଙ୍କୁ ସମ୍ମାନିତ କରାଯାଇଥିଲା ରାଜ୍ୟ ତଥା ଦେଶର ବିଭିନ୍ନ ଶିକ୍ଷାନୁଷ୍ଠାନରୁ ବହୁ ଅଧ୍ୟାପକ ଓ ପ୍ରାଧ୍ୟାପକ ଯୋଗ ଦେଇଥିଲେ ।

# ନବ ନିର୍ବାଚିତ କର୍ମକର୍ତ୍ତାଙ୍କ ଶପଥ ପାଠ

ଯାଜପୁର(ନିପ୍ର): ଯାଜପୁର ଜିଲ୍ଲା ଜଜ୍‌କୋର୍ଟରେ ଗତ ମାର୍ଚ୍ଚ ୨୮ ତାରିଖରେ ୩ଟି ବାର୍ ର ନିର୍ବାଚନ ଶେଷ ହୋଇଥିବା ବେଳେ ଯାଜପୁର ଜିଲାପରିଷଦ ସମ୍ମିଳନୀ କକ୍ଷରେ ଡିଷ୍ଟ୍ରିକ୍ଟ ଲୟର୍ସ ଆସୋସିଏସନ୍ ର ନବ ନିର୍ବାଚିତ କର୍ମକର୍ତ୍ତା ଙ୍କ ଶପଥ ପାଠ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସଙ୍ଘର ସଭାପତି ଭାବେ ଅମିୟ କୁମାର ମହାନ୍ତି, ଉପସଭାପତି ଝରଣା ମିଶ୍ର, ସାଧାରଣ ସଂପାଦକ ଦିବାକର ମହାନ୍ତି, ସହ ସଂପାଦିକା ଚିନ୍ମୟୀ ଜେନା, କାର୍ଯ୍ୟକାରୀ କମିଟିର ସଭ୍ୟ, କୋଷାଧ୍ୟକ୍ଷ ପ୍ରମୁଖଙ୍କୁ ନିର୍ବାଚନ ଅଧିକାରୀ ବିଜୟ ଜେନା ଶପଥପାଠ କରାଇଥିଲେ । ଏହି ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଆଇନଜୀବି ପରିଷଦ ର ଉପାଧକ୍ଷ ରାଜୀବ ମହାନ୍ତି, ବରିଷ୍ଠ ଆଇନଜୀବି ପ୍ରବୀର କୁମାର ରାୟ, ପ୍ରତାପ କୁମାର ରାୟଙ୍କ ସମେତ ବହୁ ମାନ୍ୟ ଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ନବ ନିର୍ବାଚିତ କର୍ମକର୍ତ୍ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ । ଏହି ଅବସରରେ ବରିଷ୍ଠ ଆଇନଜୀବୀ ସମରେନ୍ଦ୍ର ଦାସ, ଜୟଦୀପ ମିଶ୍ର, ଦୀପ୍ତିରଞ୍ଜନ ମହାନ୍ତି, ଅଜୟ ଦାସ, ଅନନ୍ତ ବାସୁଦେବ ମିଶ୍ର ପ୍ରମୁଖ ଯୋଗ ଦେଇ ବାର ର ଭବିଷ୍ୟତ କାର୍ଯ୍ୟ ପନ୍ଥା ସମ୍ପର୍କରେ ଆଲୋକପାତ କରିଥିଲେ ।

# ବିଶ୍ୱ ହୋମିଓପାଥି ଦିବସ ପାଳିତ

ଯାଜପୁର(ନିପ୍ର): ଯାଜପୁର ହୋମିଓପାଥି ଡାକ୍ତର ଆସୋସିଏସନ ପକ୍ଷରୁ ସ୍ଥାନୀୟ ଆଶ୍ରୟ ମଣ୍ଡପରେ ବିଶ୍ୱ ହୋମିଓପାଥି ଦିବସ ପାଳିତ ହୋଇଯାଇଛି । ହୋମିଓପ୍ୟାଥି ଚିକିତ୍ସା ତଥା ଔଷଧ ପଦ୍ଧତିର ଜନକ ଡାକ୍ତର ସାମୁଏଲ୍ ହାନେମ୍ୟାନଙ୍କ ୨୭୧ତମ ଜନ୍ମ ଦିବସକୁ ସମ୍ମାନ ଜଣାଇ ଆଜିର ଦିନକୁ ବିଶ୍ୱବ୍ୟାପୀ ପାଳନ କରାଯାଇଥାଏ । ଜିଲ୍ଲା ସଂଘର ସଭାପତି ଡ଼ ସନ୍ତୋଷ ଦାସଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଜିଲ୍ଲା ହୋମିଓପାଥି ମେଡିକାଲ ଅଫିସର ଡ଼ ଏସକେ ସମିଉଲା ଯୋଗ ଦେଇ କାର୍ଯ୍ୟକ୍ରମ କୁ ଉଦଘାଟନ କରିଥିଲେ । ଡ଼ ସୁଲୋଚନା ପଣ୍ଡାଙ୍କ ପରିଚାଳନାରେ ମୁଖ୍ୟ ବକ୍ତା ଭାବେ ଡ଼ ସୀତାକାନ୍ତ ସାହୁ, ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ଆନନ୍ଦ ଚନ୍ଦ୍ର ସାହୁ, ବରିଷ୍ଠ ଡାକ୍ତର ଡ଼ ବିମଳ କୃଷ୍ଣ ମହାପାତ୍ର, ଡ଼ ସତ୍ୟରଞ୍ଜନ ପତି ପ୍ରମୁଖ ଯୋଗ ଦେଇ ହୋମିଓପ୍ୟାଥି ଚିକିତ୍ସା ପଦ୍ଧତି ଦ୍ୱାରା କିଭଳି ସ୍ୱଳ୍ପ ଅର୍ଥ ବିନିଯୋଗରେ ଉତମ ଚିକିତ୍ସା ପାଇବେ ସେ ନେଇ ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଡ଼ ରାଜଶ୍ରୀ ପାଢ଼ୀଙ୍କ ପରିଚାଳନାରେ ସାଇ[ଫିକ ସେମିନାର ଆୟୋଜିତ ହୋଇଥିଲା । ଏଥିରେ ଡ଼ ବିଶ୍ୱ ପ୍ରକାଶ ସାମନ୍ତ, ଡ଼ ରବି ରାଉତ, ଡ଼ ଶୋଭା ରାଉତ, ଡ଼ କଳିଙ୍ଗ ଖଟୁଆ, ଡ଼ ମୋନାଲିସା ଦାସ, ଡ଼ ଜୟ ପ୍ରକାଶ ମିଶ୍ର, ଡ଼ ଜ୍ୟୋତି ରଞ୍ଜନ ରାଉତ, ଡ଼ ଅବିନାଶ ଜେନା ପ୍ରମୁଖ ଯୋଗ ଦେଇ ସେମାନଙ୍କ ଅଭିଜ୍ଞତା ଉପସ୍ଥାପନା କରିଥିଲେ । ଏହି ଅବସରରେ ଜିଲ୍ଲାର ହୋମିଓପ୍ୟାଥି ଡାକ୍ତର ସଂଘର ଡ଼ ଦୀପ୍ତିମୟୀ ଦାସ, ଡ଼ ଶୁଭେଚ୍ଛା ଦାସ, ଡ଼ ଚିନ୍ମୟୀ ସାମଲ, ଡ଼ ଛନ୍ଦାଶ୍ରୀ ଜେନା, ଡ଼ କୈଳାସ ଚନ୍ଦ୍ର ପତି, ଡ଼ ମୋନାଲିସା ପ୍ରଧାନ,ଡ଼ କିଶୋର ପ୍ରଧାନ, ଡ଼ ଶାନ୍ତି ସ୍ୱରୂପ ସାହୁ ପ୍ରମୁଖ ଉପସ୍ଥିତ ରହି ଡାକ୍ତର ସାମୁଏଲ୍ ହାନେମ୍ୟାନଙ୍କ ଅବଦାନ ମନେ ପକାଇଥିଲେ ।

# ସୁଦର୍ଶନଙ୍କ ଜନ୍ମ ତିଥିରେ ଛେନାପୋଡ଼ ଦିବସ ପାଳନ କଲେ ବିଭିନ୍ନ ଅନୁଷ୍ଠାନ

ନୟାଗଡ(ନିପ୍ର): ସୁଦର୍ଶନ ସାହୁଙ୍କ ଜୟନ୍ତୀ ଅବସରରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଏପ୍ରିଲ ୧୧ରେ ବିଶ୍ୱ ଛେନା ପୋଡ଼ଦିବସ ରୂପେ ପାଳନ କରିଛନ୍ତି । ସୁଦର୍ଶନ ସାହୁଙ୍କ ପୁଅ ସୁମନ ସାହୁ ନିଜ ବାସଭବନ ନୟାଗଡ ରେ ଅତିଥି ମାନଙ୍କ ଗହଣରେ ଛେନା ପୋଡ଼ ଦିବସ କୁ ପାଳନ କରିବା ସହ ନୟାଗଡ ରେ ବହୁ ଅନୁଷ୍ଠାନ ତଥା ଜିଲ୍ଲା ଓକିଲ ସଙ୍ଘ, ବରିଷ୍ଠ ନାଗରିକ, ବ୍ଲକ କାର୍ଯ୍ୟାଳୟ ରେ, ନୟାଗଡ ବିଜୁ ଜନତା ଦଳ ପାର୍ଟି ଅଫିସ ରେ ପାଳନ, ଘରୋଇ ବସ ମାଲିକ ସଙ୍ଗ, ନୟାଗଡ ଖେଳ ପଡିଆ ରେ ସୁଦର୍ଶନ ସାହୁ ମନେ ରଖିବା ପାଇଁ ମଧ୍ୟ ସେଠାରେ ବିଶ୍ୱ ପୋଡ଼ ପାଳନ କରାଯାଇଛି । ମିଠା ଜଗତରେ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଥିବା ଏହି ଛେନାପୋଡ ବର୍ତ୍ତମାନ ନୟାଗଡ଼ରୁ ପ୍ରସ୍ତୁତ ହୋଇ ପ୍ରତ୍ୟେକ ଦିନ ଭୁବନେଶ୍ୱର, କଟକ, ବ୍ରହ୍ମପୁର, ରାଉରକେଲା, ସମ୍ବଲପୁର, ମାଲକାନଗିରି, ଭବାନୀପାଟଣା, ବଲାଙ୍ଗୀର,



ବୌଦ୍ଧ, କେନ୍ଦୁଝର କନ୍ଧମାଳ ଛତିଶଗଡ଼ କଲିକତା ଦୁର୍ଗାପୁର, ରାୟପୁର ପ୍ରଭୃତି ସ୍ଥାନକୁ ଦୂରଗାମୀ ବସ୍ ଯୋଗେ ପଠାଯାଇଥାଏ । ଜିଲ୍ଲାର ବିଭିନ୍ନ ସ୍ଥାନରେ ଛେନାପୋଡ଼ ପ୍ରସ୍ତୁତି କରାଯିବା ସହ ଏକା ରୋଜଗାରର ଏକ ମାଧ୍ୟମ ପାଲଟିଛି । ଏହା ବାଦ ନୟାଗଡ଼ ଜିଲ୍ଲାର ଅନେକ ବ୍ୟକ୍ତି ମୁମ୍ବାଇ, ବାଙ୍ଗାଲୋର ପ୍ରଭୃତି ସହରକୁ ଯାଇ ଛେନାପୋଡ଼ ବ୍ୟବସାୟ କରୁଥିବା ମଧ୍ୟ ଜଣାଯାଇଛି । ନୟାଗଡ଼ ଛେନାପୋଡ଼ ଏବେ କୁଟୀରୀ ଶିଳ୍ପରେ ପରିଣତ ହୋଇଛି । ନୟାଗଡ଼ ବ୍ଲକ ମାଛିପଡ଼ା ଗ୍ରାମରେ ଅନେକ ପରିବାର ଛେନାପୋଡ଼ ପ୍ରସ୍ତୁତି ଏବଂ ବ୍ୟବସାୟ କରି ବେଶ ଦୁଇ ପଇସା ରୋଜଗାର କରୁଛନ୍ତି । କିଲୋ ପିଛା ୧୩୦ରୁ ଆରମ୍ଭ କରି ୩୫୦ ଟଙ୍କା ପର୍ଯ୍ୟନ୍ତ ବିଭିନ୍ନ ପ୍ରକାର ଛେନାପୋଡ଼ ବିକ୍ରି କରାଯାଉଥିବା ଦେଖାଯାଏ । ନୟାଗଡ଼ରୁ ଆରମ୍ଭ ହୋଇଥିବା ଏହି ସ୍ୱତନ୍ତ୍ର ମିଠାକୁ ଭୌଗୋଳିକ ସଙ୍କେତ ତଥା ଜିଆଇ ଟ୍ୟାଗ ମାନ୍ୟତା ପାଇଁ ଦୀର୍ଘବର୍ଷ ତଳୁ ଦାବି ଉଠିଛି । ଏନେଇ ସଠିକ ଭାବେ ପ୍ରୟାସ କରାଯାଇ ନ ଥିଲା । ଜିଲ୍ଲା ପ୍ରଶାସନ ଜିଆଇ ଟ୍ୟାଗ ପାଇଁ ଜିଲ୍ଲାପାଳଙ୍କ ନେତୃତ୍ୱରେ ଏକ କମିଟି ଗଠନ କରାଯାଇ ୨୦୨୩ ମାର୍ଚ୍ଚ ୨୦ ତାରିଖରେ ଆବଶ୍ୟକ କାଗଜପତ୍ର ସହ ଆବେଦନ କରାଯାଇଛି । ଜିଆଇ ଟ୍ୟାଗ ମିଳିବା ଦ୍ୱାରା ଉତ୍ପାଦିତ ଦ୍ରବ୍ୟର ଉତ୍ପତିସ୍ଥଳ ସଠିକ ରୂପେ ନିରୁପଣ କରାଯାଇପାରେ । ଛେନାପୋଡ ପ୍ରଥମେ ନୟାଗଡ଼ ଜିଲ୍ଲା ଦଶପଲ୍ଲା ଅଂଚଳର ସୁଦର୍ଶନ ସାହୁ ପ୍ରସ୍ତୁତ କରିଥିଲେ । ସେ ନୟାଗଡ଼ କଚେରି ନିକଟରେ ଏକ ଛୋଟିଆ ମିଠା ଦୋକାନ କରିଥିଲେ । ଦିନେ ତାଙ୍କ କିଛି ଛେନା ବିକ୍ରି ନହୋଇ ବଳକା ରହିଯାଇଥିଲା । ଛେନା ନଷ୍ଟ ହୋଇଯିବ ଭାବି ସେଥିରେ କିଛି ସୁଜି ଓ ଚିନି ମିଶାଇ ଏକ ଭିନ୍ନ ଧରଣର ମିଠା ବନାଇବା ଲକ୍ଷ୍ୟରେ ତିଆରି କରିଥିଲେ ଛେନାପୋଡ଼ । ସେହି ଛେନାପୋଡକୁ କିଛି ଲୋକ ଖାଇବା ପରେ ସେମାନଙ୍କୁ ଭାରି ସ୍ୱାଦିଷ୍ଟ ଲାଗିଥିଲା । ତାପରେ ସୁଦର୍ଶନ ଭିନ୍ନ ଧରଣର ମିଠାକୁ ସବୁଦିନ ତିଆରି କରିବା ଆରମ୍ଭ କରି ଦେଇଥିଲେ । ଏହି ଛେନାପୋଡ଼ ନୟାଗଡ଼ ଅଂଚଳରେ ପ୍ରସିଦ୍ଧ ଲାଭ କରିବା ସଙ୍ଗେ ସଙ୍ଗେ ସାରା ରାଜ୍ୟରେ ମିଠା କ୍ଷେତ୍ରରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି । ଛେନାପୋଡକୁ ସ୍ମରଣୀୟ କରିବା ପାଇଁ ଛେନାପୋଡ ନିର୍ମାତା ସୁଦର୍ଶନ ସାହୁଙ୍କ ଜୟନ୍ତୀ ଅବସରରେ ୨୦୨୨ ମସିହା ଏପ୍ରିଲ ୧୧ ତାରିଖରେ ପ୍ରଥମ କରି "ବିଶ୍ୱ ଛେନାପୋଡ଼ ଦିବସ" ଭାବରେ ପାଳନ କରାଯାଇ ଥିଲା । ୨୦୨୩ରେ ପ୍ରଥମ କରି ଏହାକୁ ସରକାରୀ ସ୍ତରରେ ପାଳନ କରାଯାଇ ଥିଲା । ତତ୍କାଳୀନ ନୟାଗଡ଼ ଜିଲ୍ଲାପାଳ ରବୀନ୍ଦ୍ର ନାଥ ସାହୁଙ୍କ ନିର୍ଦ୍ଦେଶରେ ସମସ୍ତ ସରକାରୀ ଏବଂ ବେସରକାରୀ କାର୍ଯ୍ୟାଳୟ, ବିଦ୍ୟାଳୟ, ମହାବିଦ୍ୟାଳୟ ସ୍ତରରେ ବିଶ୍ୱ ଛେନାପୋଡ଼ ଦିବସ ପାଳନ କରାଯାଇ ଥିଲା । ଛେନାପୋଡ଼ର ଜନକ ସୁଦର୍ଶନ ସାହୁଙ୍କ ଜନ୍ମଦିନ ଅବସରରେ ନୟାଗଡ଼ ଠାରୁ ଆରମ୍ଭ କରି ରାଜ୍ୟର ବିଭିନ୍ନ ସ୍ଥାନରେ ଏହି ଦିବସ ପାଳନ କରାଯିବ ବୋଲି ସୂଚନା ମିଳିଛି ।





# ଜିଲ୍ଲାସ୍ତରୀୟ ସିଏମ୍ କପ୍-୨୦୨୬ ଗଞ୍ଜାମ ଜିଲ୍ଲାରେ ଉଦ୍‌ଘାଟିତ

ବ୍ରହ୍ମପୁର(ନି.ପ୍ର.) : ସି.ଏମ କପ ୨୦୨୬ ଦ୍ୱିତୀୟ ସଂସ୍କରଣ ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ସ୍ଥିତ ମହାତ୍ମା ଗାନ୍ଧୀ ଷ୍ଟାଡିଅମ ଠାରେ ଆଜି ଉଦଘାଟନ ହୋଇଯାଇଛି । ଏହି ଉଦଘାଟନ ଦିବସରେ ଫୁଟବଲ ଓ କବାଡି ମ୍ୟାଚ ଉଭୟ ବାଳକ ଓ ବାଳିକା ବର୍ଗ ରେ ଖେଳ ଯାଇଥିଲା । ଫୁଟବଲ ରେ ପ୍ରଥମ ମ୍ୟାଚ ସେଂଟ ଜାଭିଅର ଓ ସୋଡ଼ାକ ଟାଇଗର ବାଳକ ମଧ୍ୟରେ ଖେଳ ଯାଇଥିଲା । ଏଥିରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର ଓ ସାନମାନିତା ଅତିଥି ରୂପେ ଯୋଗ ଦେଇଥିଲେ ଅବିନାଶ କୁମାର



ଆଇ.ଏ.ଏସ ବ୍ରହ୍ମପୁର ଅତିରିକ୍ତ ଜିଲ୍ଲାପାଳ , ଏ. ଶାସ୍ୟା ରେଡି ଆଇ.ଏ.ଏସ୍ ? ବ୍ରହ୍ମପୁର ମୁନିସିପାଲିଟି କମିଶନର ଓ ଜିଲ୍ଲା କ୍ରୀଡା ଅଧିକାରୀ ଶ୍ରୀ ତାପସ କୁମାର ସାମଲ ଏବଂ ଗଞ୍ଜାମ ଜିଲ୍ଲା କ୍ରୀଡା ସଙ୍ଘ ସଦସ୍ୟ ଓ ବରିଷ୍ଠ ଖେଳାଳି ଏଲ. କେ ରାଓ, ଡି. ଆପା ରାଓ, ବିଜୟ କୁମାର ପଟ୍ଟନାୟକ, କେଦାରନାଥ ଚୌଧୁରୀ, ତାରିଣୀ ସାମନ୍ତରାୟ, ଦୁର୍ଗା ପଟ୍ଟନାୟକ, ଡି.ଡି ଗନ୍ତାୟତ,ଜି. ଏମ. ବାବୁ,ସୀତାରାମ ଦ୍ୱିବ୍ରତ, ପ୍ରମୋଦ ମହାରଣା, ରାଜ ନାରାୟଣ ପାତ୍ର ଓ ଗଞ୍ଜାମ ଜିଲ୍ଲା କ୍ରୀଡା ସଙ୍ଘର ଅନ୍ୟାନ୍ୟ ସଦସ୍ୟ ଓ ପୂର୍ବତନ ଖେଳାଳି ମାନେ ମଧ୍ୟ ଉପସ୍ଥିତ ଥିଲେ ବୋଲି ଗଞ୍ଜାମ ଜିଲ୍ଲା କ୍ରୀଡା ସଙ୍ଘ ସାଧାରଣ ସମ୍ପାଦକ ଜେ. କାମେଶ୍ୱର ରାଓ ଙ୍କ ଦ୍ୱାରା ପ୍ରକାଶିତ ।

# ସମ୍ବର୍ଦ୍ଧିତ ହେଲେ ଜିଲ୍ଲାର ବରିଷ୍ଠ ଲୋକକଳାକାର

ଝାରସୁଗୁଡା,(ନି.ପ୍ର.):ଂଚ ଓଡ଼ିଆ ପକ୍ଷ ପାଳନର ଦଶମ ଦିବସ ଉପଲକ୍ଷେ ଆଜି ଜିଲ୍ଲାରେ 'ଲୋକକଳା ପାଇଁ ଦିନଟିଏ' ଉତ୍ସବ ମହା ଆଡମ୍ବର ଓ ଉତ୍ସାହର ସହିତ ପାଳିତ ହୋଇଯାଇଛି । ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଜିଲ୍ଲା ସଂସ୍କୃତି ଭ୍ୱନଠାରେ ଅନୁଷ୍ଠିତ ହୋଇଥିଲା । ଓଡ଼ିଶାର ସମୃଦ୍ଧ ଲୋକକଳା ଓ ସାଂସ୍କୃତିକ ଐତିହ୍ୟକୁ ସଂରକ୍ଷଣ ଏବଂ ପ୍ରଚାର କରିବା ସହିତ ଆଗାମୀ ପିଢ଼ିଙ୍କୁ ଏହା ସହିତ ଯୋଡ଼ିବାର ଲକ୍ଷ୍ୟ ନେଇ ଆୟୋଜିତ ହୋଇଥିଲା । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅତିରିକ୍ତ ଜିଲ୍ଲାପାଳ ବ୍ରଜ ବନ୍ଧୁ ଭୋଇ କହିଥିଲେ କି ଆମ ଲୋକକଳା ହେଉଛି ଆମର ପରିଚୟ ଓ ଗର୍ବର ପ୍ରତୀକ । ଏହାକୁ ଜୀବନ୍ତ ରଖିବା ପାଇଁ ଆମେ ସମସ୍ତେ ମିଳିମିଶି କାର୍ଯ୍ୟ କରିବା ଆବଶ୍ୟକ । ଏଥିସହ



ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ କିଶୋର ଚନ୍ଦ୍ର ସ୍ୱାଇଁ ଯୁବ ପିଢ଼ିଙ୍କୁ ଲୋକକଳା ପ୍ରତି ଆଗ୍ରହୀ କରାଇବା ଏବଂ ଏହାର ସଂରକ୍ଷଣ ଓ ପ୍ରସାର ପାଇଁ ପ୍ରୋତ୍ସାହିତ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲାସଂସ୍କୃତି ଅଧିକାରୀ ହରେକୃଷ୍ଣ ବରିହା, ପ୍ରମୁଖ ଉପସ୍ଥିତ ଥିଲେ ଓ ଉତ୍ସବରେ ବିଶିଷ୍ଟ ଲୋକକଳାକାରଙ୍କୁ ସମ୍ମାନିତ କରାଯାଇ ସେମାନଙ୍କ ଅବଦାନକୁ ସ୍ୱୀକୃତି ପ୍ରଦାନ କରାଯାଇଥିଲା । ଏହା ସହିତ ପ୍ରମୁଖ ଲୋକକଳା ଯଥା ନୃତ୍ୟ, ସଙ୍ଗୀତ ଓ ପାରମ୍ପରିକ କଳାର ଆକର୍ଷଣୀୟ ପରିବେଷଣ କରାଯାଇଥିଲା ।କାର୍ଯ୍ୟକ୍ରମରେ ଯୁବ ପିଢ଼ିଙ୍କୁ ଲୋକକଳା ପ୍ରତି ଆଗ୍ରହୀ କରାଇବା ଏବଂ ଏହାର ସଂରକ୍ଷଣ ଓ ପ୍ରସାର ପାଇଁ ସେମାନଙ୍କୁ ପ୍ରୋତ୍ସାହିତ କରାଯାଇଥିଲା ।

# ଓଡ଼ିଆ ପକ୍ଷ ପାଳନ ଓଡ଼ିଆ ଅସ୍ମିତା କୁ ଋଦ୍ଧିମନ୍ତ କରିବାରେ ସହାୟକ ହେବ



ପୁରୀ, (ନି.ପ୍ର.) ଜିଲ୍ଲା ପ୍ରଶାସନ(ଜିଲ୍ଲା ସଂସ୍କୃତି ପରିଷଦ),ପୁରୀ ଓ ଶ୍ରୀଗୁଣ୍ଡିଚା ଆଧାତ୍ମିକ ଟ୍ରଷ୍ଟ ଓଡିଶା, ପୁରୀଙ୍କ ସହଭାଗୀତାରେ ୟୁଥ ହଷ୍ଟେଲ ପରିସରରେ ଓଡ଼ିଆ ପକ୍ଷ ପାଳନର ଏକାଦଶ ଦିବସ ଅବସରରେ ଅମୃତପିଢ଼ି ସାରସ୍ୱତ ସମାରୋହ ଉଦଘାଟିତ ହୋଇଛି କ୍ଷ ଏଥିରେ ମୁଖ୍ୟଅତିଥି ଭାବେ ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟ ଯୋଗଦେଇ କହିଥିଲେ ଯେ ଓଡ଼ିଆ ପକ୍ଷ ପାଳନ ଏକ ଚମତ୍କାର ପଦକ୍ଷେପ ।ଏହାଦ୍ୱାରା ବର୍ତମାନ ର ଯୁବପିଢ଼ି ଆମର ମହାନ ଭାଷା, ସାହିତ୍ୟ ଓ ସଂସ୍କୃତି ସମ୍ପର୍କରେ ଅବଗତ ହେବା ସହ ନିଜକୁ ଗର୍ବିତ ଅନୁଭବ କରିବେ ।ଆମ ଅସ୍ମିତା ର ପ୍ରଚାର ପ୍ରସାର କ୍ଷେତ୍ରରେ ଏହି ଓଡ଼ିଆ ପକ୍ଷ ପାଳନ ଏକ ଉପଯୁକ୍ତ ମାର୍ଗଦର୍ଶିକା ହୋଇ ପାରିବ ବୋଲି ସେ କହିବା ସହ ଓଡ଼ିଆ ବିଶ୍ୱ ବିଦ୍ୟାଳୟରେ ସାହିତ୍ୟ ଆଲୋଚନା ପାଇଁ ଆମନ୍ତ୍ରଣ କରିଥିଲେ । ବିଶିଷ୍ଟ ଅତିଥିଭାବେ ଯୋଗଦେଇ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା କହିଲେ ଓଡ଼ିଆ ପକ୍ଷ ଅପ୍ରେଲ ୧ ରୁ ୧୪ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେଉଛି । ପୁରୀ ଜିଲ୍ଲା ରେ ସରକାର ଙ୍କ ମାର୍ଗଦର୍ଶିକା ଆଧାର ରେ ଦୈନିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି ।ଆଜିର ଏକାଦଶ ଦିବସର ବିଷୟ ଅନୁସାରେ ଅମୃତ ପିଢି ସାରସ୍ୱତ ସମାରୋହ ରେ ଯୁବପିଢ଼ି ମାନଙ୍କୁ ଉତ୍ସାହିତ ଓ ସେମାନଙ୍କ ପ୍ରତିଭାର ବିକାଶ ପାଇଁ ସଂଘଟିତ ହୋଇଛି ।ଏହା ଏକ ବହୁତ ଭଲ ପଦକ୍ଷେପ ଓ ନୂତନ ସମ୍ଭାବନା କୁ ପ୍ରୋତ୍ସାହିତ କରିବ ବୋଲି ସେ କହିଥିଲେ । ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ଏଥିରେ ଅଧ୍ୟକ୍ଷତା କରିଥିଲେ । ସମ୍ମାନିତ ଅତିଥିଭାବେ ଲେଖକ ଲକ୍ଷ୍ମୀଧର ଜେନା, ଆଇନଜୀବୀ ବିନୟ ନୃସିଂହ ମହାପାତ୍ର, କଥାକାର ବଦ୍ରି ମିଶ୍ର, ଟ୍ରଷ୍ଟର ସମ୍ପାଦକ ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ, ଜିଲ୍ଲା ସୂଚନା ଲୋକ ସମ୍ପର୍କ ବିଭାଗ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ପ୍ରମୁଖ ମଂଚାସୀନ ଥିଲେ କ୍ଷ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ସର୍ବାଣୀ ଦାସ କ୍ଷ ଆୟୋଜିତ ଆଲୋଚନା ଚକ୍ରରେ ପ୍ରଫେସର ଡକ୍ଟର କାର୍ତିକ କୁମାର ଦାସ, ସୁଶ୍ରୀ କ୍ରିଷ୍ଟା ମହାପାତ୍ର, ବିଜୟ କୁମାର ପଣ୍ଡା, ବିପିନ ବିହାରୀ ଦଳାଇ, ପଠାଣି ଜେନା, ଯୋଗେଶ୍ୱର ପ୍ରହରାଜ, ଶୁଭଶ୍ରୀ ମହାପାତ୍ର, ବିଶ୍ୱବନ୍ଧୁ ଦାସ, ସନ୍ୟାସୀ ନାୟକ, ଅନନ୍ତ ପ୍ରଧାନ, ମିନତୀ ମିଶ୍ର, ପ୍ରଭାସିନୀ ମିଶ୍ର, ମନସ୍ୱିନୀ ବେହେରା, ଓମପ୍ରସାଦ ମହାନ୍ତି, ରମେଶ ବେହେରା, ବିଚିତ୍ର ରଞ୍ଜନ ମହାପାତ୍ର, ସନ୍ତୋଷିନୀ ବେହେରା ପ୍ରମୁଖ ଅଂଶଗ୍ରହଣ କରିଥିଲେ ।ଏହି ଅବସରରେ ସାହିତ୍ୟିକ ଲକ୍ଷ୍ମୀଧର ଜେନାଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା କ୍ଷ ପରିଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ସନ୍ଦୀପ କର୍ମକାର ।

# ରେଶମ ସହର ମହୋତ୍ସବର ପଂଚମ ସନ୍ଧ୍ୟା

ବ୍ରହ୍ମପୁର(ନି.ପ୍ର.) : ରେଶମ ସହର ମହୋତ୍ସବ ତା ସହିତ ସୁଭଦ୍ରା ଶକ୍ତି ଓ ଆତ୍ମନିର୍ଭର ଭାରତ ସ୍ୱଦେଶୀ ମେଳାର ପଂଚମ ସନ୍ଧ୍ୟାରେ ଅତିଥି ଭାବେ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା, ବ୍ରହ୍ମପୁର ମହାନଗର ନିଗମର ମେୟର ସଂଘମିତ୍ରା ଦଳେଇ, ଜିଲ୍ଲାପାଳ ଗଞ୍ଜାମ ଡ଼ି. କୀର୍ତି ୱାସନ୍, ବ୍ରହ୍ମପୁର ମହାନଗର ନିଗମର ଆୟୁକ୍ତ ଆକବରମ ସସ୍ୟ ରେଡ୍ଡୀ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସମୀର କୁମାର ଜେନା, ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର, ଗଞ୍ଜାମ ସ୍ୱଦେଶୀ ଜାଗରଣ ମଂଚର ଉପଦେଷ୍ଟା ଇଂ ସିମାଂଚଳ ଦାସ, ବିଡିଏ ସମ୍ପାଦକ ରମେଶ ହାଁସଦା, ବିଇଏମସି ଉପ ଆୟୁକ୍ତ କଲ୍ୟାଣୀ ସଂଘମିତ୍ରା ଏବଂ ବ୍ରହ୍ମପୁର ମହାନଗର ନିଗମର କର୍ପୋରେଟରମାନେ ଯୋଗ ଦେଇଥିଲେ । କଳା, ସଂସ୍କୃତିରେ ଗଞ୍ଜାମ ଜିଲ୍ଲା ପରିପୂର୍ଣ୍ଣ । ଏହାକୁ ଅଧିକ ଲୋକାଭିମୁଖୀ କରିବା



ପାଇଁ ରେଶମ ମହୋତ୍ସବ ଏକ ପ୍ରକୃଷ୍ଟ ମଂଚ ସାବ୍ୟସ୍ତ ହୋଇଛି ବୋଲି ବିଧାୟକ ଶ୍ରୀ ସାମନ୍ତରା ପ୍ରକାଶ କରିଥିଲେ । ସରକାରଙ୍କ ବିକଶିତ ଓଡିଶା ଓ ବିକଶିତ ଭାରତ ଲକ୍ଷ୍ୟ ପୂରଣରେ ଗଞ୍ଜାମ ଜିଲ୍ଲା ଏକ ନିର୍ଣ୍ଣାୟକ ଭୂମିକା ନିର୍ବାହ କରିବ । ସୁନାପୁର ପାଖରେ ଏକ ପୋର୍ଟ ନିର୍ମାଣ ପାଇଁ ସରକାର ପରିକଳ୍ପନା କରିଛନ୍ତି ଏହା ଦ୍ୱାରା ସ୍ଥାନୀୟ ଅଂଚଳ ଓ ଗଞ୍ଜାମ ଜିଲ୍ଲା ଆଶାତୀତ ଉନ୍ନତି ହେବ ବୋଲି ସେ ମଧ୍ୟ ପ୍ରକାଶ କରିଥିଲେ ।ବ୍ରହ୍ମପୁର ପାଟ ସ୍ୱତନ୍ତ୍ର । ପରବର୍ତୀ ପିଢ଼ିଙ୍କୁ ବ୍ରହ୍ମପୁର ପାଟ ପ୍ରତି ଆକର୍ଷିତ କରିବାକୁ ହେଲେ ଏଥିରେ ଆଉ ନୂତନତ୍ୱ ଆଣିବା ସହିତ ଏହାର ଆହୁରି ଅଧିକ ପ୍ରଚାର ପ୍ରସାରର ଆବଶ୍ୟକତା ରହିଛି । ତା ସହିତ ସହରରେ ଏକ ପ୍ରଶିକ୍ଷଣ କେନ୍ଦ୍ରର ଆବଶ୍ୟକତା ରହିଛି ବୋଲି ମେୟର ଶ୍ରୀମତୀ ଦଳେଇ ଉଲ୍ଲେଖ କରିଥିଲେ । ବ୍ରହ୍ମପୁର ସହରର ସାମଗ୍ରିକ ବିକାଶ ରେ ଉଲ୍ଲେଖନୀୟ ଅବଦାନ କରିଥିବା ବ୍ରହ୍ମପୁର ମହାନଗର ନିଗମର ସମସ୍ତ କର୍ପୋରେଟରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ତାସହିତ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀମାନଙ୍କୁ ଡେପୁଟି ମେୟର ଇଂ ବିବେକ ରେଡ୍ଡୀ ଓ ଅନ୍ୟ ଅତିଥିମାନେ ପୁରସ୍କୃତ କରିଥିଲେ । ସତ୍ୟଜିତ୍ ପ୍ରଧାନ ଏବଂ ସହଯୋଗୀଙ୍କ ସୁମଧୁର ସଂଗୀତରେ ଦର୍ଶକମାନେ ବିମୋହିତ ହୋଇଥିଲେ । ଶ୍ରୀ ନୃତ୍ୟ କଳାକେନ୍ଦ୍ର ଜଗନ୍ନାଥ ପ୍ରସାଦ ଦ୍ୱାରା ଓଡିଶୀ ନୃତ୍ୟ, ଉତ୍କଳିକା କଳା ନିକେତନ ବ୍ରହ୍ମପୁର ଦ୍ୱାରା ବନ୍ଦେ ଉତ୍କଳ ଜନନୀ, ଅୟାନୀ ଡ୍ୟାନ୍ସ ଏକାଡେମୀ ବ୍ରହ୍ମପୁର, ନିଷ୍ଟ ଡ୍ୟାନ୍ସ କ୍ଲବ୍, ଲଳିତ କଲଚରାଲ ଏକାଡେମୀ, ଶ୍ରୁତି ଡ୍ୟାନ୍ସ ଏକାଡେମୀ ଦ୍ୱାରା ବିଭିନ୍ନ ନୃତ୍ୟ ପ୍ରଦର୍ଶନ, ସୋମାୟା ଡ୍ୟାନ୍ସ ଏକାଡେମୀ, ଛତ୍ରପୁର ଦ୍ୱାରା ଆଧୁନିକ ନୃତ୍ୟ, ମା ଆଦିଶକ୍ତି ଢେମସା ଗୃପ୍ କୋରାପୁଟ ଦ୍ୱାରା ଢେମସା ନୃତ୍ୟ ପରିବେଷଣ କରାଯାଇଥିଲା । ଦର୍ଶକମାନେ ଷ୍ଟଲ୍ ବୁଲିବା ସହିତ ଆକର୍ଷଣୀୟ ଫ୍ୟାସନ ସୋ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମର ଆନନ୍ଦ ନେଇଥିଲେ । ନିକୁଞ୍ଜ ହୋତା ନିର୍ଦ୍ଦେଶିତ, ରାକେଶ କୁମାର ପାଢ଼ୀ ପ୍ରାୟୋଜିତ, ଅର୍ଲିନ ଅଙ୍କିତା, ଶୁଭ୍ରାଂଶୁ, ସୁଶାନ୍ତ ଅଭିନୀତ ଓଡ଼ିଆ ଚଳଚିତ୍ର 'ମେହେରମୁଣ୍ଡା' ପ୍ରଦର୍ଶିତ ହୋଇଥିଲା । ବିଡିଏ ସମ୍ପାଦକ ଶ୍ରୀ ହାଁସଦା ସ୍ୱାଗତ ଭାଷଣ ଦେଇଥିଲା ବେଳେ ଉପ ଆୟୁକ୍ତ ଶ୍ରୀମତୀ ସଂଘମିତ୍ରା ଧନ୍ୟବାଦ ଅର୍ପଣ କରିଥିଲେ ।

# ଗ୍ରାମାଂଚଳରେ ଉନ୍ନତ ଚିକିତ୍ସା ଉପଲବ୍ଧ କରାଉଛି ୟୁଏଆଇଏଲ୍‌ର ଉତ୍କଳ ହସପିଟାଲ

ରାୟଗଡ଼ା,(ନି.ପ୍ର) ଆଦିତ୍ୟ ବିର୍ଲା ଗ୍ରୁପ୍ ? ଅଧୀନସ୍ଥ ହିଣ୍ଡାଲ୍ ?କୋ ଇଣ୍ଡଷ୍ଟ୍ରିଜ୍ ?ର ଏକ ସହଯୋଗୀ କମ୍ପାନୀ ଉତ୍କଳ ଆଲୁମିନା ଇଂଟରନ୍ୟାସ୍ ?ନାଲ ଲିମିଟେଡ (ୟୁଏଆଇଏଲ୍ ?) ଗୋଷ୍ଠୀ କଲ୍ୟାଣ ପ୍ରତି ନିଜର ପ୍ରତିବଦ୍ଧତାକୁ ପୁନଃସୁଦୃଢୀକରଣ କରି ରାୟଗଡା ଜିଲ୍ଲାର ଟିକିରି (ଓଷାପଡା) ଠାରେ ଉତ୍କଳ ହସପିଟାଲର ସଫଳ ପରିଚାଳନା ଜରିଆରେ ଦକ୍ଷିଣ ଓଡ଼ିଶାରେ ସ୍ୱାସ୍ଥ୍ୟସେବା ସୁଲଗଭ୍ୟତାକୁ ନିରନ୍ତର ସୁଦୃଢ କରିବାରେ ଲାଗିଛି । ଏହି ହସପିଟାଲ ସମୟୋଚିତ ଏବଂ ଗୁଣାତ୍ମକ ଚିକିତ୍ସା ସେବା ପାଇବାରେ ଚାଲେଞ୍ଜର ସମ୍ମୁଖୀନ ହେଉଥିବା ଦୁର୍ଗମ ଅଂଚଳ ଓ ଗ୍ରାମାଂଚଳର ଜନସମୁଦାୟଙ୍କ ପାଇଁ ଏକ ନିର୍ଭରଯୋଗ୍ୟ ସ୍ୱାସ୍ଥ୍ୟସେବା ଯୋଗାଣକାରୀ ସ୍ଥଳରେ ପରିଣତ ହୋଇଛି । ୟୁଏଆଇଏଲ୍ ?ର ଅଗ୍ରଣୀ ସ୍ୱାସ୍ଥ୍ୟସେବା ପ୍ରୟାସ 'ପ୍ରୋଜେକ୍ଟ ଆରୋଗ୍ୟମ୍ ? ୦୧ 'ର ଏକ ମାଇଲଖୁଂଟ ଭାବରେ ସେବା ଯୋଗାଉଥିବା ଉତ୍କଳ ହସପିଟାଲ ସମଗ୍ର ଓଷାପଡା, ଟିକିରି, କାଶୀପୁର, ରାୟଗଡା ଏବଂ କୋରାପୁଟ ଜିଲ୍ଲାର କେତେକ ଭାଗରେ ଗୁରୁତ୍ୱପୂର୍ଣ୍ଣ ଚିକିତ୍ସା ସମର୍ଥନ ଯୋଗାଇଦେଉଛି । ନୂଆପଡା ସ୍ୱାସ୍ଥ୍ୟ କେନ୍ଦ୍ରଗୁଡିକ ସହିତ ସମନ୍ୱୟ ରକ୍ଷାକରି ଏହି ହସପିଟାଲ ପ୍ରତିମାସରେ ପ୍ରାୟ ୭,୫୦୦ ରୋଗୀଙ୍କର ଚିକିତ୍ସା କରୁଛି । ଆଉ ପ୍ରାୟ ୨,୫୦୦ ରୋଗୀ କମ୍ପାନୀ ଦ୍ୱାରା ପରିଚାଳିତ ଫାଷ୍ଟ ଏଡ୍ ? ସେଂଟର ଜରିଆରେ ସ୍ୱାସ୍ଥ୍ୟସେବା ପାଉଛନ୍ତି ।

୨୨ ଶଯ୍ୟା ବିଶିଷ୍ଟ ଉତ୍କଳ ହସପିଟାଲ ଚବିଶ ଘଂଟିଆ ସ୍ପେଶାଲିଷ୍ଟ ଯତ୍ନ ଯୋଗାଇ ଦେଉଛି ଏବଂ ଅବଷ୍ଟେଟ୍ରିକ୍ସ ଆଣ୍ଡ୍ ? ଗାଏନାକୋଲୋଜି (ଓ ଆଣ୍ଡ୍ ଜି), ମେଡିସିନ, ସର୍ଜରୀ, ଆନାସ୍ଥେସିଆ, ପେଡିଆଟ୍ରିକ୍ସ ଆଦି ବିଭାଗର ଅଭିଜ୍ଞ ଡାକ୍ତରଗଣ ତଥା ଅର୍ଥୋପେଡିକ୍ସ ଓ ଜେନେରାଲ ଫିଜିସିଆନ୍ ? ସର୍ଭିସେସ୍ ? ଏହାକୁ ସମର୍ଥନ ଯୋଗାଇ ଦେଉଛନ୍ତି । ଇଏନ୍‌ଟି, ଡେଂଟାଲ, ଡର୍ମାଟୋଲୋଜି ଏବଂ ଅର୍ଥୋପେଡିକ୍ସରେ ଭିଜିଟିଂ ସ୍ପେଶାଲିଷ୍ଟଗଣ ବହୁଶୃଙ୍ଖଳା ଚିକିତ୍ସା ବିଦ୍ୱତା ରୋଗୀମାନଙ୍କ ନିମନ୍ତେ ଉପଲବ୍ଧ ହେବା ସମର୍ଥ କରାଉଛନ୍ତି । ଏହି ପ୍ରୟାସସମୂହ ସମ୍ପର୍କରେ ମତ ଦେଇ ୟୁଏଆଇଏଲ୍ ? ର ୟୁନିଟ୍ ? ହେଡ ରବି ମିଶ୍ର, କହିଥିଲେ, "ସ୍ୱାସ୍ଥ୍ୟସେବା ହେଉଛି ଦୀର୍ଘସ୍ଥାୟୀ ଗୋଷ୍ଠୀ ବିକାଶର ଅନ୍ୟତମ ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ । ପ୍ରୋଜେକ୍ଟ ଆରୋଗ୍ୟମ୍ ? ୦୧ ଜରିଆରେ ଉତ୍କଳ ହସପିଟାଲ ଦୁର୍ଗମ ଅଂଚଳଗୁଡିକରେ ବାସ କରୁଥିବା ଜନସାଧାରଣଙ୍କ ନିକଟରେ ଗୁଣାତ୍ମକ ଚିକିତ୍ସା ସୁବିଧା ପହଂଚାଇବା ସୁନିଶ୍ଚିତ କରୁଛି । ଆଧୁନିକ ନିଦାନ, ସ୍ପେଶାଲିଷ୍ଟ ଯତ୍ନ ଏବଂ ଜରୁରୀକାଳୀନ ସେବାଗୁଡିକ ଯୋଗାଇଦେଇ ଶେଷ-ମାଇଲ ସ୍ୱାସ୍ଥ୍ୟସେବା ଯୋଗାଣକୁ ସୁଦୃଢ କରିବା ଉପରେ ଆମର ଦୃଷ୍ଟିନିବଦ୍ଧ ରହିଛି, ଯଦ୍ୱାରା ଦୂରତା ଓ ସୁବିଧା ଅଭାବରୁ ସମୟୋଚିତ ଚିକିତ୍ସାରୁ ଯେଭଳି କୌଣସି ବ୍ୟକ୍ତି ବଂଚିତ ନହେବେ ତାହା ନିଶ୍ଚିତ କରାଯାଉଛି ।" ସିଟି ସ୍କାନ୍ ?, କଂପ୍ୟୁଟେଡ ଏକ୍ସ-ରେ, ଏଣ୍ଡୋସ୍କୋପି ଏବଂ ମିନିମାଲି ଇନ୍ ?ଭାସିଭ ଲାପାରୋସ୍କୋପିକ୍ ? ସର୍ଜରୀ ଆଦି ଆଧୁନିକ ଚିକିତ୍ସା ଭିତିଭୂମି ଏବଂ ଉନ୍ନତ ରୋଗ ନିରୂପଣକାରୀ ସୁବିଧାରେ ସୁସଜ୍ଜିତ ଉତ୍କଳ ହସପିଟାଲ ବିପୁଳ ସମ୍ମାନ ସାଉଁଟୁଛି । ଏଠାରେ ଏକ ଲାବୋରୋଟୋରୀ ରହିଛି ଯେଉଁଠାରେ ହ ?ମୋନ, ବାୟୋକେମିଷ୍ଟ୍ରି, ସିବିସି ଏବଂ ଇଲେକ୍ ?ଟ୍ରୋଲାଇଟ୍ ? ଆନାଲାଇଜରଗୁଡିକ ସଠିକ ରୋଗ ନିରୂପଣ ଏବଂ ସମୟୋଚିତ ଚିକିତ୍ସା ସମ୍ପର୍କିତ ନିଷ୍ପତି ଗ୍ରହଣକୁ ସୁନିଶ୍ଚିତ କରାଉଛି । ଏସବୁ ସହିତ ଏକ ଆଧୁନିକ ଫିଜିଓଥେରାପି ୟୁନିଟ୍ ? ଅସ୍ତ୍ରୋପଚାର, ଆଘାତ, ଷ୍ଟ୍ରୋକ୍ ? ଏବଂ କ୍ରନିକ ମସ୍ ?କ୍ୟୁଲୋସ୍କେଲିଟାଲ ପରିସ୍ଥିତିଗୁଡିକରୁ ଆରୋଗ୍ୟଲାଭ କରୁଥିବା ରୋଗୀମାନଙ୍କର ପୁନର୍ବାସକୁ ସମର୍ଥନ ଯୋଗାଇ ଦେଉଛି ଏବଂ ଏହାଦ୍ୱାରା ଆରୋଗ୍ୟକାରୀ ଫଳାଫଳ ତଥା ଜୀବନର ମାନରେ ଉଲ୍ଲେଖନୀୟ ଉନ୍ନତି ଘଟୁଛି । କୋଭିଡ-୧୯ ମହାମାରୀ ଏବଂ କାଶୀପୁର ବ୍ଲକ୍ ?ରେ ୨୦୨୩ରେ ଡାଇରିଆ ସଂକ୍ରମଣ ସମେତ ଜଟିଳ ସ୍ୱାସ୍ଥ୍ୟଗତ ଚାଲେଞ୍ଜ ସମୟରେ ଉତ୍କଳ ହସପିଟାଲ ସମୟୋଚିତ ଚିକିତ୍ସା ଏବଂ ଉନ୍ନତ ସ୍ୱାସ୍ଥ୍ୟଗତ ଯତ୍ନ ଯୋଗାଇଦେବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା




ଗ୍ରହଣ କରିଥିଲା, ଯାହାଦ୍ୱାରା ସ୍ଥାନୀୟ ଅଧିବାସୀମାନେ ଦୂର ସ୍ଥାନରେ ଥିବା ସହରାଂଚଳ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡିକୁ ନଯାଇ ଆଧୁନିକ ସ୍ୱାସ୍ଥ୍ୟଯତ୍ନ ସେବାଗୁଡିକର ସୁଯୋଗ ନେଇପାରିଥିଲେ । ପରିବ୍ୟାପ୍ତ ପହଂଚ ସୁନିଶ୍ଚିତ କରିବାକୁ ୟୁଏଆଇଏଲ୍ ? ମୋବାଇଲ ହେଲ୍ ?ଥ ୟୁନିଟ୍ ? (ଏମ୍ ?ଏଚୟୁ) ଏବଂ ଦୁଇଟି ଆଡଭାନ୍ସଡ ଲାଇଫ ସପୋର୍ଟ ଆମ୍ବୁଲାନ୍ସ, ତିନିଟି ବେସିକ୍ ? ଲାଇଫ୍ ? ସପୋର୍ଟ ଆମ୍ବୁଲାନ୍ସ ଏବଂ ଗୋଟିଏ ହିଅ ?ସେ ଭ୍ୟାନ ପରିଚାଳନା କରୁଛି । ଏଗୁଡିକ ଏକତ୍ରିତ ଭାବରେ ୪୭୦ରୁ ଅଧିକ ଗ୍ରାମରେ ଜରୁରୀକାଳୀନ ଆମ୍ବୁଲାନ୍ସ ସୁବିଧା ଯୋଗାଇ ଦେଉଛନ୍ତି । ଏହି ପ୍ରୟାସଗୁଡିକ ସମ୍ପ୍ରତି ରାୟଗଡା, କୋରାପୁଟ ଏବଂ କଳାହାଣ୍ଡି ଆଦି ଜିଲ୍ଲାଗୁଡିକରେ ପ୍ରାୟ ୫୭,୦୦୦ ଲୋକଙ୍କୁ ସେବା ଯୋଗାଇ ଦେଉଛି ଏବଂ ସେମାନଙ୍କ ପାଇଁ ନିୟମିତ ସ୍ୱାସ୍ଥ୍ୟ ଯାଂଚ, ଟିକାକରଣ ଏବଂ ମାତୃସ୍ୱାସ୍ଥ୍ୟ, ପୁଷ୍ଟିସାଧନ, ସ୍ୱାସ୍ଥ୍ୟରକ୍ଷା ତଥା ରୋଗ ନିରାକରଣ ଆଦି ସମ୍ପର୍କରେ ସଚେତନତା ସେବା ପହଂଚାଉଛି । ନିକଟବର୍ତୀ ଗ୍ରାମଗୁଡିକର ହିତାଧିକାରୀମାନେ ମଧ୍ୟ ସେମାନଙ୍କ ଜୀବନ ଉପରେ ହସପିଟାଲର ପ୍ରଭାବକୁ ସ୍ୱୀକାର ଓ ପ୍ରଶଂସା କରିଛନ୍ତି । ଟିକିରିର ଜଣେ ଗ୍ରାମବାସୀ କୈଳାସ ମାଝୀ କହିଥିଲେ, "ପୂର୍ବରୁ ମୌଳିକ ଚିକିତ୍ସା ପାଇଁ ମଧ୍ୟ ଆମକୁ ଦୂର ସହରଗୁଡିକୁ ଯିବାକୁ ପଡୁଥିଲା, ଯାହା ବ୍ୟୟବହୁଳ ଓ ସମୟସାପେକ୍ଷ ଥିଲା । ଏବେ ନିକଟରେ ଉତ୍କଳ ହସପିଟାଲ ରହିଥିବାରୁ ଆମେ ଆମ ହାତ ପାଆନ୍ତାରେ ଭଲ ଡାକ୍ତର, ରୋଗ ନିରୂପଣକାରୀ ସୁବିଧା ଏବଂ ଜରୁରୀକାଳୀନ ଆମ୍ବୁଲାନ୍ସ ସମର୍ଥନ ପାଇପାରୁଛୁ । ଆମ ଗ୍ରାମରେ ପରିବାରଗୁଡିକ ସକାଶେ ଏହା ବଡ ଆଶ୍ୱସ୍ତି ଆଣିଦେଇଛି ।" ଜନସାଧାରଣଙ୍କୁ ସେମାନଙ୍କ ଘର ନିକଟରେ ସୁଲଭ, ସହଜ ଏବଂ ଗୁଣାତ୍ମକ ସ୍ୱାସ୍ଥ୍ୟଯତ୍ନ ସେବାଗୁଡିକ ଯୋଗାଇଦେଇ ଉତ୍କଳ ହସପିଟାଲ ରୋଗୀମାନେ ଦୂର ସହରଗୁଡିକୁ ଯିବା ଆବଶ୍ୟକତା ହ୍ରାସ କରିଛି । ତାହାସହିତ ସମଗ୍ର ଗ୍ରାମୀଣ ଓଡ଼ିଶାରେ ସ୍ୱାସ୍ଥ୍ୟଯତ୍ନ ସେବା ତଥା ସମାବେଶୀ ଓ ଦୀର୍ଘସ୍ଥାୟୀ ଗୋଷ୍ଠୀ ବିକାଶ ନିମନ୍ତେ ଉତ୍କଳ ଆଲୁମିନାର ପ୍ରତିବଦ୍ଧତାକୁ ପୁନଃସୁଦୃଢୀକରଣ କରୁଛି ।

# ଧାମନଗର ପଂଚାୟତ ସମିତିରେ ଲୋକ କଳା ଦିବସ ପାଳିତ: ଲକ୍ଷ୍ୟ ପୂରଣ ନେଇ ପ୍ରଶ୍ନବାଚୀ

ଧାମନଗର (ନି.ପ୍ର.) ଓଡ଼ିଆ ଅସ୍ମିତା ଓ ସଂସ୍କୃତିର ପ୍ରତୀକ ହେଉଛି ଆମର ଲୋକ କଳା । ଏହି ପାରମ୍ପରିକ କଳାକୁ ବଂଚାଇ ରଖିବା ଏବଂ କଳାକାରମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ସରକାରଙ୍କ ପକ୍ଷରୁ 'ଲୋକ କଳା ଦିବସ' ପାଳନ କରାଯାଉଛି । ଏହି ପରିପ୍ରେକ୍ଷୀରେ ଗତକାଲି (୧୦ ତାରିଖ) ଧାମନଗର ପଂଚାୟତ ସମିତି ପକ୍ଷରୁ ସ୍ଥାନୀୟ ପଂଚାୟତ ସେମିତି ସମ୍ମିଳନୀକକ୍ଷରେଏହି ଦିବସ ପାଳିତ ହୋଇଯାଇଛି । ମାତ୍ର କାର୍ଯ୍ୟକ୍ରମର ପରିଚାଳନା ଓ ଆୟୋଜନକୁ ନେଇ ଏବେ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ସରକାରୀ ନିର୍ଦ୍ଦେଶ ଅନୁଯାୟୀ, ଗ୍ରାମାଂଚଳରେ ଲୁପ୍ତପ୍ରାୟ ହେବାକୁ ବସିଥିବା ଲୋକ କଳାର ପ୍ରଚାର ପ୍ରସାର କରିବା ଏବଂ ନୂତନ ପିଢ଼ିକୁ ଏହା ସହ ଯୋଡ଼ିବା ଏହି ଦିବସର ମୁଖ୍ୟ ଲକ୍ଷ୍ୟ । ଧାମନଗରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ କଳାକାର ଯୋଗ ଦେଇଥିଲେ ମଧ୍ୟ ପ୍ରକୃତ ଉଦ୍ଦେଶ୍ୟ ସଫଳ ହୋଇପାରିନାହିଁ ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ଓ କଳା ପ୍ରେମୀମାନେ ଅଭିଯୋଗ କରିଛନ୍ତି । କାର୍ଯ୍ୟକ୍ରମ ସମ୍ପର୍କରେ ବହୁ ଲୋକକଳାକାର ଓ ସାଧାରଣ ଜନତା ଅବଗତ ନଥିଲେ, ଯାହା ଫଳରେ ଏହା କେବଳ ଏକ ସରକାରୀ ଔପଚାରିକତାରେ ସୀମିତ ରହିଗଲା । ଲୋକ କଳାକୁ ଉଦଜୀବିତ କରିବା ପାଇଁ ଯେଉଁ ପ୍ରକାର ମଂଚ ଓ ଆନୁଷଙ୍ଗିକ ବ୍ୟବସ୍ଥା ଆବଶ୍ୟକ ଥିଲା, ତାହା ଦେଖିବାକୁ ମିଳିନଥିଲା । କଳାର ମୂଲ୍ୟବୋଧ ଓ ଏହାର ଐତିହ୍ୟ ସମ୍ପର୍କରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାରେ ପ୍ରଶାସନ ବିଫଳ ହୋଇଥିବା କୁହାଯାଉଛି । ଓଡ଼ିଆ ଅସ୍ମିତାର ସୁରକ୍ଷା ପାଇଁ କେବଳ ଗୋଟିଏ ଦିନ ଉତ୍ସବ ପାଳନ କରିବା ଯଥେଷ୍ଟ ନୁହେଁ । ଯଦି ପ୍ରକୃତ କଳାକାରଙ୍କୁ ସମ୍ମାନ ଓ କଳାର ବିକାଶ ପାଇଁ ଦୂରଦୃଷ୍ଟି ସମ୍ପନ୍ନ ପଦକ୍ଷେପ ନିଆନଯାଏ, ତେବେ ସରକାରୀ ଅର୍ଥର ବ୍ୟୟ କେବଳ ପ୍ରହସନ ପାଲଟିବ । ?ଆଗାମୀ ଦିନରେ ଏହିପରି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ଗୁଡ଼ିକୁ ଅଧିକ ବ୍ୟାପକ ଏବଂ ଅଭିମୁଖ୍ୟ ଭିତିକ କରିବାକୁ ସାଧାରଣରେ ଦାବି ହୋଇଛି ।ତେବେ ଶୁକ୍ରବାର ଦିନ ଧାମନଗର ବ୍ଲକ ପ୍ରଶାସନ ପକ୍ଷରୁ ପଂଚାୟତ ସମିତି ସଭାଗୃହ ପରିସରରେ ଓଡ଼ିଆ ପକ୍ଷ-୨୦୨୬ ଅବସରରେ 'ଲୋକକଳା ପାଇଁ ଦିନଟିଏ' ପାଳନ କରାଯାଇଥିଲା । ଏହି ଅବସରରେ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ଆଶୋକ ପୁହାଣ, ସାଂସଦଙ୍କ ବ୍ଲକ ପ୍ରତିନିଧି ମନୋରଞ୍ଜନ ମଲ୍ଲିକ, ଏବିଡ଼ିଓ ଶର୍ମିଷ୍ଠା ମଲ୍ଲିକ ଓ ବ୍ଲକ ସହକାରୀ କାର୍ଯକ୍ରମ ଅଧିକାରୀ (ଏପିଓ) ପୀୟୁଷ ରଞ୍ଜନ ରାଉତ ଉପସ୍ଥିତ ରହିଥିଲେ । ତରବରିଆ ଭାବେ କିଛି ବ୍ୟକ୍ତୀଙ୍କୁ ସମ୍ବର୍ଦ୍ଧନା ଜଣାଇ ସେମାନଙ୍କର ଲୋକକଳା ପ୍ରତି ଅବଦାନକୁ ସ୍ୱୀକାର କରାଯାଇଥିଲା । ତେବେ ପ୍ରତି ଥର ସରକାର ଙ୍କ ଦ୍ୱାରା ଲୋକକଳା ଗ୍ରାମ ବନ୍ଧଟିଆ ରେ ପାଳନ ହେଉଥିବା ବେଳେ ତରବରିଆ ଭାବରେ କାହାକୁ କିଛି ନ ଜଣାଇ ଏପରି କାର୍ଯ୍ୟକ୍ରମ ପ୍ରହସନ ବୋଲି ବ୍ଲକ ଲୋକକଳା ସଙ୍ଘ ର ଉପ ସଭାପତି ସୁବାସ ମଲିକ ତାଙ୍କ ପ୍ରତିକ୍ରିୟା ରେ କହିଛନ୍ତି । ଏହି ସଙ୍ଘ ର ବିଡ଼ିଓ ସଭାପତି ଥିବା ବେଳେ ତାଙ୍କ ଅନୁପସ୍ଥିତ ରେ ଏହି କାର୍ଯ୍ୟକ୍ରମ ହୋଇଥିଲା ଏବଂ ବିଡ଼ିଓ କୌଣସି ପ୍ରତିକ୍ରିୟା ଦେବାକୁ ମନା କରିଦେଇଥିଲା ।

# ମହାନଦୀ ଟ୍ରିବ୍ୟୁନାଲ ଅବଧି ବଢ଼ାଇଲେ କେନ୍ଦ୍ର ସରକାର



ଭୁବନେଶ୍ୱର: ମହାନଦୀ ଟ୍ରିବ୍ୟୁନାଲ ଅବଧି ବଢାଇଲେ କେନ୍ଦ୍ର ସରକାର । ୨୦୨୭ ଜାନୁଆରୀ ୧୩ ଯାଏଁ ଅବଧି ବୃଦ୍ଧି କରାଯାଇଛି । ଜଳ ସମ୍ପଦ ନଦୀ ବିକାଶ ଓ ଗଙ୍ଗା ସଂରକ୍ଷଣ ମନ୍ତ୍ରାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ସୂଚନା ଅନୁସାରେ ଏପ୍ରିଲ୍ ୧୪ରେ ଟ୍ରବ୍ୟୁନାଲ୍ ଅବଧି ସରୁଥିଲା । ସୂଚନା ଥାଉକି, ମହାନଦୀ ଜଳ ବଂଟନକୁ ନେଇ ଓଡ଼ିଶା ଏବଂ ଛତିଶଗଡ଼ ମଧ୍ୟରେ ଦୀର୍ଘଦିନର ବିବାଦ ଲାଗି ରହିଛି । ୨୦୧୮ରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଟ୍ରିବ୍ୟୁନାଲ ଗଠନ କରାଯାଇଥିଲା । ଟ୍ରିବ୍ୟୁନାଲ ଏପର୍ଯ୍ୟନ୍ତ ୪୯ଟି ଶୁଣାଣି କରିସାରିଥିବା ବେଳେ ଏହା ଶେଷ ପର୍ଯ୍ୟାୟରେ ପହଂଚିଛି । ଗୋଟିଏ ପଟେ ବିବାଦର ସମାଧାନ ଆଲୋଚନା ମାଧ୍ୟମରେ ସମ୍ଭବ ବୋଲି ଉଭୟ ରାଜ୍ୟ ଆଶା ପୋଷଣ କରିଛନ୍ତି । ଅନ୍ୟପଟେ ଟ୍ରିବ୍ୟୁନାଲର ସଦସ୍ୟ ଓଡ଼ିଶା ଏବଂ ଛତିଶଗଡ଼ରେ ମହାନଦୀ ଅବବାହିକା ପରିଦର୍ଶନ କରି ଯାଇଛନ୍ତି । ଏପ୍ରିଲ ୧୪ ତାରିଖରେ ଟ୍ରିବ୍ୟୁନାଲ୍ ଅବଧି ସରୁଥିଲା । ଓଡ଼ିଶା ଓ ଛତିଶଗଡ଼ ମହାନଦୀ ଜଳ ବଂଟନ ନେଇ ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ଚୁକ୍ତିନାମାରେ ପହଂଚି ପାରୁନଥିବାରୁ ମହାନଦୀ ଟ୍ରିବ୍ୟୁନାଲ ଅବଧି ଆହୁରି ୯ ମାସ ବୃଦ୍ଧି କରିବାକୁ ରାଜ୍ୟ ସରକାର ଚିଠି ଲେଖିଥିଲେ । ୨୦୨୭ ଜାନୁଆରୀ ୧୩ ଯାଏଁ କେନ୍ଦ୍ର ସରକାର ଅବଧି ବୃଦ୍ଧି କରିଛନ୍ତି ।

# ସ୍କୁଲ ଲିଭିଂ ସାର୍ଟିଫିକେଟ ପାଇଁ ମାର୍ଗଦର୍ଶିକା ଜାରି କଲା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ




ଭୁବନେଶ୍ୱର : ନକଲ ସ୍କୁଲ ଲିଭିଂ ସାର୍ଟିଫିକେଟ୍ (ଏସ୍ଏଲ୍ସି) ନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ମାର୍ଗଦର୍ଶିକା ଜାରି କରାଯାଇଛି । ଯଦି କୌଣସି ଛାତ୍ରଛାତ୍ରୀଙ୍କର ଏସ୍ଏଲ୍ସି ହଜିଥାଏ କିମ୍ବା ନଷ୍ଟ ହୋଇଥାଏ ତେବେ ତାଙ୍କୁ ନକଲ କପି ମିଳିବ । ଏଥିପାଇଁ ଉକ୍ତ ଛାତ୍ରଛାତ୍ରୀଙ୍କୁ ପ୍ରକୃତ ତଥା ଯଥାର୍ଥତା ଦର୍ଶାଇବାକୁ ହେବ । ବିଭାଗ ପକ୍ଷରୁ ଜାରି ହୋଇଥିବା ମାର୍ଗଦର୍ଶିକାରେ କୁହାଯାଇଛି, ଓରିଜିନାଲ ଏସ୍ଏଲ୍ସି ହଜିଯାଇଥିଲେ କିମ୍ବା ନଷ୍ଟ ହୋଇଥିଲେ ଏହାର ନକଲ କପି ପାଇବା ପାଇଁ ଅନେକ ଛାତ୍ରଛାତ୍ରୀ ହଇରାଣ ହେଉଛନ୍ତି । ଏବେ ସରକାର ଡୁପ୍ଲିକେଟ୍ ସାର୍ଟିଫିକେଟ୍ ପ୍ରଦାନ କରିବା ପାଇଁ ଅନୁମତି ଦେଇଛନ୍ତି । ତେବେ ସ୍କୁଲର ପ୍ରଧାନଶିକ୍ଷକ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଅନୁମତି ନେଇ ଏସ୍ଏଲ୍ସିର ନକଲ ଦେଇପାରିବେ । ଏଥିପାଇଁ ଛାତ୍ରଛାତ୍ରୀଙ୍କୁ ଯଥାର୍ଥତା ଦର୍ଶାଇବାକୁ ହେବ । ଯଦି ସାର୍ଟିଫିକେ୍ ନଷ୍ଟ ହୋଇଥିବ ତାର ପ୍ରମାଣ ଦେଖାଇବେ । ଯଦି ଚୋରି କିମ୍ବା ହଜିଥିବ ତେବେ ଥାନାରୁ ଏଫ୍ଆଇଆର୍ କପି ଆଣି ପ୍ରଦାନ କରିବେ । ଯଦି ନିଆଁ ଲାଗିଯାଇଥାଏ କିମ୍ବା ବର୍ଷା, ବାତ୍ୟା, ବନ୍ୟା ଭଳି ପ୍ରାକୃତିକ ଦୁର୍ବିପାକ ପାଇଁ ନଷ୍ଟ ହୋଇଥିଲେ ପ୍ରଦାନ କରାଯିବ । କିନ୍ତୁ ଓରିଜିନାଲ ଏସ୍ଏଲ୍ସିକୁ କୌଣସି ନାମଲେଖାରେ ବ୍ୟବହାର କରି ଆଉ ଥରେ ଆବେଦନ କଲେ ତାହା ଗ୍ରହଣ କରାଯିବ ନାହିଁ ।






# ମହାତ୍ମା ଜ୍ୟୋତିରାଓ ଫୁଲେଙ୍କ ଜୟନ୍ତୀ ଅବସରରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମହାତ୍ମା ଜ୍ୟୋତିରାଓ ଫୁଲେଙ୍କୁ ତାଙ୍କ ଜୟନ୍ତୀ ଅବସରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି ଏବଂ ତାଙ୍କର ୨୦୦ତମ ଜୟନ୍ତୀ ସମାରୋହର ଆନୁଷ୍ଠାନିକ ଶୁଭାରମ୍ଭ କରିଛନ୍ତି । ପ୍ରଧାନମନ୍ତ୍ରୀ ମହାତ୍ମା ଫୁଲେଙ୍କୁ ଜଣେ ଦୂରଦୃଷ୍ଟିସମ୍ପନ୍ନ ସମାଜ ସଂସ୍କାରକ ଭାବେ ବର୍ଣ୍ଣନା କରିଥିଲେ, ଯିଏକି ସମାନତା, ନ୍ୟାୟ ଏବଂ ଶିକ୍ଷାର ଆଦର୍ଶ ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ । ମହାତ୍ମା ଫୁଲେ ମହିଳା ଏବଂ ଅବହେଳିତଙ୍କ ଅଧିକାରର ଜଣେ ଦୃଢ଼ ପ୍ରବକ୍ତା ଥିଲେ ଏବଂ ଶିକ୍ଷାକୁ ସଶକ୍ତିକରଣର ସବୁଠାରୁ ପ୍ରଭାବଶାଳୀ ମାଧ୍ୟମ କରିଥିଲେ ବୋଲି ପ୍ରଧାନମନ୍ତ୍ରୀ ଶନିବାର ଦିନ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ କହିଛନ୍ତି । ଆଜି ମଧ୍ୟ, ଫୁଲେଙ୍କ ବିଚାର ସମାଜର ପ୍ରଗତିକୁ ମାର୍ଗଦର୍ଶନ କରୁଛି । ହିନ୍ଦୀ, ଗୁଜରାଟୀ ଏବଂ ମରାଠୀ ସମେତ ବିଭିନ୍ନ ଭାଷାରେ ଅଲଗା ଅଲଗା ପୋଷ୍ଟରେ ପ୍ରଧାନମନ୍ତ୍ରୀ କହିଥିଲେ ଯେ, ମହାତ୍ମା ଜ୍ୟୋତିରାଓ ଜଣେ ଦୂରଦୃଷ୍ଟିସମ୍ପନ୍ନ ସମାଜ ସଂସ୍କାରକ ଥିଲେ, ଯିଏକି ସମାନତା, ନ୍ୟାୟ ଏବଂ ଶିକ୍ଷାର ଆଦର୍ଶ ପ୍ରତି ସମର୍ପିତ ଥିଲେ । ସେ ମହିଳା ଏବଂ ଅବହେଳିତଙ୍କ ଅଧିକାରକୁ ସମର୍ଥନ କରିଥିଲେ ଏବଂ ଶିକ୍ଷାକୁ ସଶକ୍ତିକରଣର ମାଧ୍ୟମ କରିଥିଲେ । ଚଳିତ ବର୍ଷ ଆମେ ତାଙ୍କର ୨୦୦ତମ ଜୟନ୍ତୀ ସମାରୋହର ଶୁଭାରମ୍ଭ କରୁଛୁ । ତାଙ୍କ ଚିନ୍ତାଧାରା ସମାଜର ପ୍ରଗତି ପାଇଁ ଆମକୁ ମାର୍ଗଦର୍ଶନ ଦେଉଥାଉ ।

# କେନ୍ଦୁଝର ଲଙ୍ଗଳକଂଟିଠାରେ ଅଣ୍ଡରପାସ୍ ଉଦ୍ଘାଟନ କଲେ ମୁଖ୍ୟମନ୍ତ୍ରୀ



କେନ୍ଦୁଝର(ନି.ପ୍ର) : ସଡ଼କ ସୁରକ୍ଷାରେ ଉନ୍ନତି ଆଣିବା ଏବଂ ଟ୍ରାଫିକ୍ ଗତିକୁ ସହଜ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଆଜି କେନ୍ଦୁଝରର ଲଙ୍ଗଳାକାଂଟି ଠାରେ ନୂତନ NH-୨୦ର ପାଣିକୋଇଲି-ରିମୁଲି ସେକ୍ସନରେ ନବନିର୍ମିତ ଅଣ୍ଡରପାସ୍ର ଉଦଘାଟନ କରିଛନ୍ତି । ସୂଚନାଯୋଗ୍ୟ ଯେ ଏହି ଅଣ୍ଡରପାସ୍ NH-୨୦ ସହିତ ଏକ ଗୁରୁତ୍ୱପୂର୍ଣ୍ଣ ସଡ଼କ ଭାବରେ ବିକଶିତ ହୋଇଛି, ଯାହାକି ରାଜ୍ୟର ପ୍ରମୁଖ ଶିଳ୍ପ, ଖଣି ଏବଂ ବାଣିଜ୍ୟିକ କ୍ଷେତ୍ରଗୁଡ଼ିକୁ ସଂଯୋଗ କରୁଥିବା ଗୁରୁତ୍ୱପୂର୍ଣ୍ଣ ରାଜପଥ ମଧ୍ୟରୁ ଗୋଟିଏ । ଏଣୁ ଏହି ପ୍ରକଳ୍ପ ସ୍ଥାନୀୟ ଅଂଚଳର ଟ୍ରାଫିକ ହ୍ରାସ କରିବ । ଲଙ୍ଗଳକଂଟିରେ ଅବସ୍ଥିତ ଏହି ଅଣ୍ଡରପାସ୍ , ଟିକିରା, ଢେଙ୍କିକୋଟ ଏବଂ ବାରବେଡା ଭଳି ନିକଟବର୍ତ୍ତୀ ଅଂଚଳରୁ ଟ୍ରାଫିକ ହ୍ରାସ କରିବ । ଏହା ଏକ ଗ୍ରେଡ୍ ସେପାରେଟର୍ ଭାବରେ କାର୍ଯ୍ୟ କରିବା ସହିତ ସୁଗମ ପରିବହନ ଏବଂ ନିରବଚ୍ଛିନ୍ନ ଗତିବିଧି ସୁନିଶ୍ଚିତ ଓ ସହିତ ସ୍ଥାନୀୟ ବାସିନ୍ଦାଙ୍କ ପାଇଁ ସୁରକ୍ଷିତ ପଦଯାତ୍ରୀ କ୍ରସିଂ ମଧ୍ୟ ପ୍ରଦାନ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି । ଏହି ଉଦଘାଟନ ସମଗ୍ର ଓଡ଼ିଶାରେ ଭିତିଭୂମି ବିକାଶ ଏବଂ ସଡ଼କ ସୁରକ୍ଷା ବୃଦ୍ଧି ପାଇଁ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତାର ଆଉ ଏକ ପଦକ୍ଷେପ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଉକ୍ତ ଉଦଘାଟନ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ସମେତ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଡଃ ଫକୀର ମୋହନ ନାଏକ, ପାଟଣା ବିଧାୟକ ଶ୍ରୀ ଅଖିଳ ନାଏକ ଓ ଜିଲ୍ଲାପାଳ ଶ୍ରୀ ବିଶାଳ ସିଂହ ପ୍ରମୁଖ ଉପସ୍ଥିତ ଥିଲେ ।

# ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସର ଉପଲବ୍ଧତା ନେଇ ଦୃଷ୍ଟି ରଖିବାକୁ ପରାମର୍ଶ ଦେଲେ ମୁଖ୍ୟ ଶାସନ ସଚିବ



ଭୁବନେଶ୍ୱର : ସଂପ୍ରତି ବୈଶ୍ୱିକ-ଭୂ-ରାଜନୈତିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ରାଜ୍ୟରେ ପେଟ୍ରୋଲିୟମ ଉତ୍ପାଦ ସାମଗ୍ରୀର ନିରବଚ୍ଛିନ୍ନ ଯୋଗାଣ ସୁନିଶ୍ଚିତ କରିବା ପାଇଁ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ତଥା ରାଜ୍ୟ ସଙ୍କଟ ପରିଚାଳନା ଗ୍ରୁପ୍ର ବୈଠକ ଗତକାଲି ଶୁକ୍ରବାର ସଂଧ୍ୟାରେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଖାଦ୍ୟ, ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ସଂଜୟ କୁମାର ସିଂ ରାଜ୍ୟରେ ପେଟ୍ରୋଲ, ଡିଜେଲ ଏବଂ ରନ୍ଧନ ଗ୍ୟାସର ନିରବଚ୍ଛିନ୍ନ ଯୋଗାଣ କରାଯାଉଥିବା ସମ୍ପର୍କରେ ସୂଚନା ଦେଇଥିଲେ । ଏଥି ସହିତ ଆଗାମୀ ଖରିଫ୍ ଋତୁକୁ ଦୃଷ୍ଟିରେ ରଖି ୟୁରିଆ ସାର ମହଜୁଦ ଏବଂ ସୁପରିଚାଳନା ସଂପର୍କରେ କୃଷି ବିଭାଗ କମିଶନର ତଥା ଶାସନ ସଚିବ ଶ୍ରୀ ସଚିନ୍ ରାମଚନ୍ଦ୍ର ଯାଦବ ତଥ୍ୟ ରଖିଥିଲେ । ବୈଠକରେ ଖାଦ୍ୟ ଯୋଗାଣ ବିଭାଗ ପ୍ରମୁଖ ଶାସନ ସଚିବ ଏଲପିଜି ବଂଟନ ବ୍ୟବସ୍ଥା, ଯୋଗାଣ ପରିଚାଳନ ଓ ସମସ୍ତଙ୍କୁ ଆବଶ୍ୟକ ମୁତାବକ ସନ୍ତୁଳିତ ଆବଂଟନ ସମ୍ପର୍କରେ ବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିଲେ । ହୋଟେଲ, ରେଷ୍ଟୁରାଂଟ ଓ ଢାବା ଭଳି ବାଣିଜ୍ୟିକ ପ୍ରତିଷ୍ଠାନଗୁଡ଼ିକୁ ଏଲପିଜି ଆବଂଟନ ବୃଦ୍ଧି ପାଇଛି । ସୁବିଧାରେ ରନ୍ଧନ ଗ୍ୟାସ ଯୋଗାଣ ଉପଲବ୍ଧ ହେବା ପାଇଁ ତୈଳ ମାର୍କେଟିଂ କମ୍ପାନୀ ଏବଂ ରେଷ୍ଟୁରାଂଟ ଆସୋସିଏସନ ମାନଙ୍କ ସହିତ ନିୟମିତ ସମନ୍ୱୟ ରଖାଯାଉଛି । ଇସ୍ପାତ ଏବଂ ଅଟୋମୋବାଇଲ ଭଳି କ୍ଷେତ୍ର ପାଇଁ ମଧ୍ୟ ଅତିରିକ୍ତ କମର୍ସିଆଲ ଏଲପିଜି ଯୋଗାଇ ଦିଆଯାଉଛି । ରାଜ୍ୟରେ ପେଟ୍ରୋଲ, ଡିଜେଲ ଏବଂ ଏଲପିଜିର ମୋଟ ମହଜୁଦ ପରିମାଣ, ହାରାହାରି ଦୈନିକ ବ୍ୟବହାର ଓ ଆଗାମୀ ଉପଲବ୍ଧତା ସଂପର୍କରେ ଉପସ୍ଥାପନା କରାଯାଇଥିଲା । ଏମଏସ୍, ଏଚ୍ଏସଡି, ଏଲପିଜି, ପିଏନଜି, ସିଏନଜି ଯୋଗାଣ ବ୍ୟବସ୍ଥାକୁ ସମନ୍ୱିତ ଭାବରେ ସୁଦୃଢ଼ କରାଯାଉଥିବା ସଂପର୍କରେ ଆଲୋଚନା କରାଯାଇଥିଲା । ଅନ୍ୟପକ୍ଷରେ ବେଆଇନ୍ ଗ୍ୟାସ ସିଲିଣ୍ଡର,ଚୋରା ଚାଲାଣ କରୁଥିବା ଓ ଅନ୍ୟତ୍ର ବ୍ୟବହାର ପାଇଁ ନିଆଯାଉଥିବା କ୍ଷେତ୍ରରେ ସାରା ରାଜ୍ୟରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯାଇ ଯାଂଚ ଓ ଚଢଉକୁ ଜୋରଦାର କରାଯାଇଛି । ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ରନ୍ଧନ ଗ୍ୟାସ ଯୋଗାଣରେ ଜରୁରୀ ଆବଶ୍ୟକତା କ୍ଷେତ୍ରକୁ ଗୁରୁତ୍ୱ ଦେବା ସହ ପିଏନଜି ସଂଯୋଗୀକରଣ ନେଟୱାର୍କ ବୃଦ୍ଧିକୁ ପ୍ରାଥମିକତା ଦେଇଛନ୍ତି । ପେଟ୍ରୋଲ, ଡିଜେଲ ଇନ୍ଧନ ଏବଂ ରନ୍ଧନ ଗ୍ୟାସ ଉପଲବ୍ଧତା ନେଇ ସବୁବେଳେ ପରିସ୍ଥିତିକୁ ଦୃଷ୍ଟିରେ ରଖି ଯେଉଁଠି, ଯେତେବେଳେ ସମସ୍ୟା ନଜରକୁ ଆସୁଛି, ସେଠି ଯୋଗାଣ ବିଭାଗ ତଥା ନୋଡାଲ ଅଧିକାରୀଙ୍କୁ ନେଇ ଗଠିତ ଟିମ୍ ତରଫରୁ ପଦକ୍ଷେପ ନେବାକୁ ପରାମର୍ଶ ଦେଇଛନ୍ତି ।

# ବଦଳୁଛି ପଶ୍ଚିମ ଏସିଆ ପରିସ୍ଥିତି : ହର୍ମୁଜ ଦେଇ ଭାରତକୁ ଆସୁଛି ଆହୁରି ୨୦ ହଜାର ୪୦୦ ମେଟ୍ରିକ ଟନ୍ ଏଲ୍ପିଜି

ନୂଆଦିଲ୍ଲୀ: ପଶ୍ଚିମ ଏସିଆର ବଦଳୁଥିବା ପରିସ୍ଥିତିକୁ ଦୃଷ୍ଟିରେ ରଖି ଭାରତ ସରକାରଙ୍କ ପକ୍ଷରୁ ବ୍ୟାପକ କୂଟନୀତିକ ଓ ବାଣିଜ୍ୟିକ ପଦକ୍ଷେପ ଜାରି ରହିଛି । ଭାରତ ଓ ଭାରତୀୟଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ପ୍ରମୁଖ କ୍ଷେତ୍ରଗୁଡ଼ିକରେ ପ୍ରସ୍ତୁତି ଏବଂ ନିରନ୍ତର କାର୍ଯ୍ୟକାରିତା ସୁନିଶ୍ଚିତ କରିବା ପାଇଁ ସକ୍ରିୟ ରହିଛନ୍ତି ଭାରତ ସରକାର । ଶକ୍ତି ଯୋଗାଣକୁ ନିରନ୍ତର ରକ୍ଷା କରିବା ସହ ସାମୁଦ୍ରିକ କାର୍ଯ୍ୟ ଏବଂ ସେହି ଅଂଚଳରେ ଥିବା ଭାରତୀୟ ନାଗରିକମାନଙ୍କୁ ସହାୟତା କରିବା ପାଇଁ ଭାରତର ପଦକ୍ଷେପ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହୋଇଛି । ଶକ୍ତି ଯୋଗାଣକୁ ନିରନ୍ତର କରିବା ସହ ଜାଳେଣିର ସହଜ ଉପଲବ୍ଧି ପାଇଁ ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ବ୍ୟାପକ ପଦକ୍ଷେପ ହାତକୁ ନେଇଛି । ହର୍ମୁଜ ପ୍ରଣାଳୀ ଦେଇ ଗ୍ୟାସ୍ ଓ ତୈଳ ବୋଝେଇ ଜାହାଜ କିପରି ଭାରତ ଆସିପାରିବ ସେଥିନେଇ କୂଟନୀତିକ ଆଲୋଚନା ସଫଳତା ହାସଲ କରୁଥିବା ସମୟରେ ଦେଶବାସୀଙ୍କୁ ଆତଙ୍କିତ ନ ହେବାକୁ ପରାମର୍ଶ ଦେଇଛନ୍ତି ସରକାର । ନାଗରିକମାନଙ୍କୁ ପେଟ୍ରୋଲ, ଡିଜେଲ ଏବଂ ଏଲପିଜି ଆତଙ୍କିତ ହୋଇ ନ କିଣିବାକୁ କୁହାଯାଇଛି । ଏ କ୍ଷେତ୍ରରେ ବାହାର ବା ଅସମର୍ଥିତ ସୂଚନାକୁ ଆଧାର ନ କରି କେବଳ କେବଳ ସରକାରୀ ସୂତ୍ର ଉପରେ ନିର୍ଭର କରିବାକୁ ପରାମର୍ଶ ଦିଆଯାଇଛି । ଏଲପିଜି ଗ୍ରାହକମାନଙ୍କୁ ଡିଜିଟାଲ୍ ବୁକିଂ ପ୍ଲାଟଫର୍ମ ବ୍ୟବହାର କରିବାକୁ ଏବଂ ବିତରକଙ୍କ ପାଖକୁ ନଯିବାକୁ ଅନୁରୋଧ କରାଯାଇଛି । ନାଗରିକମାନଙ୍କୁ ପିଏନ୍ଜି ଏବଂ ଇଲେକ୍ଟ୍ରିକ୍ କିମ୍ବା ଇଣ୍ଡକ୍ସନ କୁକ୍-ଟପ୍ ଭଳି ବିକଳ୍ପ ଜାଳେଣି ବ୍ୟବହାର କରିବାକୁ ଉତ୍ସାହିତ କରାଯାଉଛି । ବର୍ତ୍ତମାନର ସ୍ଥିତିରେ ଦୈନନ୍ଦିନ ବ୍ୟବହାରରେ ଶକ୍ତି ସଂଚୟ କରିବାକୁ ସମସ୍ତ ନାଗରିକଙ୍କୁ ଅନୁରୋଧ କରାଯାଇଛି । ଚାଲିଥିବା ଭୂ-ରାଜନୈତିକ ସ୍ଥିତି ସତ୍ତ୍ୱେ, ସରକାର ଘରୋଇ ଏଲପିଜି ଏବଂ ପିଏନ୍ଜି ଯୋଗାଣ ସହିତ ଡାକ୍ତରଖାନା ଏବଂ ଶିକ୍ଷାନୁଷ୍ଠାନଗୁଡ଼ିକୁ ପ୍ରାଥମିକତା ଦେଇଛନ୍ତି । ରିଫାଇନେରୀ ଉତ୍ପାଦନ ବୃଦ୍ଧି, ସହରାଂଚଳରେ ବୁକିଂ ବ୍ୟବଧାନ ୨୧ ରୁ ୨୫ ଦିନ ଏବଂ ଗ୍ରାମାଂଚଳରେ ୪୫ ଦିନ ପର୍ଯ୍ୟନ୍ତ ବୃଦ୍ଧି କରିବା ସହ ଯୋଗାଣ ପାଇଁ ପ୍ରାଥମିକତା କ୍ଷେତ୍ର ନିର୍ଦ୍ଧାରଣ କରାଯାଇଛି । ଏଲପିଜି ଚାହିଦା ଉପରେ ଚାପ କମାଇବା ପାଇଁ କିରୋସିନ ଏବଂ କୋଇଲା ଭଳି ବିକଳ୍ପ ଜାଳେଣି ଉପଲବ୍ଧ କରାଯାଇଛି । କ୍ଷୁଦ୍ର ଏବଂ ମଧ୍ୟମ ଉପଭୋକ୍ତାଙ୍କୁ ବିତରଣ ପାଇଁ ରାଜ୍ୟଗୁଡ଼ିକୁ ଅତିରିକ୍ତ କୋଇଲା ଯୋଗାଇବାକୁ କୋଇଲା ମନ୍ତ୍ରଣାଳୟ କୋଲ୍ ଇଣ୍ଡିଆ ଏବଂ ସିଙ୍ଗାରେନି କୋଲିୟରିଜକୁ ନିର୍ଦ୍ଦେଶ ଦେଇଛି । କଳାବଜାରୀ ଏବଂ ମହଜୁଦକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ରାଜ୍ୟ ସରକାରମାନଙ୍କୁ ଅତ୍ୟାବଶ୍ୟକ ସାମଗ୍ରୀ ଅଧିନିୟମ, ୧୯୫୫ ଅଧୀନରେ କ୍ଷମତା ଦିଆଯାଇଛି । ଜିଲ୍ଲା ପ୍ରଶାସନ ଦ୍ୱାରା ଦୈନନ୍ଦିନ ପ୍ରବର୍ତ୍ତନ ଅଭିଯାନକୁ ଜୋରଦାର କରିବା ଏବଂ ସୋସିଆଲ ମିଡିଆରେ ଗୁଜବକୁ ରୋକିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ବର୍ତ୍ତମାନ ୨୪ଟି ରାଜ୍ୟ/କେନ୍ଦ୍ରଶାସିତ ଅଂଚଳ ନିୟମିତ ଏ ବାବଦରେ ଗଣମାଧ୍ୟମକୁ ସୂଚିତ କରୁଛନ୍ତି । ଏବେକାର ଏଲପିଜି ଯୋଗାଣ ସ୍ଥିତି ବିଷୟରେ ସୂଚନା ଦେଇ ପେଟ୍ରୋଲିୟମ ଓ ଗ୍ୟାସ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ଏଲପିଜି ବିତରକଙ୍କ ପାଖରେ କୌଣସି ଷ୍ଟକ୍ ଅଭାବ ହୋଇନାହିଁ । ଇଣ୍ଡଷ୍ଟ୍ରିରେ ଅନଲାଇନ ଏଲପିଜି ବୁକିଂ ପ୍ରାୟ ୯୮% କୁ ବୃଦ୍ଧି ପାଇଛି ।

# ଦକ୍ଷିଣ ପୂର୍ବ ରେଳପଥର ନୂତନ ମହାପ୍ରବନ୍ଧକ ଭାବେ ଦାୟିତ୍ୱ ଗ୍ରହଣ କଲେ ଅନିଲ କୁମାର ଜୈନ



କୋଲକାତା : ଶ୍ରୀ ଅନିଲ କୁମାର ଜୈନ ୯ ଏପ୍ରିଲ, ୨୦୨୬ରେ ଦକ୍ଷିଣ ପୂର୍ବ ରେଳପଥର ମହାପ୍ରବନ୍ଧକ ଦାୟିତ୍ୱ ଗ୍ରହଣ କରିଛନ୍ତି । ପୂର୍ବତନ ମହାପ୍ରବନ୍ଧକ, ଶ୍ରୀ ଅନିଲ କୁମାର ମିଶ୍ର ୩୧.୦୩.୨୦୨୬ରେ ସେବାରୁ ଅବସର ନେଇଥିଲେ । ଏହା ପରେ, ଶ୍ରୀ ସୌମିତ୍ର ମଜୁମଦାର, ଅତିରିକ୍ତ ମହାପ୍ରବନ୍ଧକ/ଏସ୍.ଇ.ରେଳୱେ ଏକ ମଧ୍ୟବର୍ତ୍ତୀକାଳୀନ ପଦକ୍ଷେପ ଭାବରେ ୦୧.୦୪.୨୦୨୬ ରୁ ୦୯.୦୪.୨୦୨୬ ପର୍ଯ୍ୟନ୍ତ ମହାପ୍ରବନ୍ଧକ/ଏସ୍.ଇ.ରେଳୱେ ପଦ ଦାୟିତ୍ୱ ତୁଲାଇଥିଲେ । ଏସ୍.ଇ.ରେଳୱେରେ ମହାପ୍ରବନ୍ଧକ ଭାବରେ ଯୋଗଦେବା ପୂର୍ବରୁ, ଶ୍ରୀ ଅନିଲ କୁମାର ଜୈନ ଉତର ପଶ୍ଚିମ ରେଳପଥ, ଜୟପୁରର ପ୍ରମୁଖ ମୁଖ୍ୟ ବୈଦ୍ୟୁତିକ ଇଞ୍ଜିନିୟର ଥିଲେ । ଶ୍ରୀ ଜୈନ ୧୯୯୦ ବ୍ୟାଚର IRSEE (ଭାରତୀୟ ରେଳବାଇ ବୈଦ୍ୟୁତିକ ଇଞ୍ଜିନିୟର ସେବା) ଅଧିକାରୀ ଏବଂ ୧୯୯୧ ରେ ଭାରତୀୟ ରେଳବାଇରେ ଯୋଗ ଦେଇଥିଲେ । ସେ ୧୧.୦୮.୨୦୨୧ ରୁ ୨୧.୦୭.୨୦୨୩ ପର୍ଯ୍ୟନ୍ତ ପଶ୍ଚିମ ରେଳବାଇର ରାଜକୋଟରେ ଡିଭିଜନାଲ ରେଳବାଇ ମ୍ୟାନେଜର ଭାବରେ କାର୍ଯ୍ୟ କରିଥିଲେ । ସେ ଉତର ପଶ୍ଚିମ ରେଳବାଇରେ ମୁଖ୍ୟ ବୈଦ୍ୟୁତିକ ଇଞ୍ଜିନିୟର (ଯୋଜନା), ଦକ୍ଷିଣ ପଶ୍ଚିମ ରେଳବାଇରେ ପ୍ରମୁଖ ମୁଖ୍ୟ ସୁରକ୍ଷା ଅଧିକାରୀ, ବନାରସ ଲୋକୋମୋଟିଭ୍ ୱାର୍କ୍ସରେ ମୁଖ୍ୟ ଡିଜାଇନ୍ ଇଞ୍ଜିନିୟର (ବୈଦ୍ୟୁତିକ), ରେଳ ଇଣ୍ଡିଆ ଟେକ୍ନିକାଲ୍ ଏବଂ ଅର୍ଥନୈତିକ ସେବା (RITES) ର ମହାପ୍ରବନ୍ଧକ ଇତ୍ୟାଦି ସମେତ ଭାରତୀୟ ରେଳବାଇର ଅନେକ ଗୁରୁତ୍ୱପୂର୍ଣ୍ଣ ପଦବୀରେ ମଧ୍ୟ କାର୍ଯ୍ୟ କରିଥିଲେ । ଉଜ୍ଜୈନର ବିକ୍ରମ ବିଶ୍ୱବିଦ୍ୟାଳୟରୁ ବି.ଟେକ୍ ସମାପ୍ତ କରିବା ପରେ, ଶ୍ରୀ ଜୈନ ଓଓଞ୍ଜ, ଦିଲ୍ଲୀରୁ ସ୍ୱର୍ଣ୍ଣ ପଦକ ସହିତ ତାଙ୍କର ଗ.ଞରମଷ ଡିଗ୍ରୀ ହାସଲ କରିଥିଲେ । ସେ ମଣିପାଲ ବିଶ୍ୱବିଦ୍ୟାଳୟରୁ ଗଈଇ ମଧ୍ୟ ସମାପ୍ତ କରିଥିଲେ । ସେ ଜାପାନରେ ଭାରୀ ପରିବହନ ବ୍ୟବସ୍ଥା ଉପରେ ତାଲିମ କାର୍ଯ୍ୟକ୍ରମ ଗ୍ରହଣ କରିଛନ୍ତି । ସେ ନିର୍ଭରଯୋଗ୍ୟତା ଇଞ୍ଜିନିୟରିଂରେ ମଧ୍ୟ ତାଲିମପ୍ରାପ୍ତ । ସେ ଗୁଜରାଟ ମେଟ୍ରୋ ରେଳ କର୍ପୋରେସନ ଲିମିଟେଡର ଏକ ପ୍ରକଳ୍ପ ପାଇଁ ରୋଲିଂ ଷ୍ଟକର ଡିଜାଇନ୍ ଚୂଡ଼ାନ୍ତ କରିବା ପାଇଁ ଦକ୍ଷିଣ କୋରିଆ ଏବଂ ଜାପାନ ମଧ୍ୟ ଗସ୍ତ କରିଥିଲେ ।

# ଆଇପିଏଲ-୨୦୨୬ : ଦିଲ୍ଲୀ ଆଗରେ ୨୧୩ ରନ୍ର ବିଜୟ ଲକ୍ଷ୍ୟ ରଖିଲା ଚେନ୍ନାଇ



ଚେନ୍ନାଇ: ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୬ର ଅଷ୍ଟାଦଶ ମ୍ୟାଚ୍ରେ ଚେନ୍ନାଇ ସୁପର କିଙ୍ଗ୍ ?ସ ଏବଂ ଦିଲ୍ଲୀ କ୍ୟାପିଟାଲ୍ସ ମୁହାଁମୁହିଁ ହୋଇଛନ୍ତି । ଚେନ୍ନାଇର ଏମ୍ଏ ଚିଦାମ୍ବରମ୍ ଷ୍ଟାଡିୟମରେ ଶନିବାର ଖେଳାଯାଉଥିବା ଏହି ମ୍ୟାଚ୍ରେ ଟସ୍ ଜିଣି ଦିଲ୍ଲୀ ପ୍ରଥମେ ବୋଲିଂ କରିବାକୁ ନିଷ୍ପତି ନେଇଥିଲା । ଚେନ୍ନାଇ ନିର୍ଦ୍ଧାରିତ ୨୦ ଓଭରରେ ୨ଟି ୱିକେଟ୍ ହରାଇ ୨୧୨ ରନ୍ ସଂଗ୍ରହ କରିଛି । ଫଳରେ ଦିଲ୍ଲୀକୁ ଏହି ମ୍ୟାଚ୍ ଜିତିବା ପାଇଁ ୨୧୩ ରନ୍ ଦରକାର ଅଛି । ଚେନ୍ନାଇରେ ଆଇପିଏଲ୍ର ୧୯ତମ ସଂସ୍କରଣର ପ୍ରଥମ ଶତକ ଦର୍ଶକଙ୍କୁ ଦେଖିବାକୁ ପାଇଛନ୍ତି ଏବଂ ଏହା ସଂଜୁ ସାମସନଙ୍କ ଦ୍ୱାରା ହୋଇପାରିଛି । ସାମସନ୍ ୫୨ଟି ବଲ୍ ଖେଳି ୧୪ ଚୌକା ଏବଂ ୩ଟି ଛକା ବଳରେ ତାଙ୍କର ଶତକ (୧୦୨ ରନ୍) ହାସଲ କରିଛନ୍ତି । ସଂଜୁ ସାମସନ୍ ଏବଂ ଅଧିନାୟକ ଋତୁରାଜ ଗାଏକ୍ୱାର୍ଡ ଚେନ୍ନାଇର ପାଳି ଆରମ୍ଭ କରିଥିଲେ । ଉଭୟ ବ୍ୟାଟର ପ୍ରଥମ ୱିକେଟ୍ ପାଇଁ ୬୨ ରନ୍ର ଭାଗିଦାରୀ କରିପାରିଥିଲେ । ଗାଏକ୍ୱାର୍ଡ ୧୮ଟି ବଲ୍ର ସାମ୍ନା କରି ୧୫ ରନ୍ କରିଥିଲେ । ଏଥିରେ ଗୋଟିଏ ଚେଛକା ସାମିଲ ଥିଲା । ସଂଜୁ ସାମସନ ତାଙ୍କର ଇନିଂସରେ ଦମଦାର ପ୍ରଦର୍ଶନ କରିଥିଲେ । ସେ ଅପରାଜିତ ୧୧୫ ରନ୍ କରିଛନ୍ତି । ଏଥି ପାଇଁ ସାମସନ୍ ୫୫ଟି ବଲ୍ର ସାମ୍ନା କରିଥିଲେ । ସେ ୧୫ଟି ଚେ ?କା ଏବଂ ୪ଟି ଛକା ମାରିଥିଲେ । ସେହିପରି ଆୟୁଷ ମାହାତ୍ରେ ରିଟାର୍ଡ ଆଉଟ୍ ହେବା ପୂର୍ବରୁ ୩୬ଟି ବଲ୍ ଖେଳି ଥିଲେ । ସେ ୩ଟି ଚେ ?କା ଏବଂ ୪ଟି ଛକା ବଳରେ ୫୯ ରନ୍ ସଂଗ୍ରହ କରିଥିଲେ ।

# ଏସିଆନ ବ୍ୟାଡ଼ମିଂଟନ ଚାମ୍ପିୟନସିପ୍ ଫାଇନାଲରେ ପ୍ରବେଶ କରି ଇତିହାସ ରଚିଲେ ଆୟୁଷ



ନୂଆଦିଲ୍ଲୀ: ଭାରତର ଯୁବ ବ୍ୟାଡମିଂଟନ ଖେଳାଳି ଆୟୁଷ ଶେଟ୍ଟୀ ପୁରୁଷ ସିଙ୍ଗଲ୍ସ ବିଭାଗରେ ଇତିହାସ ରଚିଛନ୍ତି । ୬୦ ବର୍ଷ ପରେ ପ୍ରଥମ ଭାରତୀୟ ଭାବେ ଏସିଆନ ବ୍ୟାଡମିଂଟନ ଚାମ୍ପିୟନଶିପର ଫାଇନାଲରେ ପ୍ରବେଶ କରିଛନ୍ତି । ତାଙ୍କ ପୂର୍ବରୁ ଦୀନେଶ ଖାନ୍ନା ୧୯୬୫ରେ ସିଙ୍ଗଲ୍ସ ଟାଇଟଲ ଜିତିଥିଲେ । ୨୦୨୩ରେ ସାତ୍ୱିକ ସାଇରାଜ ଓ ଚିରାଗ ଶେଟ୍ଟୀ ଡବଲ୍ସ ଟାଇଟାଲ ହାସଲ କରିଥିଲେ । ସେମିଫାଇନାଲରେ ଭାରତର ଆୟୁଷ ବିଶ୍ୱର ଏକ ନମ୍ବର ଖେଳାଳି ଥାଇଲାଣ୍ଡର କୁଲ୍ଲାବତ ବିତିଦର୍ସନଙ୍କୁ ୧୦-୨୧, ୨୧-୧୯ ଓ ୨୧-୧୭ରେ ପରାଜିତ କରିଥିଲେ । ଟାଇଟଲ ମୁକାବିଲାରେ ଆୟୁଷ ଚାଉ ତିୟେନ ଚେନ ଓ ଶୀ ୟୁକଙ୍କ ମଧ୍ୟରେ ହେବାକୁ ଥିବା ମ୍ୟାଚର ବିଜେତାଙ୍କୁ ଭେଟିବେ । ପୂର୍ବରୁ ଦୀନେଶ ଲକ୍ଷ୍ନୌରେ ଖେଳା ଯାଇଥିବା ଚାମ୍ପିୟନଶିପରେ ଥାଇଲାଣ୍ଡର ପ୍ରତିଦ୍ୱନ୍ଦ୍ୱୀଙ୍କୁ ହରାଇ ଭାରତ ପାଇଁ ପ୍ରଥମ ଟାଇଟଲ ହାସଲ କରିଥିଲେ ।

# ଆଇପିଏଲ-୨୦୨୬ : ହାଇଦ୍ରାବାଦକୁ ୬ ୱିକେଟରେ ହରାଇଲା ପଞ୍ଜାବ



ନୂଆଦିଲ୍ଲୀ : ହାଇଦ୍ରାବାଦକୁ ୬ ୱିକେଟରେ ହରାଇଲା ପଞ୍ଜାବ । ଅଧିନାୟକ ଶ୍ରେୟସ ଆୟାରଙ୍କ ଅପରାଜିତ ଅର୍ଦ୍ଧଶତକୀୟ ପାଳି । ୩୩ ବଲରୁ ୬୯ ରନର ବିସ୍ଫୋରକ ପାଳି ଖେଳିଛନ୍ତି । ୨୨୦ ରନର ବିଜୟ ଲକ୍ଷ୍ୟକୁ ୧୮ ଓଭର ୫ ବଲରେ ସଂଗ୍ରହ କରିଛି ପଞ୍ଜାବ । ୪ ୱିକେଟ୍ ହରାଇ ସହଜରେ ଏହି ସ୍କୋରକୁ ପୂରଣ କରିପାରିଛି । ଦଳର ଦୁଇ ଓପନର ପ୍ରଭ ସିମରନ ଏବଂ ପ୍ରୀୟାନ୍ସ ଆର୍ଯ୍ୟ ମଧ୍ୟ ଅର୍ଦ୍ଧଶତକୀୟ ପାଳି ଖେଳି ଦଳକୁ ବିଜୟୀ କରାଇବାରେ ସହାୟକ ହୋଇଛନ୍ତି । ୨୨୦ ରନର ପିଛା କରୁଥିବାବେଳେ ପ୍ରଥମରୁ ଦୁଇ ଓପନର ହାଇଦ୍ରାବାଦ ବୋଲରଙ୍କୁ ଧୂଲେଇ କରିବା ଆରମ୍ଭ କରିଥିଲେ । ପାୱାର ପ୍ଲେ ମଧ୍ୟରେ ଦୁଇ ଖେଳାଳି ୯୬ ରନ କରିଥିଲେ । ପ୍ରିୟାଂଶ ୨୦ ବଲରୁ ୫୭ ରନ କରିଥିବାବେଳେ ପ୍ରଭସିମରନ୍ ୨୫ ବଲରୁ ୫୧ ରନ କରିବାରେ ସକ୍ଷମ ହୋଇଛନ୍ତି । ଶେଷରେ ଶ୍ରେୟସ ଏକାକି ଦଳକୁ ବିଜୟୀ କରାଇଥିବାବେଳେ ଶଶାଙ୍କ ସିଂହ ୯ ବଲରୁ ୧୬ ରନ୍ କରିଛନ୍ତି । ଟସ୍ ଜିତି ପ୍ରଥମେ ବୋଲିଂ ନିଷ୍ପତି ନେଇଥିଲା ପଞ୍ଜାବ । ପ୍ରଥମେ ବ୍ୟାଟିଂ କରି ୬ ୱିକେଟ୍ ବିନିମୟରେ ୨୧୯ ରନ କରିଥିଲା ହାଇଦ୍ରାବାଦ । ଦଳର ଓପନର ଅଭିଷେକ ଶର୍ମା ୨୮ ବଲରୁ ୭୪ ରନ କରିଥିବାବେଳେ ସାଥୀ ଖେଳାଳି ଟ୍ରାଭିସ୍ ହେଡ୍ ୨୩ ବଲରୁ ୩୮ ରନର ପାଳି ଖେଳିଥିଲେ । ଏହି ଦୁଇ ଓପନର ଯୋଡ଼ି ୧୨୦ ରନର ପାର୍ଟନରସିପ କରିଥିଲେ । ପ୍ରଥମେ ଅଭିଷେକ ଏବଂ ପରେ ହେଡ ଆଉଟ୍ ହୋଇଥିଲେ । ବିଶାଳ ସ୍କୋର ଅଭିମୁଖେ ଏହି ଦୁଇ ଖେଳାଳି ଅଗ୍ରସର କରୁଥିବାବେଳେ ଗୋଟିଏ ଓଭରରେ ଏମାନଙ୍କୁ ଆଉଟ୍ କରିଥିଲେ ଶଶାଙ୍କ ସିଂହ । ପରେ ଇଶାନ କିଷନ ୧୭ ବଲରୁ ୨୭ ଏବଂ ଅନିକେତ ବର୍ମା ୯ ବଲରୁ ୧୮ ରନର ପାଳି ଖେଳିଥିଲେ । ବାକି ଖେଳାଳିଙ୍କ ମଧ୍ୟରେ ସାଇ ଅରୋରା ୮ ବଲରୁ ୯ ରନ୍ କରିଥିବାବେଳେ କ୍ଲାସେନ୍ ୩୯ ରନର ପାଳି ଖେଳିଛନ୍ତି । ସେପଟେ ପଞ୍ଜାବ ପକ୍ଷରୁ ଅର୍ଶଦୀପ ଏବଂ ଶଶାଙ୍କ ସିଂହ ୨ଟି ଲେଖାଏଁ ୱିକେଟ୍ ନେବାରେ ସଫଳ ହୋଇଛନ୍ତି । ବାର୍ସଲେଟ ଗୋଟିଏ ୱିକେଟରେ ସନ୍ତୁଷ୍ଟ ହୋଇଥିଲେ ।

Printed & Published by Kishore Das, Owner & Editor Nirmalya Mohanty & Printed at Nirmalya Offset Press, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Managing Editor- Laxminarayan Mohanty, ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି BBSR (Office) Telefax- 0674-2395135, Editor- Nirmalya Mohanty, ସମ୍ପାଦକ- ନିର୍ମାଲ୍ୟ ମହାନ୍ତି